# ଧରିତ୍ରୀ DHARITRI

ଢେଙ୍କାନାଳ, ସୋମବାର, ଅଗଷ୍ଟ ୧୦/୨୦୨୦ (୧୨ ପୃଷ୍ଠା) | Dhenkanal, Monday, August 10/2020 | ★★★★★

୧୬ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ଭର୍ଷ୍ଟାପେନଙ୍କୁ ଟାଇଟଲ

ରେଡବୁଲ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ରବିବାର ସିଲଭରଷ୍ଟୋନରେ ଅନୁଷ୍ଠିତ ଫର୍ମୁଲାୱାନର ୭୦ତମ ଆନିଭର୍ସାରି ଗ୍ରାଁ ପ୍ରି ରେସ ଟାଇଟଲ ହାସଲ କରିଛନ୍ତି।

୧୨

୧୦

## ଓଡ଼ିଶାର କଳାକୃତିକୁ ଦୀପିକା ସିଂଙ୍କ ପ୍ରଶଂସା

ଟେଲି ଅଭିନେତ୍ରୀ ଦୀପିକା ସିଂଙ୍କୁ ଏକ ଭିଡିଓରେ ଓଡ଼ିଶୀ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଓଡ଼ିଶା ଶାଢ଼ିକୁ ସେ ପ୍ରଶଂସା କରିବା ସହ ଓଡ଼ିଶାର କଳାକୃତି ଅନନ୍ୟ ବୋଲି କହିଛନ୍ତି।



## ରହିଲା କାଳିଆ

ଭୁବନେଶ୍ୱର,୯।୮(ବ୍ୟୁରୋ)

ଅଯୋଗ୍ୟ ହିତାଧିକାରୀଙ୍କଠାରୁ କାଳିଆ ଯୋଜନା ବାବଦ ଟଙ୍କା ଫେରସ୍ତ ନିଷ୍ପତ୍ତିକୁ ରାଜ୍ୟ ସରକାର ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ରାଜ୍ୟରେ କରୋନା ସ୍ଥିତି ଏବଂ ଖରିଫ ଚାଷକୁ ନଜରରେ ରଖି ଚାଷୀଙ୍କ ଉପରେ ଅଧିକ ଚାପ ନ ଦେବା ଉଦ୍ଦେଶ୍ୟରେ ସରକାର ରବିବାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏନେଇ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲାର ଜିଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରକାଶ ଯେ, ରାଜ୍ୟରେ ମୋଟ ୫୧ଲକ୍ଷ କାଳିଆ ହିତାଧିକାରୀଙ୍କୁ ଟଙ୍କା ଦିଆଯାଇଛି। ସେଥିରେ ୯୮ ପ୍ରତିଶତ ଯୋଗ୍ୟ ଥିବାବେଳେ ୧,୦୬,୬୩୧ ଅର୍ଥାତ ପ୍ରାୟ ୨ ପ୍ରତିଶତ ଅଯୋଗ୍ୟ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**କେବଳ ଧ୍ୱନି, କମାଣ ନାହିଁ**

### ଆଜିର ମନ୍ତବ୍ୟ

“ ସଶକ୍ତ ଓ ଭାବନାତ୍ମକ ରୂପରେ ଏକୀକୃତ ରାଷ୍ଟ୍ର ଗଠନ ପାଇଁ ‘ଜିଟ୍ ଇଣ୍ଡିଆ’ ଅଭିଯାନ କରିବାକୁ ହେବ।

**-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

# କୃଷି ଭିତ୍ତିଭୂମି ପାଇଁ ଲକ୍ଷେ କୋଟି

ନୂଆଦିଲ୍ଲୀ,୯।୮(ପି.ଟି.)

ଦେଶର କୃଷକମାନଙ୍କ ପାଇଁ କେନ୍ଦ୍ର ସରକାର ରବିବାର ଏକ ବଡ଼ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି କ୍ଷେତ୍ରରେ ସଂସ୍କାର ଆଣିବାକୁ ଯାଇ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠିର ଶୁଭାରମ୍ଭ କରିଛନ୍ତି। ଏହା କ୍ଷୁଦ୍ରଚାଷୀମାନଙ୍କୁ ସଶକ୍ତ କରିବ। ଏହାସହ ଅମଳ ପରବର୍ତ୍ତୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ରବିବାର ଥିଲା ବଳରାମ ଜୟନ୍ତୀ। ଏହି ଦିନ କୃଷକମାନେ ନିଜ ହଳଲଙ୍ଗଳ ପୂଜା କରିଥାନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ କୃଷକମାନଙ୍କୁ ୧ ଲକ୍ଷ କୋଟି ଟଙ୍କାର ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତରେ ସଂରକ୍ଷଣ, କୋଲ୍ଡ ଚେନ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ଅମଳ ପରବର୍ତ୍ତୀ ପରିଚାଳନା ସମାଧାନ ଏବଂ ଜୈବିକ ତଥା ପୁଷ୍ଟିକର ଖାଦ୍ୟ କ୍ଷେତ୍ରରେ ବିଶ୍ୱରେ ଉପସ୍ଥିତି ଜାହିର ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। କୃଷି ସମ୍ପର୍କିତ ଭିତ୍ତିଭୂମି ସୁବିଧା ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇଛି।




କୃଷି ଭିତ୍ତିଭୂମି ପାଣ୍ଠିର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସରେ ସମ୍ବୋଧନ କରୁଛନ୍ତି।

ଏହା ଗ୍ରାମାଞ୍ଚଳରେ ଉନ୍ନତ ଷ୍ଟୋରେଜ ଫାସିଲିଟି ଏବଂ ଆଧୁନିକ ଶୀତଳଭଣ୍ଡାର ଶୃଙ୍ଖଳା ପ୍ରତିଷ୍ଠାରେ ସହାୟକ ହେବ। ଏହି ସ୍କିମ୍ କୃଷି କ୍ଷେତ୍ରରେ ଷ୍ଟାର୍ଟ-ଅପ୍‌ମାନଙ୍କୁ ସୁବିଧା ହାସଲ ଓ ଉତ୍ପାଦନ ବୃଦ୍ଧି ପାଇଁ ଉତ୍ତମ ସୁଯୋଗ ପ୍ରଦାନ କରିବ। ଏହାସହ ଏପରି ଏକ ଜୈବଶୃଙ୍ଖଳ ପ୍ରତିଷ୍ଠା ହେବ, ଯାହା ଦେଶର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ଚାଷୀଙ୍କ ନିକଟରେ ପହଞ୍ଚିପାରିବ।

କୃଷି ଭିତ୍ତିଭୂମି ପାଣ୍ଠି ଲଞ୍ଚ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ସମେତ କର୍ଣ୍ଣାଟକ, ଗୁଜରାଟ ଓ ମଧ୍ୟପ୍ରଦେଶର ଚାଷୀମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ସାମିଲ ହୋଇଥିଲେ। ଏହି ରାଜ୍ୟଗୁଡ଼ିକର ଚାଷୀମାନେ ନବଗଠିତ ପାଣ୍ଠିରୁ ପ୍ରାଇମେରି ଏଗ୍ରିକଲ୍‌ଚର କ୍ରେଡିଟ୍ ସୋସାଇଟିଜ୍ (ପିଏସିଏସ୍) ଜରିଆରେ ଋଣ ସୁବିଧା ପାଇବାରେ ପ୍ରଥମ। ପିଏସିଏସ୍, କୃଷକ ଗୋଷ୍ଠୀ, ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ(ପିଏଫ୍‌ଓ), କୃଷି ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ କୃଷି କାରିଗରଙ୍କୁ କେତେକ ☞ପୃଷ୍ଠା-୪

## ଚାଷୀଙ୍କ ଖାତାକୁ ଗଲା ୧୭ ହଜାର କୋଟି ଟଙ୍କା

ନୂଆଦିଲ୍ଲୀ,୯।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରାୟ ସାଢ଼େ ଆଠ କୋଟି ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୭,୦୦୦ କୋଟି ଟଙ୍କା ପଠାଇଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାରେ ଏହି ଅର୍ଥକୁ ୮.୫ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ଅକାଉଣ୍ଟକୁ ଇ-ଟ୍ରାନ୍ସଫର କରାଯାଇଛି। ସିଙ୍ଗଲ କ୍ଲିକ୍‌ରେ ଏବଂ ବିନା କୌଣସି ମଧ୍ୟସ୍ଥ ବା କମିଶନରେ ଏହା ସିଧାସଳଖ ଚାଷୀମାନଙ୍କ ପାଖରେ ପହଞ୍ଚିଛି। ଏହି ଯୋଜନାରେ ଉଦ୍ଦେଶ୍ୟ ସାଧିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ୨୦୧୮ରେ ଦେଶର କୃଷକମାନଙ୍କୁ ବାର୍ଷିକ ୬,୦୦୦ ଟଙ୍କାର ପ୍ରତ୍ୟେକ ସହାୟତା ପ୍ରଦାନ ପାଇଁ ପିଏମ୍-କିଷାନ ଯୋଜନା କରାଯାଇଥିଲା। ☞ପୃଷ୍ଠା-୪

# ୪୫ ହଜାର ଟପିଲା, ମୃତ୍ୟୁ ୨୭୨ ଛୁଇଁଲା

ଭୁବନେଶ୍ୱର, ୯।୮(ବ୍ୟୁରୋ)

ପୂର୍ବରୁ କେବଳ ସଂକ୍ରମଣ ହୁହୁ ହୋଇ ବଢୁଥିଲା। ଏବେ କିଛିଦିନ ହେବ ଦୈନିକ କରୋନା ମୃତ୍ୟୁ ସଂଖ୍ୟା ୧୦ ଉପରେ ରହୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୧୭୩୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୫,୯୨୭ରେ ପହଞ୍ଚିଛି। ସେହିଭଳି ଆଉ ୧୪ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କରୋନାରେ ୧୩ଜଣ ଓ ଅନ୍ୟ ରୋଗରେ ଜଣେ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ୨୭୨ ଛୁଇଁଥିବାବେଳେ ଅଣକୋଭିଡ୍ ମୃତ୍ୟୁ ୪୯ ରହିଛି।

ଏବେ ଗଞ୍ଜାମରେ କରୋନା ସଂକ୍ରମଣ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି। ହେଲେ ଖୋର୍ଦ୍ଧା ଜିଲାରେ ସ୍ଥିତି ଅଣାୟତ୍ତ ଆଡକୁ ଗତି କରୁଛି। ଲଗାତର ୩ ଦିନ ଧରି ଏହି ଜିଲା ଏବେ ଚିହ୍ନଟ ଆକ୍ରାନ୍ତଙ୍କ ସଂଖ୍ୟାରେ ଶୀର୍ଷରେ ରହୁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରେ ୩୪୨ଜଣ ରହିଥିବାବେଳେ ଏହା ତଳକୁ ଗଞ୍ଜାମରେ ୨୨୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ୧୭୭, ସୁନ୍ଦରଗଡ଼ ୧୨୬, ନୟାଗଡ଼ ୧୦୬, ଗଜପତି ୮୫, ବାଲେଶ୍ୱର ୭୩, କୋରାପୁଟ ୬୦, କନ୍ଧମାଳ ୫୯, ଭଦ୍ରକ ୫୮, ପୁରୀ ୫୫, ମାଲକାନଗିରି ୫୨, ବରଗଡ଼ ୫୧, ଯାଜପୁର ୩୮, ମୟୂରଭଞ୍ଜ ୩୫, ଢେଙ୍କାନାଳ ୨୯, ☞ପୃଷ୍ଠା-୪

### ଖୋର୍ଦ୍ଧା ସ୍ଥିତି ଅଣାୟତ୍ତ, ଦିନକରେ ୩୪୨

- ୧୭୩୪ ନୂଆ ପଜିଟିଭ୍ ଚିହ୍ନଟ, ୧୪ ଜଣଙ୍କ ଜୀବନ ଗଲା
- କରୋନାରେ ୧୩ ଓ ଅନ୍ୟରୋଗରେ ଜଣେ ଆକ୍ରାନ୍ତ ମୃତ
- କଟକରେ ୩ ହଜାର, ସମ୍ବଲପୁର ଓ ନୟାଗଡ଼ରେ ହଜାରେ ଡେଇଁଲା ଆକ୍ରାନ୍ତ








ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ରାମମନ୍ଦିର ପାଇଁ ଉତ୍ତରପ୍ରଦେଶର ଇଟାହ ଜିଲା ଜଲେସରରେ ୨,୧୦୦ କେ.ଜି.ର ଏକ ଘଣ୍ଟି ନିର୍ମାଣ କରାଯାଇଛି। ଏହାକୁ ଉଭୟ ହିନ୍ଦୁ ଓ ମୁସଲମାନ କାରିଗରଙ୍କ ଏକ ଟିମ୍ ୪ ମାସରେ ତିଆରି କରିଛି। ଦାଉ ଦୟାଲ(୫୦)ଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏହି ଅଷ୍ଟଧାତୁ ଘଣ୍ଟିର ଡିଜାଇନିଂ ଓ ପଲିସିଂ କାର୍ଯ୍ୟ ଇକ୍‌ବାଲ ମିସ୍ତ୍ରି (୫୬)ଙ୍କ ତଦାରଖରେ କରାଯାଇଛି।

## ସଂକ୍ଷେପରେ

### ସୋନିଆ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ରହିବେ



**ନୂଆଦିଲ୍ଲୀ, ୯।୮(ପି.ଟି.):** ନୂଆ ଅଧ୍ୟକ୍ଷ ନିର୍ବାଚନ ଲାଗି ଉପଯୁକ୍ତ ପ୍ରକ୍ରିୟା କାର୍ଯ୍ୟକାରୀ ନ ହେବା ଯାଏ ସୋନିଆ ଗାନ୍ଧୀ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ରହିବେ ବୋଲି ରବିବାର ଦଳ ପକ୍ଷରୁ କୁହାଯାଇଛି। ଗତବର୍ଷ ଅଗଷ୍ଟ ୧୦ରେ ସୋନିଆ ଦଳର ଅନ୍ତରୀଣ ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ। ସୋମବାର ତାଙ୍କର କାର୍ଯ୍ୟକାଳ ଶେଷ ହେଉଛି। ତେବେ ସୋମବାରଠାରୁ ଏହି ପଦ ଖାଲିପଡ଼ିବ ନାହିଁ। ନୂଆ ନେତା ନିର୍ବାଚିତ ହେବା ପର୍ଯ୍ୟନ୍ତ ସୋନିଆ ଅନ୍ତରୀଣ ଅଧ୍ୟକ୍ଷ ପଦରେ ରହିବେ ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି ଅନଲାଇନ ଜରିଆରେ ଗଣମାଧ୍ୟମକୁ କହିଛନ୍ତି। ନିର୍ବାଚନ ପ୍ରକ୍ରିୟା ଉପରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) କାର୍ଯ୍ୟ କରୁଛି ଏବଂ ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଇଡୁକି ଭୂସ୍ଖଳନ ମୃତ୍ୟୁସଂଖ୍ୟା ୪୩

**କୋଚି, ୯।୮:** କେରଳର ଇଡୁକି ଜିଲାରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ରବିବାର ୪୩ରେ ପହଞ୍ଚିଛି। ମାଟି ଅତଡ଼ା ତଳୁ ରବିବାର ଆଉ ୧୬ଟି ମୃତଦେହ ଉଦ୍ଧାର କରାଯାଇଥିଲା। ଭୂସ୍ଖଳନରେ ଚା' ବଗିଚାରେ କାର୍ଯ୍ୟରତ କର୍ମଚାରୀଙ୍କର ୨୦ଟି ଘର ଧ୍ୱଂସ ହୋଇଯାଇଛି। ୩ ଦିନ ପରେ ବି ମାଟି ତଳେ ଆହୁରି ମୃତଦେହ ରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ସ୍ନିଫର ଡଗ୍ ସହାୟତା ନିଆଯାଇଛି। ଭୂସ୍ଖଳନ ଘଟିଥିବା ସ୍ଥାନରେ ୭୮ ଜଣ ରହୁଥିଲେ। ୧୨ ଜଣଙ୍କୁ ଉଦ୍ଧାର କରଯାଇଥିବାବେଳେ ୪୩ ମୃତଦେହ ମିଳିଛି। ଅନ୍ୟମାନଙ୍କୁ ଖୋଜି ବାହାର କରିବା ଲାଗି ଉଦ୍ୟମ ଜାରି ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଜମ୍ମୁ-କଶ୍ମୀରର ୪ ଭାଜପା ନେତାଙ୍କ ଇସ୍ତଫା

**ଜମ୍ମୁ, ୯।୮:** ଜମ୍ମୁ-କଶ୍ମୀରର ବଡ୍‌ଗାମ ଜିଲାର ଭାଜପା କର୍ମୀ ଅବଦୁଲ୍ ହମିଦ ନାଜାର ରବିବାର ସକାଳେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାର କିଛି ଘଣ୍ଟା ପରେ ଉକ୍ତ ଜିଲାର ୪ ଜଣ ଭାଜପା ନେତା ଦଳରୁ ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଦଳର ଜିଲା ସାଧାରଣ ସମ୍ପାଦକ ଏବଂ ଏମ୍‌ଏମ୍ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅଛନ୍ତି। ଉପତ୍ୟକାରେ ଦଳୀୟ କର୍ମୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଭୀରୁତାର ପରିଚୟ। ଏଥିରୁ ପାକିସ୍ତାନର ନିରାଶା ସ୍ପଷ୍ଟ ହେଉଛି ବୋଲି ଜମ୍ମୁ-କଶ୍ମୀର ଭାଜପା ସଭାପତି ରବିନ୍ଦର ରାଇନା କହିଛନ୍ତି।

# ୧୦୧ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବନ୍ଦ

**ନୂଆଦିଲ୍ଲୀ,୯।୮**

ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚାଇନା ଏବଂ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନ ସହ ମୁହାଁମୁହିଁ ସ୍ଥିତିରେ ଥିବା ଭାରତ ରବିବାର ପ୍ରତିରକ୍ଷା ସାମଗ୍ରୀ ଆମଦାନୀ କ୍ଷେତ୍ରରେ ଏକ ବଡ଼ ନିଷ୍ପତ୍ତି ନେଇଛି। ସଶସ୍ତ୍ର ବଳ ପାଇଁ ବିଦେଶରୁ ଆମଦାନୀ କରାଯାଉଥିବା ୧୦୧ ପ୍ରତିରକ୍ଷା ସାମଗ୍ରୀ ଉପରେ କେନ୍ଦ୍ର ସରକାର କଟକଣା ଲଗାଇଛନ୍ତି। ବନ୍ଧୁକରୁ ନେଇ କ୍ଷେପଣାସ୍ତ୍ର ଯାଏ ଏହି ଅସ୍ତ୍ରଶସ୍ତ୍ର ଓ ଆନୁସଙ୍ଗିକ ଉପକରଣର ତାଲିକା ପ୍ରସ୍ତୁତ କରାଯାଇଛି। ଉକ୍ତ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ୨୦୨୪ ପର୍ଯ୍ୟନ୍ତ କଟକଣା ଜାରି ରହିବ। ଏହାଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଆତ୍ମନିର୍ଭର ଭାରତ ଅଭିଯାନ'କୁ ପ୍ରୋତ୍ସାହନ ମିଳିବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଦୃଢ଼ୋକ୍ତି ବାଢ଼ିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମକୁ କେତେକ ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନକାରୀ କମ୍ପାନୀ ସ୍ୱାଗତ କରିଥିବାବେଳେ ଆଉ କେତେକ ମହଲରେ ତରବରିଆ ଭାବେ ନିଆଯାଇଥିବା ଅପରିପକ୍ୱ ପଦକ୍ଷେପ ବୋଲି ସମାଲୋଚନା କରାଯାଇଛି।

ଘରୋଇ ପ୍ରତିରକ୍ଷା ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାକୁ ଯାଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ରବିବାର ନିଜ ଟୁଇଟର ହ୍ୟାଣ୍ଡଲରେ ଏକାଧିକ ଟୁଇଟ୍ କରିଛନ୍ତି। ରାଜନାଥ କହିଛନ୍ତି, ଆର୍ଟିଲିଏରି ଗନ୍, କ୍ଷେପଣାସ୍ତ୍ର ବିଧ୍ୱଂସକ, ଜାହାଜବାହୀ କ୍ରୁଜ୍ ମିଶାଇଲ, ହାଲୁକା ଯୁଦ୍ଧବିମାନ, ହାଲୁକା ମାଲବାହୀ ବିମାନ, ଭୂପୃଷ୍ଠର ଦୂରଗାମୀ କ୍ରୁଜ୍ ମିଶାଇଲ, ଯୋଗାଯୋଗ ଉପଗ୍ରହ, ବେସିକ୍ ଟ୍ରେନର ଏୟାରକ୍ରାଫ୍ଟର ଆମଦାନୀ ଉପରେ କଟକଣା ଲଗାଯାଇଛି। ଏହାସହ ମଲ୍ଟି ବ୍ୟାରେଲ ରକେଟ ଲଞ୍ଚର୍, ବିଭିନ୍ନ ପ୍ରକାର ରାଡାର, ଆସଲ୍ଟ ରାଇଫଲ୍ସ, ସ୍ନିପର ରାଇଫଲ୍ସ, ମିନି ୟୁଏଭି ସମେତ ଅନ୍ୟ କେତେକ ଅସ୍ତ୍ରଶସ୍ତ୍ରକୁ ନେଇ ତାଲିକା ପ୍ରସ୍ତୁତ କରାଯାଇଛି। ୨୦୨୦ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଏହିସବୁ ସାମଗ୍ରୀ ଉପରେ କଟକଣା ଜାରି ରହିବ। ବିଭିନ୍ନ ପର୍ଯ୍ୟାୟରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ପରେ ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ଏହି ପଦକ୍ଷେପ ସହାୟକ ହେବ ବୋଲି ରାଜନାଥ କହିଛନ୍ତି। ସେହିପରି ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବନ୍ଦ ହେବା ଫଳରେ ପଡ଼ିବାକୁ ଥିବା ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ ଦେଶରେ ଉଚିତ ସମୟରେ ସେଗୁଡ଼ିକର ଉତ୍ପାଦନକୁ ସୁନିଶ୍ଚିତ କରାଯିବ। ଏହି ତାଲିକାରେ ଚକଯୁକ୍ତ ଆର୍ମୋର୍ଡ ଫାଇଟିଂ ଭେହିକିଲ(ଏଏଫ୍‌ଭି) ମଧ୍ୟ ରହିଛି, ଯାହାର ଆମଦାନୀ ଉପରେ ୨୦୨୧ ଡିସେମ୍ବରରୁ କଟକଣା ଲଗାଯିବ।



### ରାଜନାଥ ସିଂ ଘୋଷଣା କଲେ



- ୨୦୨୪ ପର୍ଯ୍ୟନ୍ତ ଜାରି ରହିବ ଆମଦାନୀ କଟକଣା
- ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ନିର୍ମାଣକୁ ପ୍ରୋତ୍ସାହନ
- ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପ ୪ ଲକ୍ଷ କୋଟିର ଉପକରଣ ଉତ୍ପାଦନ କରିବ

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କ୍ୟାପିଟାଲ ପ୍ରୋକ୍ୟୋରମେଣ୍ଟ ବଜେଟକୁ ଦୁଇଭାଗ କରାଯାଇଛି। ଏଥିରେ ଘରୋଇ ଓ ବିଦେଶୀ କ୍ୟାପିଟାଲ ପ୍ରୋକ୍ୟୋରମେଣ୍ଟ ସକାଶେ ସ୍ୱତନ୍ତ୍ର ଆବଣ୍ଟନ କରାଯାଇଛି। ଏହାସହ ଚଳିତ ଆର୍ଥିକ ବର୍ଷରେ ଘରୋଇ ପୁଞ୍ଜିଗତ ଅଧିଗ୍ରହଣ ପାଇଁ ପ୍ରାୟ ୫୨,୦୦୦ କୋଟି ଟଙ୍କାର ଏକ ଅଲଗା ବଜେଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ନୂଆ କଟକଣା ଯୋଗୁ ଆସନ୍ତା ୫ରୁ ୭ ବର୍ଷ ମଧ୍ୟରେ ଘରୋଇ ଉଦ୍ୟୋଗ ପ୍ରାୟ ୪ ଲକ୍ଷ କୋଟି ଟଙ୍କାର ଉପକରଣ ଉତ୍ପାଦନ ପାଇଁ ସୁଯୋଗ ପାଇବ । ଏଥିରୁ ସେନା ଓ ବାୟୁସେନା ପାଇଁ ୧.୩ ଲକ୍ଷ କୋଟି ଟଙ୍କା ଲେଖାଏ ଏବଂ ନୌସେନା ଲାଗି ୧.୪ ଲକ୍ଷ କୋଟି ଟଙ୍କାର ସାମଗ୍ରୀ କିଣାଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଆହ୍ୱାନ ଦେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ରାଜନାଥ କହିଛନ୍ତି। ସୂଚନାଯୋଗ୍ୟ, ମେ ୧୨ରେ ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ୫ଟି କ୍ଷେତ୍ର (ଅର୍ଥନୀତି, ଭିତ୍ତିଭୂମି, ବ୍ୟବସ୍ଥା, ଜନସଂଖ୍ୟାଗତ ପରିସଂଖ୍ୟାନ ଓ ଚାହିଦା)ରେ ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହାସହ 'ଆତ୍ମନିର୍ଭର ଭାରତ' ନାମରେ ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଅନୁପ୍ରାଣିତ ହୋଇ ସାମରିକ ବ୍ୟାପାର ବିଭାଗ(ଡିଏମ୍‌ଏ) ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ୧୦୧ ସାମଗ୍ରୀର ତାଲିକା ପ୍ରସ୍ତୁତ କରିଥିଲେ।

ରାଜନାଥ ସିଂଙ୍କ ଘୋଷଣା ପ୍ରତିରକ୍ଷା ମନ୍ତ୍ରଣାଳୟର ସାମଗ୍ରୀ ଅଧିଗ୍ରହଣ ନୀତି ପାଇଁ ନିର୍ଣ୍ଣାୟକ ହେବ। ଏହା ଭାରତୀୟ ପ୍ରତିରକ୍ଷା ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣର ଦକ୍ଷତା ବୃଦ୍ଧି କରିବ ବୋଲି କୁହାଯାଉଛି।

## ରାଜସ୍ଥାନରେ ୧୧ ପାକ୍ ଶରଣାର୍ଥୀ ମୃତ

**ଯୋଧପୁର, ୯।୮(ପି.ଟି.)**

ରାଜସ୍ଥାନର ଯୋଧପୁର ଜିଲାରେ ରବିବାର ସକାଳେ ପାକିସ୍ତାନ ହିନ୍ଦୁ ଶରଣାର୍ଥୀ ପରିବାରର ୧୧ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ସେମାନଙ୍କର ମୃତଦେହ କୃଷିକ୍ଷେତରୁ ଉଦ୍ଧାର ହୋଇଥିବା ପୋଲିସ କହିଛି। ଡେଚୁ ଅଞ୍ଚଳର ଲୋଡତା ଗ୍ରାମରେ ସେମାନେ ରହୁଥିଲେ। ପରିବାରର ଜଣେ ସଦସ୍ୟ ଜୀବିତ ଅଛନ୍ତି। ସେ ଘର ବାହାରେ ଥିଲେ। ଅନ୍ୟମାନଙ୍କର ମୃତ୍ୟୁ କିପରି ଘଟିଲା ତାହା ସେ ଜାଣନ୍ତି ନାହିଁ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ସମସ୍ତେ କୌଣସି ରାସାୟନିକ ପଦାର୍ଥ ଖାଇ ଆତ୍ମହତ୍ୟା କରିଥିବା ବିଶ୍ୱାସ କରାଯାଉଛି ବୋଲି ଏସ୍‌ପି ରାହୁଲ ବର୍‌ହାଟ କହିଛନ୍ତି। ଘର ଚାରିପଟୁ ରାସାୟନିକ ପଦାର୍ଥର ଗନ୍ଧ ଆସୁଛି।

ପାକିସ୍ତାନର ଭିଲ୍ ସମ୍ପ୍ରଦାୟର ଏହି ହିନ୍ଦୁ ଶରଣାର୍ଥୀ କିଛିବର୍ଷ ହେଲା ଲୋଡତା ଗ୍ରାମରେ ରହି ଭାଗରେ ଜମି ନେଇ ଚାଷ କରୁଥିଲେ। ସେମାନଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନାହିଁ କିମ୍ବା ସେମାନଙ୍କୁ ଆକ୍ରମଣ କରାଯାଇଥିବାର କୌଣସି ପ୍ରମାଣ ନ ଥିବା ଏସ୍‌ପି କହିଛନ୍ତି। ତଦନ୍ତ ପାଇଁ ଫୋରେନ୍‌ସିକ୍ ଟିମ୍ ଓ ଡଗ୍ ସ୍କ୍ୱାଡକୁ ଡକାଯାଇଛି।

## ସିନ୍ଧୁନଦୀ ଜଳ ଚୁକ୍ତି ଆଲୋଚନା

**ନୂଆଦିଲ୍ଲୀ, ୯।୮(ପି.ଟି.)**

- ଭିଡିଓ କନ୍‌ଫରେନ୍ସ ପାଇଁ ଭାରତର ପ୍ରସ୍ତାବ
- ୱାଘା ସୀମାରେ ବୈଠକ ପାଇଁ ପାକ୍‌ର ଚାପ

କରୋନା ମହାମାରୀ ଯୋଗୁ ସିନ୍ଧୁନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)ର ବାକି ଥିବା କେତେକ ପ୍ରସଙ୍ଗ ଉପରେ ଆଲୋଚନା ଭିଡିଓ କନ୍‌ଫରେନ୍ସ ଜରିଆରେ କରିବା ପାଇଁ ଭାରତ ପ୍ରସ୍ତାବ ଦେଇଛି। ଅନ୍ୟପକ୍ଷରେ ୱାଘା ସୀମାରେ ବୈଠକ କରିବା ପାଇଁ ଇସ୍‌ଲାମାବାଦ ଚାପ ପକାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ମହାମାରୀ ଯୋଗୁ ଅଟ୍ଟାରୀ ମିଳିତ ଚେକ୍‌ପୋଷ୍ଟରେ ବୈଠକ କରିବା ଠିକ୍ ନୁହେଁ ବୋଲି ଭାରତର ସିନ୍ଧୁନଦୀ ଜଳ କମିଶନର ତାଙ୍କ ପାକ୍ ପ୍ରତିପକ୍ଷଙ୍କୁ ଗତ ସପ୍ତାହରେ ପତ୍ର ଲେଖି ଜଣାଇଥିଲେ। ପାକିସ୍ତାନର ଅନୁରୋଧକ୍ରମେ ଗତ ମାର୍ଚ୍ଚ ମାସରେ ଏହି ବୈଠକ ହେବାର ଥିଲା। ତେବେ କରୋନା ପାଇଁ ତାହା ବିଳମ୍ବିତ ହୋଇଛି। ସ୍ଥିତି ସ୍ୱାଭାବିକ ହେବା ଅପେକ୍ଷା କରିବା କିମ୍ବା ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରିବା ପାଇଁ ଭାରତ ପକ୍ଷରୁ ଜୁଲାଇ ପ୍ରଥମ ସପ୍ତାହରେ କୁହାଯାଇଥିଲା।

## କୋଭିଡ୍ କେୟାର ସେଣ୍ଟରରେ ନିଆଁ: ୧୧ ଦଗ୍ଧ

**ବିଜୟୱାଡ଼ା, ୯।୮(ପି.ଟି.)**

ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ଥିବା ଏକ କୋଭିଡ୍ କେୟାର ସେଣ୍ଟରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟି ୧୧ ରୋଗୀ ପ୍ରାଣ ହରାଇବା ସହ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବିଜୟୱାଡ଼ାର ତାରକା ହୋଟେଲକୁ ଏକ ଘରୋଇ ହସ୍ପିଟାଲ ପକ୍ଷରୁ ଲିଜ୍‌ରେ ନିଆଯାଇ ସେଠାରେ କୋଭିଡ୍ କେୟାର ସେଣ୍ଟର ଚାଲୁଥିଲା। ସେଠାରେ ନିରାପତ୍ତା ନିୟମର ଉଲ୍ଲଂଘନ କରାଯାଇଥିବା ଅଗ୍ନିଶମ ନିର୍ଦ୍ଦେଶକ ଜୟରାମ ନାଏକ କହିଛନ୍ତି। ଅଗ୍ନିକାଣ୍ଡ ବେଳେ ସତର୍କ ଘଣ୍ଟି ବାଜି ନ ଥିଲା ଏବଂ ପଛଦ୍ୱାର ଖୋଲିବାରେ ବିଳମ୍ବ ହୋଇଥିଲା। ତଦନ୍ତ ପରେ ହୋଟେଲ ପରିଚାଳନା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାଏକ କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ହୋଟେଲକୁ କୋଭିଡ୍ କେୟାର ସେଣ୍ଟରରେ ପରିଣତ କରିବା ପୂର୍ବରୁ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ସଂଗ୍ରହ କରି ନ ଥିଲେ।



ବିଜୟୱାଡାର କୋଭିଡ୍ କେୟାର ସେଣ୍ଟର ଅଗ୍ନିକାଣ୍ଡରେ ଜଳିଯାଇଛି।

ଆହତ ବ୍ୟକ୍ତିମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୋଭିଡ୍ କେୟାର ସେଣ୍ଟର ଭିତରେ ଆଉ କେତେଜଣ ରହିଯାଇଥିବା ବିଶ୍ୱାସ କରାଯାଉଛି। ନିଆଁଲିଭା କାର୍ଯ୍ୟରେ ଅନେକ ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା। ମୃତକମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ମୃତକଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ଭବତଃ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ରାଜ୍ୟ ଗୃହମନ୍ତ୍ରୀ ଏମ୍ ସୁଚରିତା କହିଛନ୍ତି। ଅଗ୍ନିକାଣ୍ଡ ବେଳେ ଉକ୍ତ କେୟାର ସେଣ୍ଟରରେ ୪୦ କରୋନା ରୋଗୀ ଓ ୧୦ ଜଣ କର୍ମଚାରୀ ଥିଲେ। ଅଗ୍ନିଶମ କର୍ମଚାରୀମାନେ ୧୮ ଜଣ ରୋଗୀଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରିଥିବା ଜଣାପଡିଛି।

## ବିହାର ପୋଲିସର ଏତଲା ରାଜନୈତିକ ପ୍ରାୟୋଜିତ

**ନୂଆଦିଲ୍ଲୀ, ୯।୮(ପି.ଟି.)**

### ସୁପ୍ରିମକୋର୍ଟରେ ମୁମ୍ବାଇ ପୋଲିସର ବୟାନ

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିକୁ ମୁମ୍ବାଇ ପୋଲିସ ସୁପ୍ରିମକୋର୍ଟରେ ବିରୋଧ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯାଉଥିବା କହିଛି। ଅନ୍ୟପକ୍ଷରେ ବିହାର ପୋଲିସ ଏହି ମାମଲାରେ ଦାଏର କରିଥିବା ଏତଲା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଏହା ସଂଘୀୟ ନୀତିର ଉଲ୍ଲଂଘନ କରୁଥିବା ମୁମ୍ବାଇ ପୋଲିସ କହିଛି। ସିବିଆଇ ଏତଲା ଦାଏର କରିବା ପୂର୍ବରୁ ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା କରିବା ଆବଶ୍ୟକ ବୋଲି ମୁମ୍ବାଇ ପୋଲିସ ଅଦାଲତରେ ଦାଖଲ କରିଥିବା ସତ୍ୟପାଠରେ କହିଛି। ସୁଶାନ୍ତଙ୍କ ବାପାଙ୍କ ଏତଲା ଆଧାରରେ ବିହାର ପୋଲିସ ରିଆ ଚକ୍ରବର୍ତ୍ତୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହାକୁ ମୁମ୍ବାଇ ସ୍ଥାନାନ୍ତର କରିବା ପାଇଁ ରିଆ କୋର୍ଟରେ ପିଟିଶନ ଦାଏର କରିଥିଲେ।

## ଦିନକରେ ସର୍ବାଧିକ ୭ ଲକ୍ଷ ପରୀକ୍ଷା

**ନୂଆଦିଲ୍ଲୀ, ୯।୮(ପି.ଟି.)**

ଭାରତରେ ଗୋଟିଏ ଦିନରେ ରେକର୍ଡ ୭ ଲକ୍ଷରୁ ଅଧିକ କୋଭିଡ୍-୧୯ ପରୀକ୍ଷା କରାଯାଇଛି। ଏହାକୁ ମିଶାଇ ଦେଶରେ ମୋଟ ନମୁନା ପରୀକ୍ଷା ସଂଖ୍ୟା ୨,୪୧,୦୬,୫୩୫ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୫୩,୮୭୯ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ୧୪,୮୦,୮୮୪ରେ ପହଞ୍ଚିବା ସହ ଦେଶରେ ଆରୋଗ୍ୟ ହାର ୬୮.୭୮%କୁ ବୃଦ୍ଧି ପାଇଛି। ସେହିପରି କରୋନାରେ ମୃତ୍ୟୁହାର ମଧ୍ୟ ୨.୦୧ ପ୍ରତିଶତକୁ ହ୍ରାସ ପାଇଛି। ଶନିବାର ମୋଟ ୭,୧୯,୩୬୪ ନମୁନା ପରୀକ୍ଷା ହୋଇଛି, ଯାହାକି ଗୋଟିଏ ଦିନରେ ସର୍ବାଧିକ। ଭାରତରେ ୫୦୦ ସରକାରୀ ଓ ଘରୋଇ ଲାବରେଟୋରୀରେ କୋଭିଡ୍ ପରୀକ୍ଷା କରାଯାଉଛି। କିଛିଦିନ ହେଲା ଦୈନିକ ୬ ଲକ୍ଷ ନମୁନା ପରୀକ୍ଷା ହେଉଥିଲା।



- ୨୪ଘଣ୍ଟାରେ ୬୪,୩୯୯ କୋଭିଡ୍ ପଜିଟିଭ୍
- ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୨୧ ଲକ୍ଷ ଟପିଲା

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୬୪,୩୯୯ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ରବିବାର ୨୧ ଲକ୍ଷ ଅତିକ୍ରମ କରିଛି। ଗୋଟିଏ ଦିନରେ ୮୬୧ ଜଣଙ୍କ ମୃତ୍ୟୁ ହେବା ସହ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୪୩,୩୭୯ରେ ପହଞ୍ଚିଛି। ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୫୩,୦୧୦ରେ ପହଞ୍ଚିଥିବାବେଳେ ଏବେ ଆକ୍ଟିଭ୍ ମାମଲା ୬,୨୮,୭୪୭ ରହିଛି।

### କର୍ନାଟକ ସ୍ୱାସ୍ଥ୍ୟମନ୍ତ୍ରୀ କରୋନା ଆକ୍ରାନ୍ତ



ବି. ଶ୍ରୀରାମୁଲୁ

କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କରୋନା ଆକ୍ରାନ୍ତ ହେବାର ସପ୍ତାହେ ପରେ ରବିବାର ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ବି. ଶ୍ରୀରାମୁଲୁଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଜ୍ୱର ଲକ୍ଷଣ ଦେଖାଦେବାରୁ ସେ କୋଭିଡ୍ ପରୀକ୍ଷା କରାଇଥିଲେ। ଏବେ ସେ ବେଙ୍ଗାଲୁରୁର ବାଓରିଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## ରିଆଙ୍କ ଭାଇଙ୍କୁ ଇଡି ଜେରା

**ମୁମ୍ବାଇ, ୯।୮(ପି.ଟି.)**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ଘଟଣା ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ରାତିସାରା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ଭାଇ ଶୋୱିକ୍ ଚକ୍ରବର୍ତ୍ତୀଙ୍କୁ ଜେରା କରିଛି। ଶନିବାର ମଧ୍ୟାହ୍ନରେ ଶୋୱିକ୍ ବାଲାର୍ଡ ଇଷ୍ଟେଟ ଅଞ୍ଚଳରେ ଥିବା ଇଡି କାର୍ଯ୍ୟାଳୟକୁ ଯାଇ ରବିବାର ସକାଳ ସାଢ଼େ ୬ଟାରେ ବାହାରିଥିଲେ। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ତାଙ୍କର ବ୍ୟକ୍ତିଗତ କାରବାର, ଆୟ, ପୁଞ୍ଜିନିବେଶ ଓ ଭଉଣୀ ରିଆ ଏବଂ ସୁଶାନ୍ତ ରାଜପୁତ୍‌ଙ୍କ ସହ ଆର୍ଥିକ କାରବାର ସମ୍ପର୍କରେ ଜେରା କରାଯାଇଥିଲା। ଶୁକ୍ରବାର ମଧ୍ୟ ଶୋୱିକ୍, ରିଆ, ତାଙ୍କ ବାପା, ତାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରିତେଶ ଶାହା ଏବଂ ବ୍ୟବସାୟ ପରିଚାଳକ ଶ୍ରୁତି ମୋଦିଙ୍କୁ ଜେରା କରିଥିଲା ଇଡି। ଏମାନେ ସମସ୍ତେ ସୁଶାନ୍ତଙ୍କ ପାଇଁ କାମ କରୁଥିଲେ। ସୋମବାର ରିଆ ଓ ତାଙ୍କ ବାପା ଇନ୍ଦ୍ରଜିତ ଚକ୍ରବର୍ତ୍ତୀଙ୍କୁ ଜେରାର ସମ୍ମୁଖୀନ ହେବା ପାଇଁ ଇଡି ସମନ କରିଛି।

## ଓଲିଙ୍କ ଦାବିକୁ ଧର୍ମୀୟ ନେତାଙ୍କ ବିରୋଧ

**ନୂଆଦିଲ୍ଲୀ, ୯।୮**

### ରାମଙ୍କ ଜନ୍ମ ଅଯୋଧ୍ୟାରେ ନୁହେଁ, ନେପାଳର ଅଯୋଧ୍ୟାପୁରୀରେ



କେ.ପି. ଶର୍ମା ଓଲି

ଭଗବାନ ରାମଙ୍କ ଜନ୍ମସ୍ଥାନ ନେପାଳରେ ବୋଲି ଏହାର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ପୁଣିଥରେ ଦୋହରାଇଛନ୍ତି। ଏହାକୁ ନେଇ ଜାନକୀ ମନ୍ଦିରର ପୂଜକମାନଙ୍କ ସମେତ ନେପାଳର ଧର୍ମୀୟ ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାମ ଉତ୍ତରପ୍ରଦେଶର ଅଯୋଧ୍ୟାରେ ନୁହେଁ, ଦକ୍ଷିଣ ନେପାଳର ଅଯୋଧ୍ୟାପୁରୀରେ ଜନ୍ମଗ୍ରହଣ କରିଥିଲେ ବୋଲି ଓଲି ଏକ ପ୍ରତିନିଧି ଦଳକୁ କହିଛନ୍ତି। ଚିତୱାନ ଜିଲାରୁ ଯାଇଥିବା ପ୍ରତିନିଧି ଦଳ ଓଲିଙ୍କ ସହିତ ରାମଙ୍କ ଜନ୍ମସ୍ଥାନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅଯୋଧ୍ୟାପୁରୀକୁ ରାମଙ୍କ ଜନ୍ମସ୍ଥାନ ଭାବେ ପ୍ରଚାର ପ୍ରସାର କରାଇବା ପାଇଁ ସେଠାରେ ରାମଙ୍କ ମୂର୍ତ୍ତି ସ୍ଥାପନ କରିବା ଏବଂ ମାଦି ମ୍ୟୁନିସିପାଲିଟିକୁ ଅଯୋଧ୍ୟାପୁରୀ ଭାବେ ନାମିତ କରିବା ପାଇଁ ପ୍ରତିନିଧି ଦଳ ପ୍ରସ୍ତାବ ଦେଇଥିଲେ। ତେବେ ଅଯୋଧ୍ୟା ଭୂମିପୂଜନ ଉତ୍ସବରେ ଯୋଗଦେଇଥିବା ଜାନକୀ ମନ୍ଦିର ପୂଜକ ଆଚାର୍ଯ୍ୟ ଦୁର୍ଗାପ୍ରସାଦ ଗୌତମ ଓଲିଙ୍କ ଦାବିକୁ ଖଣ୍ଡନ କରିଛନ୍ତି। ଏଭଳି ଦାବି ଅର୍ଥହୀନ ବୋଲି ସେ କହିଛନ୍ତି। ଚାଇନାକୁ ଖୁସି କରିବା ପାଇଁ ଓଲି ଭାରତ ବିରୋଧୀ ଭାବେ ନିଜକୁ ଦେଖାଇବାକୁ ଚାହୁଁଥିବା କାଠମାଣ୍ଡୁରେ ଚର୍ଚ୍ଚା ହେଉଛି। ଶାସକ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି)ରେ କ୍ଷମତା କନ୍ଦଳ ଜାରି ରହିଥିବାବେଳେ ମାସକ ମଧ୍ୟରେ ଓଲି ଦ୍ୱିତୀୟ ଥର ରାମଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି ଲାଗି ଉଦ୍ୟମ କରିଛନ୍ତି।

## ସଂକ୍ଷେପରେ

### ଦିନକରେ ୧୫୪୩ ସୁସ୍ଥ

**ଭୁବନେଶ୍ୱର(ବ୍ୟୁରୋ) ୯।୮:** ରାଜ୍ୟରେ ବଢୁଥିବା ସଂକ୍ରମଣକୁ ନେଇ ଚିନ୍ତା ବଢ଼ିଥିଲେ ମଧ ପ୍ରତିଦିନ ଅଧିକରୁ ଅଧିକ ଆକ୍ରାନ୍ତ ସୁସ୍ଥ ହେଉଥିବାରୁ ଆଶ୍ୱସ୍ତି ମିଳୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୧୫୪୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଗଞ୍ଜାମରୁ ସର୍ବାଧିକ ୪୦୨ଜଣ ସୁସ୍ଥ ହୋଇଛନ୍ତି। ଏହାତଳକୁ ଖୋର୍ଦ୍ଧାରୁ ୨୧୦, କଟକ ୧୩୧, କୋରାପୁଟ ୧୨୮, ଗଜପତି ୧୧୧, ବାଲେଶ୍ୱର ୮୩, ଯାଜପୁର ୫୮, ସମ୍ବଲପୁର ୪୯, ମାଲକାନଗିରି ୪୭, କନ୍ଧମାଳ ୪୬, ରାୟଗଡ଼ା ୩୫, ନୟାଗଡ଼ ୩୩, ଭଦ୍ରକ ୩୧, ଜଗତ୍‌ସିଂହପୁର ୨୭, କଳାହାଣ୍ଡି ୨୫, କେନ୍ଦୁଝର ୨୩, ଢେଙ୍କାନାଳ ୨୧, ନବରଙ୍ଗପୁର ୧୫, ମୟୂରଭଞ୍ଜ ୧୫, ପୁରୀ ୧୪, ବଲାଙ୍ଗୀର ୧୦, କେନ୍ଦ୍ରାପଡ଼ା ୧୦, ସୁବର୍ଣ୍ଣପୁର ୭, ଝାରସୁଗୁଡ଼ା ୫, ସୁନ୍ଦରଗଡ଼ ୪, ବରଗଡ଼ ୨ ଓ ଅନୁଗୋଳରୁ ଜଣେ ସୁସ୍ଥ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି।

### ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଖୋଲା

**ସମ୍ବଲପୁର, ୯।୮ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ରବିବାର ସନ୍ଧ୍ୟା ସୁଦ୍ଧା ୬୨୮.୫୮ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧକୁ ୧ ଲକ୍ଷ ୪୯ ହଜାର ୪୬୨ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୩ଟି ଓ ବାମ ପାର୍ଶ୍ୱର ୫ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ ଲକ୍ଷ ୩୫ ହଜାର ୮୫୪ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ପଥର୍ଲାରେ ୩୯ ହଜାର ୮୭୧, ଖଇରମାଲରେ ୨ ଲକ୍ଷ ୧୦ ହଜାର, ବରମୁଲାରେ ୧ ଲକ୍ଷ ୫୫ ହଜାର, ମୁଣ୍ଡଲିରେ ୧ ଲକ୍ଷ ୬୬ ହଜାର ୬୯୪ କ୍ୟୁସେକ ଜଳ ପ୍ରବାହିତ ହେଉଛି ବୋଲି ଡ୍ୟାମ୍ କଣ୍ଟ୍ରୋଲ୍ ରୁମ୍ ପକ୍ଷରୁ ସୂଚନା ମିଳିଛି।

# ଅଭାବ ହେଲାଣି ଆଇସିୟୁ

## ଭେଣ୍ଟିଲେଟରରେ ୭୫ ପ୍ରତିଶତ ଭର୍ତ୍ତି



**କଟକ ଅଫିସ,୯।୮**

କରୋନା ସଂକ୍ରମଣରେ ଗୁରୁତର ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ କଟକ ଜିଲାରେ ଆଉ ଇଣ୍ଟେନ୍ସିଭ୍ କେୟାର୍ ୟୁନିଟ୍ (ଆଇସିୟୁ) ନାହିଁ। ସବୁ ଆଇସିୟୁ ଭର୍ତ୍ତି ହୋଇଯାଇଛି। ଜିଲାରେ ଥିବା ୩୪ଟି ଆଇସିୟୁରୁ ସବୁଥିରେ ରୋଗୀଙ୍କ ଚିକିତ୍ସା ଚାଲିଛି। ସେହିଭଳି ୨୦ଟି ଭେଣ୍ଟିଲେଟର ମଧ୍ୟରୁ ୧୫ଟି ଭର୍ତ୍ତି ରହିଛି। ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୧୧୫ଟି ବେଡ୍ ଭର୍ତ୍ତି ଥିବାବେଳେ ୩୫ଟି ଖାଲି ପଡ଼ିଛି। ଆଠଗଡ଼ସ୍ଥିତ ସ୍ୱତନ୍ତ୍ର ଜିମ୍‌ସାର୍ କୋଭିଡ୍ କେୟାର ସେଣ୍ଟରରେ ୧୨୪ଟି ବେଡ୍ ଭର୍ତ୍ତି ଥିବାବେଳେ ୨୬ଟି ଖାଲି ପଡ଼ିଛି। ଜିଲାରେ ୮ଟି କୋଭିଡ୍ କେୟାର ସେଣ୍ଟରରେ ୧୨୩୦ଟି ବେଡ୍ ରହିଛି। ସେଥିରୁ ୭୭୨ଟି ଭର୍ତ୍ତି ଓ ୪୫୮ଟି ଖାଲି ରହିଛି। ଯେଉଁ ରୋଗୀଙ୍କୁ ଆଇସିୟୁର ଆବଶ୍ୟକତା ପଡ଼ିବ, ସେମାନଙ୍କୁ ନିକଟସ୍ଥ ଜିଲାରେ ଯେଉଁଠି ଆଇସିୟୁ ଫାଙ୍କା ଥିବ, ସେଠାରେ ଚିକିତ୍ସା କରାଯିବ ବୋଲି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ସୂଚନା ଦେଇଛନ୍ତି।

ଜିଲାରେ କରୋନା ଯୋଦ୍ଧାମାନେ କ୍ରମାଗତ ଭାବେ କରୋନାର ଶିକାର ହେବାରେ ଲାଗିଛନ୍ତି। ମୋଟ ୩୦୧ ଜଣ କରୋନା ଯୋଦ୍ଧା ସଂକ୍ରମଣର ଶିକାର ହୋଇଛନ୍ତି। ସେଥିରୁ ୬୯ ଜଣ ବର୍ତ୍ତମାନ ଚିକିତ୍ସିତ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୧୯ ଜଣ ଡାକ୍ତର, ୩୬ ଜଣ ଷ୍ଟାଫ ନର୍ସ, ୩ ଜଣ ଆଶା ଓ ଅଙ୍ଗନୱାଡ଼ି କର୍ମୀ, ୪ ଜଣ ଫାର୍ମାସିଷ୍ଟ, ୬ଜଣ ଟେକ୍ନିସିଆନ୍ ଓ ୧୦୪ ଜଣ ଅନ୍ୟ କର୍ମଚାରୀ ରହିଛନ୍ତି। ସେହିଭଳି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ପୋଲିସ ଓ ଟ୍ରାଫିକ ପୋଲିସର ୧୨୯ ଜଣ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ସ୍ୱାବ୍ ସଂଗ୍ରହ ପାଇଁ ଗ୍ରାମାଞ୍ଚଳରେ ୧୪ ଓ ସହରରେ ୬ଟି ଟିମ୍ କରାଯାଇଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ମୋଟ ୧୮ଟି ଜିଲାର ଏକ ଲକ୍ଷ ୨୦ ହଜାର ନମୁନା ପରୀକ୍ଷା କରାଯାଇଛି। କେବଳ ଶନିବାର ୧୯୨୫ଟି ନମୁନା ପରୀକ୍ଷା ହୋଇଛି। ଏଥିରେ ଆର୍‌ଟିପିସିଆର୍ ୧୪୮୮, ଟ୍ରୁନାଟ୍ ୨୩ ଓ ଆଣ୍ଟିଜେନ୍ ୪୧୪ଟି ରହିଛି। ଅଧିକରୁ ଅଧିକ ଟେଷ୍ଟିଂ ଦିଗରେ ପଦକ୍ଷେପ ନିଆଯାଉଛି। ଜିଲାରେ ୪୪ ହଜାର ୫୯୬ ଜଣଙ୍କ କରୋନା ପରୀକ୍ଷା କରାଯାଇଛି। ସେଥିରେ ଆର୍‌ଟିପିସିଆର୍ ୩୭,୧୦୧ ଓ ଆଣ୍ଟିଜେନ୍ ୭୪୯୫ଟି ରହିଛି। ଦୈନିକ ହାରାହାରି ୮ଶହ ପରୀକ୍ଷା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏବେ ୯୮୩ଟି ପରୀକ୍ଷା ହେଉଛି। ଏସ୍‌ସିବିରେ କରୋନା ତାଲିମ୍‌କୁ ଗୁରୁତ୍ୱ ଦିଆଯାଉଛି। ୨୪୯ ଡାକ୍ତର ଓ ୨୭୩ ନର୍ସଙ୍କୁ କୋଭିଡ୍ ଚିକିତ୍ସା ତାଲିମ୍ ଦିଆଯାଇଛି। ଏସ୍‌ସିବିରେ ସ୍ୱତନ୍ତ୍ର ପ୍ଲାଜ୍‌ମା ବ୍ୟାଙ୍କରେ ନିୟମିତ ପ୍ଲାଜ୍‌ମା ସଂଗ୍ରହ କରାଯାଉଛି। ୬୯ଜଣଙ୍କ ପାଖରୁ ୧୩୮ଟି ପ୍ଲାଜ୍‌ମା ୟୁନିଟ୍ ସଂଗ୍ରହ କରାଯାଇଛି। ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲକୁ ୧୦୪ ୟୁନିଟ୍ ପଠାଯାଇଛି। କଟକ ଜିଲାରେ ସୁସ୍ଥହାର ୬୬.୦୩ ପ୍ରତିଶତ ରହିଛି। ଅଧିକ ଆକ୍ରାନ୍ତ ସୁସ୍ଥ ହେଉଛନ୍ତି। ମୃତ୍ୟୁହାର ମାତ୍ର ୦.୦୧ ପ୍ରତିଶତ ରହିଛି ବୋଲି ଜିଲାପାଳ କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

ରବିବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୯୯,୧୮,୧୨୪ | ୭,୩୧,୭୦୫ | ୧,୨୮,୦୦,୮୪୨ |
| ଭାରତ | ୨୨,୧୨,୪୨୯ | ୪୪,୪୫୭ | ୧୫,୩୧,୮୪୯ |
| ଓଡ଼ିଶା | ୪୫,୯୨୭ | ୨୭୨(+୪୯) | ୩୧,୭୮୫ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୯।୮ (ବ୍ୟୁରୋ)**

### ଆଉଏକ ଲଘୁଚାପ ସୃଷ୍ଟି

- ବିଭିନ୍ନ ନଦୀରେ ଆସିପାରେ ବନ୍ୟା
- ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି



ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ତେବେ ରବିବାର ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ଏହା ପ୍ରଭାବରେ ସୋମବାରଠାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ଏଥିସହ କେତେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୩ଦିନ ପର୍ଯ୍ୟନ୍ତ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ୧୦ ଓ ୧୨ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ସୁନ୍ଦରଗଡ଼ ଆଦି ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୧୨ ଓ ୧୩ତାରିଖରେ ଉତ୍ତରଓଡ଼ିଶା ସମେତ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ ପ୍ରବଳ ବର୍ଷା ହେବ। ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଲଘୁଚାପ ଯୋଗୁ ଦକ୍ଷିଣ ଓଡ଼ିଶାରେ ଥିବା ଅଂଶଧରା, ଋଷିକୁଲ୍ୟା ଏବଂ ହାତୀ ନଦୀରେ ବନ୍ୟା ହେବାର ସମ୍ଭାବନା ରହିଛି। ଏଥିସହିତ କେତେକ ତଳିଆ ଅଞ୍ଚଳରେ ବର୍ଷାପାଣି ବନ୍ୟା ପରିସ୍ଥିତି ସୃଷ୍ଟି କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦କିମି ବେଗରେ ପବନ ବୋହିବ। ତେଣୁ ମତ୍ସ୍ୟଜୀବିମାନଙ୍କୁ ସମୁଦ୍ର ମଧକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

# ଆଜି ଦିଆଯିବ ୭ବର୍ଷର ଧର୍ମପଦ ପୁରସ୍କାର

**ଭୁବନେଶ୍ୱର, ୯।୮(ବ୍ୟୁରୋ)**

ଚିତ୍ରକଳା ଓ ସ୍ଥାପତ୍ୟକଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବହୁ ପ୍ରତୀକ୍ଷିତ ଧର୍ମପଦ ପୁରସ୍କାର ସୋମବାର ପ୍ରଦାନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ରାଜ୍ୟର ୭ଜଣ ବରିଷ୍ଠ ଚିତ୍ରଶିଳ୍ପୀ ଓ ସ୍ଥାପତ୍ୟଶିଳ୍ପୀଙ୍କୁ ଏହି ସର୍ବୋଚ୍ଚ ସମ୍ମାନ ମିଳିବ। ବହୁ ବାଦ ବିବାଦ ମଧ୍ୟରେ ୨୦୦୯ରୁ ଅଟକି ରହିଥିବା ଏହି ପୁରସ୍କାର ୭ବର୍ଷ ପାଇଁ ଯୋଗ୍ୟ ପ୍ରତିଭାଙ୍କ ସହ ମୃତ ଶିଳ୍ପୀ/ପ୍ରତିଭାଙ୍କୁ ମରଣୋତ୍ତରଭାବେ ପ୍ରଦାନ କରାଯିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି।

୨୦୦୯ ମସିହା ପାଇଁ ସ୍ୱର୍ଗତ ଗୋକୁଳ ବିହାରୀ ପଟ୍ଟନାୟକ ମରଣୋତ୍ତରଭାବେ ଏହି ସମ୍ମାନଜନକ ପୁରସ୍କାର ପାଇବେ। ସେହିଭଳି ୨୦୧୦ ପାଇଁ ଚିତ୍ର ଓ ମଞ୍ଚଶିଳ୍ପୀ ସ୍ୱର୍ଗତ ଅସୀମ ବସୁ, ୨୦୧୧ ପାଇଁ ଖଲ୍ଲିକୋଟ କଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସାଦ ଦାସ, ୨୦୧୨ ପାଇଁ ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ, ୨୦୧୩ ପାଇଁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଯତୀନ ଦାସ, ୨୦୧୪ ପାଇଁ ଶିଳ୍ପୀ ଓ କଳା ସମାଲୋଚକ ସ୍ୱର୍ଗତ ଡ. ଦୀନନାଥ ପାଠୀ ଏବଂ ୨୦୧୫ ପାଇଁ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ଧର୍ମପଦ ପୁରସ୍କାର ମିଳିବ। ପୁରସ୍କାର ରାଶି ସ୍ୱରୂପ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। କୋଭିଡ୍ କଟକଣା ଯୋଗୁ କୌଣସି ବିଶେଷ ଉତ୍ସବ କିମ୍ବା କାର୍ଯ୍ୟକ୍ରମର ଆୟୋଜନ କରା ନ ଯାଇ ଶିଳ୍ପୀଙ୍କ ଘରେ ପୁରସ୍କାର ପ୍ରଦାନ କରାଯିବ। କୋର୍ଟରେ ମାମଲା ଯୋଗୁ ଦୀର୍ଘଦିନ ଧରି ଏହି ପୁରସ୍କାର ପ୍ରଦାନ କରାଯାଇ ପାରୁ ନ ଥିଲା। ମାମଲା ଫଇସଲା ହେବାପରେ ପୁରସ୍କାର ପ୍ରଦାନ ନେଇ ବିଭାଗ ତତ୍ପରତା ପ୍ରକାଶ କରିଥିଲା।

# ୧୭୪ ହସ୍ପିଟାଲରେ ଅଗ୍ନି ନିରାପତ୍ତା ଯାଞ୍ଚ

**କଟକ ଅଫିସ,୯।୮**

### ତ୍ରୁଟି ଥିଲେ ପଦକ୍ଷେପ

ରାଜ୍ୟର ୧୭୪ଟି କୋଭିଡ୍ ହସ୍ପିଟାଲ ଏବଂ କୋଭିଡ୍ କେୟାର ସେଣ୍ଟରରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଯେଉଁଠି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି ଥିବା ନଜରକୁ ଆସିଛି, ସେଠାରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ସେହିଭଳି ହସ୍ପିଟାଲ ଏବଂ କେୟାର ସେଣ୍ଟରରେ କାମ କରୁଥିବା ନର୍ସ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ଅଗ୍ନି ମୁକାବିଲା ତାଲିମ୍ ପ୍ରଦାନ କରାଯାଇଥିଲା। ବିଶେଷକରି ନିଆଁ ଲିଭାଇବା ପାଇଁ ଥିବା ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

# କ୍ରାନ୍ତି ଦିବସରେ ୧୦ ସଂଗ୍ରାମୀଙ୍କୁ ରାଷ୍ଟ୍ରପତି ସମ୍ମାନ

ଓଡ଼ିଶାର ୧୦ ସ୍ୱାଧୀନତା ସଂଗ୍ରାମୀଙ୍କୁ ରବିବାର କ୍ରାନ୍ତି ଦିବସରେ ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ କରାଯାଇଛି। କରୋନା କଟକଣା ଯୋଗୁ ଚଳିତବର୍ଷ ଏହି ସମ୍ମାନ ପ୍ରଦାନ ଭିନ୍ନ ଢଙ୍ଗରେ କରାଯାଇଛି। ତଦନୁଯାୟୀ ନିର୍ଦ୍ଦିଷ୍ଟ ଜିଲାର ଜିଲାପାଳ ଓ ବରିଷ୍ଠ ଅଧିକାରୀମାନେ ସଂଗ୍ରାମୀମାନଙ୍କ ଘରକୁ ଯାଇ ରାଷ୍ଟ୍ରପତି ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି।

## ଯାଜପୁରର ଦଧୀଚି ସାହୁ, ନୀଳମଣି ସାମଲ




ସମ୍ବର୍ଦ୍ଧିତ ସ୍ୱାଧୀନତା ସଂଗ୍ରାମୀ ଦଧୀଚି ସାହୁ ଏବଂ ନୀଳମଣି ସାମଲ।

**ଯାଜପୁର ଅଫିସ/ବରୀ/ଚଣ୍ଡିଖୋଲ(ଡି.ଏନ.ଏ.),୯।୮** ଯାଜପୁର ଜିଲା ବରୀ ବ୍ଲକ କଳାମାଟିଆ ପଞ୍ଚାୟତ ଉପର କାଇପଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଦଧୀଚି ସାହୁ ଏବଂ ବଡଚଣା ବ୍ଲକ ବାଲିପଡିଆ ଗ୍ରାମର ନୀଳମଣି ସାମଲଙ୍କୁ ସେମାନଙ୍କ ବାସଭବନରେ ଜିଲାପାଳ ରଞ୍ଜନ କୁମାର ଦାସ ରାଷ୍ଟ୍ରପତି ସମ୍ମାନ ପ୍ରଦାନ କରିଛନ୍ତି। ଦଧୀଚିଙ୍କୁ ୨୦୧୧ ଓ ୨୦୧୮ରେ ଏହି ସମ୍ମାନ ମିଳିଛି। ସଂଗ୍ରାମୀ ସାହୁ ୧୯୨୪ ଅକ୍ଟୋବର ୮ରେ ଜନ୍ମଗ୍ରହଣ କରିଥିଲେ। ୧୯୩୪ ମସିହାରେ ମହାତ୍ମା ଗାନ୍ଧୀ ପଦଯାତ୍ରାରେ ବରୀ ଅଞ୍ଚଳକୁ ଆସିଥିବାବେଳେ ୧୦ ବର୍ଷ ବୟସ୍କ ଦଧୀଚି ଏଥିରେ ସାମିଲ ହୋଇଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଭାଗ ନେଇଥିଲେ। ଏପରିକି ୧୯୪୨ ଭାରତ ଛାଡ ଆନ୍ଦୋଳନ ସମୟରେ କଳାମାଟିଆଠାରେ ହୋଇଥିବା ଗୁଳିକାଣ୍ଡ ବେଳେ ସେ ଉପସ୍ଥିତ ଥିଲେ। ସେହିଦିନ ତାଙ୍କ ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀ ସାଉଁଟି ମଳିକ, ସାନନ୍ଦ ସ୍ୱାଇଁ, ହାଡିବନ୍ଧୁ ପଣ୍ଡା ଓ ମାୟାଧର ପଣ୍ଡାଙ୍କୁ ଇଂରେଜମାନେ ହତ୍ୟା କରିଥିଲେ। ମାଟ୍ରିକ ପାସ କରିବା ପରେ ଦଧୀଚି କଟକ ସ୍ୱରାଜ ଆଶ୍ରମରେ ଯୋଗଦେଇଥିଲେ। ସେଠାରେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ଜେଲ ଯାଇଥିଲେ। ରବିବାର ସମ୍ବର୍ଦ୍ଧନା ବେଳେ ବରୀ ବିଧାୟିକା ସୁନନ୍ଦା ଦାସ, ଡିଆରଡିଏ ପିଡି ଇନ୍ଦ୍ରମଣି ନାୟକ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ନୀଳମଣି ସାମଲଙ୍କୁ ୪ର୍ଥ ଥର ପାଇଁ ରାଷ୍ଟ୍ରପତି ସମ୍ମାନ ମିଳିଛି। ପୂର୍ବରୁ ସେ ୨୦୦୯, ୨୦୧୬ ଓ ୨୦୧୯ରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ନୀଳମଣି କାରାବରଣ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଭିଡିଓ କନଫରେନ୍ସ ଜରିଆରେ ନୀଳମଣିଙ୍କୁ ଶୁଭେଚ୍ଛା ଜଣାଇବା ସହ ବଡ଼ଚଣା ପାଇଁ ଗର୍ବ ଓ ଗୌରବ ବୋଲି କହିଛନ୍ତି।

## ନୟାଗଡ଼ର ସହଦେବ ବେହେରା, ଈଶ୍ୱର ଚନ୍ଦ୍ର ବିଶୋଇ

**ନୟାଗଡ଼ ଅଫିସ:** ଭାରତର ସ୍ୱାଧୀନତା ସଂଗ୍ରାମକୁ ବିଶେଷ ଅବଦାନ ପାଇଁ କ୍ରାନ୍ତିଦିବସରେ ନୟାଗଡ଼ ଜିଲାର ୨ ସ୍ୱାଧୀନତା ସଂଗ୍ରାମୀ ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। କରୋନା କଟକଣା ଯୋଗୁ ସ୍ୱାଧୀନତା ସଂଗ୍ରାମୀ ଦ୍ୱୟଙ୍କୁ ରାଷ୍ଟ୍ରପତି ଭବନକୁ ଯିବାକୁ ପଡି ନାହିଁ। ନୟାଗଡ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ସଂଗ୍ରାମୀ ଦ୍ୱୟଙ୍କୁ ପୁଷ୍ପମାଲ୍ୟ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଛନ୍ତି। ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ଛାମୁପାଟଣା ଗାଁର ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା (ଗୋରା)ଙ୍କ ଘରକୁ ଯାଇ ଅତିରିକ୍ତ ଜିଲାପାଳ ବିଧାନଚନ୍ଦ୍ର ରାୟ ସମ୍ମାନିତ କରିଛନ୍ତି। ସେହିପରି ରଣପୁର ବ୍ଲକ ମଝିଆଖଣ୍ଡ ପଞ୍ଚାୟତ ମଝିଆଖଣ୍ଡ ଗାଁର ସ୍ୱାଧୀନତା ସଂଗ୍ରାମୀ ଈଶ୍ୱର ଚନ୍ଦ୍ର ବିଶୋଇଙ୍କ ବାସଭବନକୁ ଯାଇ ଉପଜିଲାପାଳ ଲଗ୍ନଜିତ ରାଉତ ଅନୁରୂପ ଭାବେ ସମ୍ମାନିତ କରିଥିଲେ। ଗୋରା ୪ର୍ଥ ଥର ପାଇଁ ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୧୯୨୩ରେ ଜନ୍ମ ଗ୍ରହଣ କରିଥିବା ଗୋରା ଗାଁରେ ଯୁବକ ସଂଘ ଗଠନ କରି ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ୧୯୨୧ରେ ଜନ୍ମଗ୍ରହଣ କରିଥିବା ଈଶ୍ୱର ଚନ୍ଦ୍ର ୧୯୪୧ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଆଜାଦ୍ ହିନ୍ଦ ଫୌଜରେ ଯୋଗ ଦେଇଥିଲେ।





ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା ଏବଂ ଈଶ୍ୱର ଚନ୍ଦ୍ର ବିଶୋଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କେନ୍ଦ୍ରାପଡ଼ାର ମକର ଦାସ

**ଡେରାବିଶ(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ହାଟବାଣପୁରର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ମକର ଦାସଙ୍କୁ ତାଙ୍କ ବାସଭବନରେ ରାଷ୍ଟ୍ରପତି ସମ୍ମାନ ଦିଆଯାଇଛି। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ ଉପଢୌକନ, ପୁଷ୍ପଗୁଚ୍ଛ ସହ ଉକ୍ତ ସମ୍ମାନ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଦାସଙ୍କ ପରିବାରବର୍ଗ ସମେତ ଜିଲା ସଂସ୍କୃତି ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ବସପୁର ସରପଞ୍ଚ ଅମୃତରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୧୯୪୨ରେ ଗାନ୍ଧୀଙ୍କ ଐତିହାସିକ ପଦଯାତ୍ରା ସମୟରେ ସଂଗ୍ରାମୀ ଦାସ ନିଜକୁ ଦେଶ ପାଇଁ ଉତ୍ସର୍ଗ କରି କାରାବରଣ ଭୋଗିଥିଲେ।



ସମ୍ବର୍ଦ୍ଧିତ ସ୍ୱାଧୀନତା ସଂଗ୍ରାମୀ ମକର ଦାସ।

## ଜଗତ୍‌ସିଂହପୁରର ବିଶ୍ୱନାଥ ଦାସ



ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କୁ କ୍ରାନ୍ତି ଦିବସରେ ରାଷ୍ଟ୍ରପତିଙ୍କ ତରଫରୁ ଜିଲା ପ୍ରଶାସନ ସମ୍ବର୍ଦ୍ଧିତ କରିଛି। ଜଗତ୍‌ସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ଓ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସଂଗ୍ରାମୀ ଦାସଙ୍କ ବାଲିକୁଦା ବ୍ଲକ ଅନ୍ତର୍ଗତ ଭଗବାନ ସିଙ୍ଗୋଲସ୍ଥିତ ବାସଭବନକୁ ଯାଇ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ଅଙ୍ଗବସ୍ତ୍ର, ସାଲ୍ ଓ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହ ଜଗତ୍‌ସିଂହପୁର ଜିଲା ପ୍ରଶାସନ ତରଫରୁ ଏକ ସାଲ୍ ଓ ଫଳକ ପ୍ରଦାନ କରାଯାଇଥିଲା। ଦାସ ୧୭।୬।୧୯୧୮ରେ ଜନ୍ମଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଇଂରେଜ ଶାସନ ବିରୋଧରେ ଯେଉଁ ଗଣ ଆନ୍ଦୋଳନ ଆରମ୍ଭ ହୋଇଥିଲା ସେଥିରେ ସେ ସାମିଲ ହୋଇଥିଲେ। ଦାସ ଜାତୀୟ ଆନ୍ଦୋଳନରେ ଜଗତ୍‌ସିଂହପୁର ଜିଲାର ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପ୍ରିୟନାଥ ଦେ, ଗୌରୀଶ୍ୟାମ ନାୟକ, ବୀର କିଶୋର ଦାସଙ୍କ ସହ ସାମିଲ ହୋଇ ଜିଲାର ମାଟିକୁ ଗୌରବାନ୍ୱିତ କରିଛନ୍ତି। ବିଧାୟକ ଓ ଜିଲାପାଳ ଦାସଙ୍କ ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିବା ସହିତ ଉତ୍ତରପିଢ଼ି ତାଙ୍କଠାରୁ ପ୍ରେରଣା ପାଇବେ ବୋଲି ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଗ୍ରାମବାସୀ, ବାଲିକୁଦା ବିଡିଓ କଲ୍ୟାଣ ସୌରଭ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକର ରାମହରି ଗୋସ୍ୱାମୀ, ଗୌରୀଶ୍ୟାମ ଗୋସ୍ୱାମୀ ଓ ବ୍ରଜକିଶୋର ରାଉତ

**ଧାମନଗର(ଡି.ଏନ.ଏ.):** କ୍ରାନ୍ତି ଦିବସରେ ଭଦ୍ରକ ଜିଲା ଧାମନଗର ବ୍ଲକର ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଗୌରୀଶ୍ୟାମ ଗୋସ୍ୱାମୀ ଏବଂ ବ୍ରଜକିଶୋର ରାଉତଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏଡିଏମ ଶ୍ୟାମାଭକ୍ତ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲକ ଚନ୍ଦ୍ର ବେହେରା, ବିଡିଓ ଦୁର୍ଗାଚରଣ ମୁର୍ମୁ, ଧୂଷରୀ ଥାନା ଏସ୍‌ଆଇ ଦୁଷ୍ମନ୍ତ କୁମାର ଦାସ ସୂର୍ଯ୍ୟପୁରରେ ପହଞ୍ଚି ପ୍ରଥମେ ରାମହରି ଗୋସ୍ୱାମୀ ଏବଂ ଗୌରୀଶ୍ୟାମ ଗୋସ୍ୱାମୀଙ୍କୁ ଭେଟି ସମ୍ମାନିତ କରିଥିଲେ। ଏହାପରେ ଧାମନଗର ଥାନା ଆଇଆଇସି ରତିକାନ୍ତ ଗିରିଙ୍କ ସମେତ ଅଧିକାରୀମାନେ କମାରବନ୍ଧ ଗ୍ରାମକୁ ଯାଇ ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ସମ୍ମାନିତ କରିଥିଲେ। ଏହାପରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା ମଧ ସଂଗ୍ରାମୀମାନଙ୍କ ଘରକୁ ଯାଇ ସମ୍ମାନିତ କରିଥିଲେ। ସେହିପରି କଂଗ୍ରେସ ତରଫରୁ ସୂର୍ଯ୍ୟପୁରର ଦୁଇଜଣ ସଂଗ୍ରାମୀଙ୍କୁ ସମ୍ମାନିତ କରାଯାଇଛି। ପିସିସି ସଭ୍ୟ ହୃଦାନନ୍ଦ ସେଠୀ, ରାଜ୍ୟ ଓବିସି ସେଲ ଉପସଭାପତି ଅଭିଷେକ ରାଉତ, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ଧଳ ପ୍ରମୁଖ ଉପସ୍ଥିତ ରହି ସଂଗ୍ରାମୀଙ୍କୁ ସମ୍ମାନିତ କରିଥିଲେ।





ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ(ଉପର), ଗୌରୀଶ୍ୟାମ ଗୋସ୍ୱାମୀ ଏବଂ ବ୍ରଜକିଶୋର ରାଉତ

## ସମ୍ବଲପୁରର ଦେବାନନ୍ଦ ଗୁପ୍ତା



**ସମ୍ବଲପୁର, (ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ମୁରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତାଙ୍କୁ ଅଗଷ୍ଟ-୯ କ୍ରାନ୍ତି ଦିବସ ଅବସରରେ ରାଷ୍ଟ୍ରପତି ସମ୍ମାନରେ ସମ୍ମାନିତ କରାଯାଇଛି। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ଗୁପ୍ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହାସହ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଆସିଥିବା ଏକ ବାର୍ତ୍ତା ପ୍ରଦାନ କରିଥିଲେ। ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମାନେଶ୍ୱର ବ୍ଲକ୍ ଏମ୍‌ପି ପ୍ରତିନିଧି ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

SYNERGY
GROUP OF INSTITUTIONS
Since 1999
Celebrating 21 Glorious Years
Bhubaneswar & Dhenkanal, Odisha
AICTE Approved • BPUT Affiliated • NBA & NAAC Accredited
ENGINEERING ADMISSION - 2020 FOR
B.Tech.
◆Mechanical ◆Civil ◆Computer Science
◆Electrical ◆Electronics & Telecom. Engg.
GOVT. APPROVED COURSE FEES
SCHOLARSHIP of 1 crore rupees
for the Meritorious/SC/ST/OBC students on FIRST COME FIRST SERVE basis.
Several students are entering into ICS, IES & OAS
proves its quality PLACEMENT RECORD
For Admission Details & Other informations contact :
Mob - 9937320472, 9437578074, 9437177467, 9437962819, 9348509543
For Online Registration visit :http://www.synergyinstitute.net

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................


ଦେବୀ ପ୍ରସାଦ
ପରିବାରବର୍ଗ


ଗୁନ୍‌ଗୁନ୍
ପରିବାରବର୍ଗ


ଇମ୍‌ରାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦାଣ୍ଡିଯାତ୍ରାର ସ୍ମାରକୀ ଲୋକାର୍ପିତ


ସତ୍ୟାଗ୍ରହ ସ୍ମାରକୀ ପୀଠରେ ସତ୍ୟାଗ୍ରହୀଙ୍କ ପ୍ରତିମୂର୍ତ୍ତି ।

■ ସ୍ମାରକୀ ପୀଠରେ ରହିଛି ୧୧ ସତ୍ୟାଗ୍ରହୀଙ୍କ ପ୍ରତିମୂର୍ତ୍ତି
■ ସୋହେଲା ମୁଖ୍ୟଛକ ଗାନ୍ଧୀ ଛକରେ ନାମିତ

ବରଗଡ଼ ଅଫିସ୍,୯।୮

ବରଗଡ଼ ଜିଲା ସୋହେଲା ମୁଖ୍ୟଛକରେ ଲବଣ ସତ୍ୟାଗ୍ରହ ତଥା ଦାଣ୍ଡିଯାତ୍ରାର ସ୍ମାରକୀ ବହନ କରୁଥିବା ମହାତ୍ମା ଗାନ୍ଧୀଙ୍କ ସମେତ ୧୧ଜଣ ସତ୍ୟାଗ୍ରହୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରବିବାର ଲୋକାର୍ପିତ ହୋଇଛି। ପଶ୍ଚିମଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ତରଫରୁ ନିର୍ମିତ ଏହି ସ୍ମାରକୀକୁ ମୁଖ୍ୟଅତିଥି ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଅନାବରଣ କରିଥିଲେ। ସେହିପରି ବରଗଡ଼ ଜିଲା ସୋହେଲା ବ୍ଲକ ପାଣିମୋରା ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପଧାନ ସତ୍ୟାଗ୍ରହ ପୀଠକୁ ଉଦ୍‌ଘାଟନ କରିଥିଲେ। ଏହାସହିତ ସୋହେଲା ମୁଖ୍ୟଛକକୁ ଗାନ୍ଧୀ ଛକରେ ନାମିତ କରାଯାଇଥିଲା । ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ମନ୍ତ୍ରୀ ସିଂ ସ୍ୱାଧୀନତା ସଂଗ୍ରାମରେ ଘେଁସ ଜମିଦାର ବଂଶର ଶହୀଦ ଏବଂ ପାଣିମୋରା ଗ୍ରାମର ୩୨ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଲୋକପାତ କରିଥିଲେ। ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଡଃ ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୮୫୭ ପୂର୍ବର ସ୍ୱାଧୀନତା ସଂଗ୍ରାମ ଓ ପରବର୍ତ୍ତୀ ସମୟର ସ୍ୱାଧୀନତା ସଂଗ୍ରାମରେ ବରଗଡ଼ ଜିଲାର ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା, ଘେଁସର ଶହୀଦମାନଙ୍କର ବଳିଦାନ, ଦେଶ ମାତୃକା ପାଇଁ ବହ୍ନିକନ୍ୟା ସ୍ୱର୍ଗତ ପାର୍ବତୀ ଗିରି, ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଉପରେ ଆଲୋଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପଧାନ, ଶହୀଦ ମାଧୋ ସିଂଙ୍କ ଦାୟାଦ ଜମିଦାର ରଣଜିତ ସିଂ ବରିହା, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଚକ୍ରଧର ପ୍ରସାଦ ଗନ୍ତାୟତ, ପ୍ରତିମୂର୍ତ୍ତିର ସ୍ଥପତି ଅମୂଲ୍ୟ ଭୋଇ ପ୍ରମୁଖ ମଞ୍ଚସୀନ ଥିଲେ। ଏହି ଅବସରରେ ଅଧ୍ୟାପକ ଡଃ ସୁଜିତ ପୃଷେଠ, ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପ୍ରଧାନ, ମାଧୋ ସିଂଙ୍କ ଦାୟାଦ ରଣଜିତ୍ ସିଂ ବରିହା ଏବଂ ସ୍ଥପତି ଅମୂଲ୍ୟ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ବିଡ଼ିଓ ବିଶ୍ୱରଞ୍ଜନ କର, ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ଶହୀଦ କୁଞ୍ଜେଲ ସିଂ କ୍ଲବର ସଭାପତି ଅଶୋକ କୁମାର ପୂଜାହାରୀ, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାନଭାଇର ଆତ୍ମହତ୍ୟା ପରେ ବଡ଼ଙ୍କ ଆତ୍ମହତ୍ୟା ଉଦ୍ୟମ

ପର୍ଲା, ୯।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅଧୀନ ରାଜମୋଟେର ଗାଁରେ ରବିବାର ଘରୋଇ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସାନ ଭାଇ ଆତ୍ମହତ୍ୟା କରିବା ପରେ ବଡ଼ଭାଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି। ମୃତକ ହେଲେ ଲିଙ୍ଗ ଗହୀର (୨୦)। ବଡ଼ ଭାଇ ରବିନ ଗହୀର (୨୨)ଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଧର୍ମଗଡ଼ ପୋଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଲିଙ୍ଗଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଡାକ୍ତରଖାନାକୁ ପଠାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବହୁଦିନରୁ କୌଣସି କାରଣକୁ ନେଇ ଦୁଇଭାଇ ରବିନ ଓ ଲିଙ୍ଗଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଶନିବାର ପରିବାର ଭିତରେ କଳହ ପରେ ସାଇକେଲ ନେଇ ସାନ ଭାଇ ଲିଙ୍ଗ ଘରୁ ବାହାରି ଯାଇଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ତେବେ ରବିବାର ସକାଳେ ନିଜ ଜମି ହୁଡ଼ାରେ ଥିବା ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ସାନ ଭାଇର ମୃତ୍ୟୁ ଖବର ପାଇ ବଡ଼ଭାଇ ରବିନ ହଠାତ୍ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡିଯାଇଛି।

# ଏଟିଏମ୍ କାଟି ୨୭ ଲକ୍ଷ ଲୁଟ୍ ସନ୍ଦେହ

ସିସିଟିଭିରେ ବୋଳାଯାଇଛି କଳା ରଙ୍ଗ

ଅନୁଗୋଳ ଅଫିସ, ୯।୮

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ କାଟି ଦୁର୍ବୃତ୍ତମାନେ ସମସ୍ତ ଟଙ୍କା ଲୁଟି ନେଇଛନ୍ତି। ପ୍ରକୃତରେ କେତେଟଙ୍କା ଲୁଟ୍ ହୋଇଛି ତାହା ଏଟିଏମ୍ ପରିଚାଳନା କରୁଥିବା ଠିକା ସଂସ୍ଥା ଏଚସିସି ପକ୍ଷରୁ ଅଭିଯୋଗରେ ଦର୍ଶାଯାଇ ନ ଥିଲେ ବି ଶେଷ ଉଠାଣ ପରେ କ୍ୟାସ୍‌ରେ ୨୭ ଲକ୍ଷ ଟଙ୍କା ରହିଥିବା ବ୍ୟାଙ୍କର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୋଗ ପରେ ଘଟଣାର ଖୋଳତାଡ଼ କରାଯାଉଥିବା ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ଥିବାରୁ ଶୁକ୍ରବାର ୫୫ ନମ୍ବର ଜାତୀୟ ରାଜପଥ କଡରେ ଥିବା ଉକ୍ତ ଏଟିଏମ୍‌ରେ ଠିକା ସଂସ୍ଥା ପକ୍ଷରୁ ଟଙ୍କା ଭରାଯାଇଥିଲା। ହେଲେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଶଟର ପକାଇବା ସହ ସିସିଟିଭିରେ କଳା ବୋଳି ଗ୍ୟାସ୍‌କଟର ସାହାଯ୍ୟରେ କ୍ୟାଶ୍ ବକ୍ସ କାଟି ଲୁଟ୍ କରିଥିଲେ। ରବିବାର ସକାଳେ ଏହା ଜଣାପଡ଼ିବା ପରେ ଠିକା ସଂସ୍ଥା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ତେବେ କେତେ ଟଙ୍କା ଭର୍ତ୍ତି କରାଯାଇଥିଲା ଓ କେତେ ଟଙ୍କା ଲୁଟ୍ ହୋଇଛି ତାହା ସୋମବାର ବ୍ୟାଙ୍କ ଖୋଲିବା ପରେ ଜଣାପଡ଼ିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏଟିଏମ୍‌ରେ ଲାଗିଥିବା ସିସିଟିଭିରୁ ଦୁର୍ବୃତ୍ତମାନଙ୍କ ଫଟୋ ପାଇବାକୁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ବିଶୋଇ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୪୫ ହଜାର ଟପିଲା, ...

କେନ୍ଦୁଝର ୨୭, କଳାହାଣ୍ଡି ୨୪, ନୂଆପଡ଼ା ୨୨, ରାୟଗଡ଼ା ୧୮, ସମ୍ବଲପୁର ୧୪, ସୋନପୁର ଓ ନବରଙ୍ଗପୁର ୧୩ଜଣ ଲେଖାଏ, ଜଗତ୍‌ସିଂହପୁର ୧୨, ଝାରସୁଗୁଡ଼ା ଓ ବଲାଙ୍ଗୀର ୬ଜଣ ଲେଖାଏ, ଦେବଗଡ଼ ୫, ଅନୁଗୋଳ ୪ ଓ କେନ୍ଦ୍ରାପଡ଼ାରୁ ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ନୂଆ ଚିହ୍ନଟଙ୍କୁ ମିଶାଇଲେ ଗଞ୍ଜାମ ଜିଲାରେ ସର୍ବାଧିକ ୧୨,୮୫୫ଜଣ ଆକ୍ରାନ୍ତ ହୋଇଥିବାବେଳେ ଖୋର୍ଦ୍ଧାରେ ୬୪୪୫ ଓ କଟକ ଜିଲାରେ ୩୧୩୦ରେ ପହଞ୍ଚିଛି। ସେହିପରି ସୁନ୍ଦରଗଡ଼ରେ ୨୨୩୬, ଗଜପତିରେ ୧୯୮୯, ଯାଜପୁରରେ ୧୬୦୧, ରାୟଗଡ଼ା ୧୪୭୯, ବାଲେଶ୍ୱର ୧୩୯୧, ପୁରୀ ୧୨୭୩, କୋରାପୁଟ ୧୨୦୪, କେନ୍ଦୁଝର ୧୦୩୮, ନୟାଗଡ଼ ୧୦୦୯ ଓ ସମ୍ବଲପୁରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୧ ଛୁଇଁଛି। ତେବେ ଦେବଗଡ଼ରେ ସର୍ବନିମ୍ନ ୧୦୧ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୯୪ ସୁସ୍ଥ ହୋଇଛନ୍ତି ଓ ବାକି ୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

ଅନ୍ୟପକ୍ଷରେ କରୋନାରେ ମରିଥିବା ୧୩ଜଣଙ୍କ ମଧ୍ୟରୁ ୧୨ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ଗଞ୍ଜାମରୁ ସର୍ବାଧିକ ୬ଜଣ ରହିଥିବାବେଳେ କୋରାପୁଟ ଓ ଖୋର୍ଦ୍ଧାରୁ ୨ଜଣ ଲେଖାଏ (ଜଣେ ଭୁବନେଶ୍ୱରର), ନୟାଗଡ଼, ବରଗଡ଼ ଓ ବାଲେଶ୍ୱରରୁ ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମର ୫ଜଣ ପୁରୁଷ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ୩୬ରୁ ୬୬ବର୍ଷ ମଧ୍ୟରେ ରହିଛି। ସେହିପରି କୋରାପୁଟରୁ ମୃତ ୨ କରୋନା ରୋଗୀଙ୍କ ବୟସ ଯଥାକ୍ରମେ ୪୭ ଓ ୬୫ ବର୍ଷ, ଖୋର୍ଦ୍ଧାର ୬୦ ଓ ୫୨ ବର୍ଷ, ବରଗଡ଼ର ୩୯ ବର୍ଷ, ବାଲେଶ୍ୱରର ୮୧ବର୍ଷ ଓ ନୟାଗଡ଼ ମୃତକଙ୍କ ବୟସ ୬୦ ବର୍ଷ ରହିଛି। ଅନ୍ୟପକ୍ଷରେ ପୁରୀ ଜିଲାର ଜଣେ ୩୨ ବର୍ଷୀୟ କରୋନା ରୋଗୀଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ସେ ଏକାଧିକ ରୋଗରେ ଆକ୍ରାନ୍ତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

### ରହିଲା କାଳିଆ...

ବୋଲି ଜଣାପଡ଼ିଥିଲା। ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ କରିବାକୁ କୃଷି ବିଭାଗ ଗତ ମାସରେ ସମସ୍ତ ଜିଲା କୃଷି ଅଧିକାରୀଙ୍କୁ ଚିଠି କରିଥିଲା। ପଞ୍ଚାୟତଓ୍ୱାରି ଯେଉଁସବୁ ଅଯୋଗ୍ୟ ହିତାଧିକାରୀ ଅଛନ୍ତି ସମସ୍ତଙ୍କୁ ବ୍ୟକ୍ତିଗତଭାବେ ଚିଠି କରି ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶରେ କୁହାଯାଇଥିଲା। ଏପରି କି ଟଙ୍କା ଆଦାୟ ଲାଗି ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ଅଗଷ୍ଟ ୬ରୁ ୩୧ମଧ୍ୟରେ ଅଯୋଗ୍ୟଙ୍କୁ ବାଦ୍ ଦେବାର ପ୍ରକ୍ରିୟା ଆରମ୍ଭ ହୋଇଥାଆନ୍ତା। ହେଲେ କୃଷି ବିଭାଗର ଏଭଳି ନିର୍ଦ୍ଦେଶକୁ ଭାଜପା ଓ କଂଗ୍ରେସ ବିରୋଧ କରିଥିଲେ। ପ୍ରଥମେ ଶାସକ ଦଳ କାଳିଆ ଯୋଜନା ନାମରେ ଲୋକଙ୍କୁ ଟଙ୍କା ଦେଇ ଭୋଟ ନେଲେ ଏବେ ଏହାକୁ ଫେରାଇବାକୁ କହୁଛନ୍ତି। ଏଭଳି ରାଜନୀତି ବନ୍ଦ କରାଯିବା ସହ ଚାଷୀମାନଙ୍କୁ ଟଙ୍କା ନ ଫେରାଇବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଥିଲେ।

### ଚାଷୀଙ୍କ ଖାତାକୁ ଗଲା ...

ଷଷ୍ଠ କିସ୍ତିରେ ରବିବାର ୧୭,୦୦୦ କୋଟିଟଙ୍କା ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୦ କୋଟିରୁ ଅଧିକ କୃଷକଙ୍କୁ ୯୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରତ୍ୟକ୍ଷ ନଗଦ ସୁବିଧା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଆଧାର କାର୍ଡ ସହ ସଂଯୋଗ ହୋଇଥିବା ଖାତାଧାରୀ ହିତାଧିକାରୀମାନଙ୍କୁ କେବଳ ମହାମାରୀ କରୋନାଜନିତ ଲକ୍‌ଡାଉନ୍ ସମୟରେ ୨୨,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ ଯୋଜନାରେ ୨୦୧୮ ଡିସେମ୍ବରରୁ ୨୦୧୯ ନଭେମ୍ବର ମଧ୍ୟରେ ୯ କୋଟିରୁ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭.୬୨ କୋଟି ବା ୮୪% କୃଷକ ପ୍ରଥମ କିସ୍ତି ଗ୍ରହଣ କରିଥିଲେ। ଦ୍ୱିତୀୟ କିସ୍ତିରେ ୬.୫ କୋଟି ଓ ତୃତୀୟ କିସ୍ତିରେ ୩.୮୫ ଚାଷୀଙ୍କୁ ଏହି ପେନସନ ରାଶି ଦିଆଯାଇଥିଲା ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଉକ୍ତ ଯୋଜନାର ପରିଚାଳନା ସମ୍ପର୍କିତ ଅଧିକ ତଥ୍ୟ www.pmkisan.gov.in ରେ ଉପଲବ୍ଧ।

### କୃଷି ଭିତ୍ତିଭୂମି ପାଇଁ ...

ଋଣପ୍ରଦାନକାରୀ ସଂସ୍ଥା ଜରିଆରେ ଉକ୍ତ ପାଣ୍ଠିରୁ ଅର୍ଥ ଦିଆଯିବ। ଏଥିସକାଶେ ୧୨ରୁ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କୃଷି ମନ୍ତ୍ରଣାଳୟ ସହ ପ୍ରାଥମିକ ଭାବେ ଚୁକ୍ତିବଦ୍ଧ ହୋଇଛନ୍ତି। ପ୍ରକଳ୍ପଗୁଡ଼ିକୁ ସମୃଦ୍ଧ କରିବା ପାଇଁ ଋଣ ଉପରେ ପ୍ରାୟ ୩% ସୁଧ ଛାଡ଼ କରାଯିବ। ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସରକାର ଗ୍ୟାରେଣ୍ଟି ଦେବେ। ଚଳିତ ଆର୍ଥିକ ବର୍ଷରେ ୧୦,୦୦୦ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି। ପରବର୍ତ୍ତୀ ତିନୋଟି ଆର୍ଥିକ ବର୍ଷରେ ସରକାର ୩୦,୦୦୦ କୋଟି ଟଙ୍କାର ଋଣ ଦେବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥଟ୍ଟା ସୁଖ ଶାଳୀ,**
**କହିଲେ ଯେବେ ସହେ;**
**ସଉଦା ସୁଖ କାଳି,**
**ନ ମାଗୁଣୁ ଯେବେ ଦିଏ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟା ମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର କୌଣସି ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଥୋ କଉଡ଼ି,**
**ଧୋ ଗୋଡ଼।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି । ପାଖରେ ଅର୍ଥ ଥିଲେ ସବୁ କିଛି ସହଜରେ ହାସଲ କରିହୁଏ। ପରନ୍ତୁ ଅର୍ଥ ନ ଥିଲେ ସବୁ କିଛି ଦୁଷ୍ପ୍ରାପ୍ୟ ହୋଇଯାଏ। ଆଗ ଅର୍ଥ ଦିଅ ପଛେ ଗୃହ ପ୍ରବେଶ କରିବାରେ କୌଣସି ବାରଣ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବାଧକାଧିପ କର୍ମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ଅବଶ୍ୟ ଲାଗି ରହିବ, କିନ୍ତୁ କିଛି ଅସୁବିଧା ହେବନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ଭାଗ୍ୟାଧିପ ପ୍ରଭାବରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ । ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି । କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବା ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ମିଥୁନ** ଆପଣଙ୍କ ସହ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ସମସ୍ୟାକୁ ବଢାଇ ଦେଇପାରନ୍ତି । ମୃଗଶିରା ନକ୍ଷତ୍ରର ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ । ପୁରୁଣା କଥାକୁ ଦୋହରାଇ ତର୍କକଲେ ଓଲଟାଫଳ ପାଇବେ। ପୁରାତନ ରୋଗର ପୀଡା ସାମୟିକ ମନକୁ ବିଷାଦିତ କରିବ।

**କର୍କଟ** ଆଜି ବୁଧାଦିତ୍ୟ ଯୋଗରୁ ଆପଣ ଯାହା କରନ୍ତୁ ନା କାହିଁକି, ସବୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ କରିବେ । ବ୍ୟବସାୟରେ ଲାଭବାନ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡିବ । ଗଠନମୂଳକ ପ୍ରେରଣା ଦେଇପାରନ୍ତି।

**ସିଂହ** ଏକାଦଶସ୍ଥ ଶୁକ୍ର ଓ ରାହୁ ପ୍ରଭାବରୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତାରୁ ମନ ଠିକ୍ ରହିବ ନାହିଁ।

**କନ୍ୟା** କାମଗୁଡିକ ରାହୁଙ୍କ ଯୋଗୁଁ ସମସ୍ୟାବହୁଳ ହେତୁ ମନରେ ସରସତା ରହିବ ନାହିଁ । ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇ ପାରନ୍ତି । ସାମାଜିକ ସ୍ତରରେ କୌଣସି କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦେଇପାରନ୍ତି। ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାତୀ ନକ୍ଷତ୍ରର ମନ ଭଲ ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢାଇ ନେବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ବିଛା** ତୃତୀୟ ସ୍ଥାନ ବଳବାନ୍ ଯୋଗୁଁ ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଭଲ ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ବନ୍ଧୁମାନଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଟଣାଓଟରା ଲାଗିବ। ମୂଳା ନକ୍ଷତ୍ର ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ ।

**ମକର** ଶନି ପ୍ରଭାବରେ ସାମାନ୍ୟ ଥଣ୍ଡାଜନିତ କାରଣରୁ ଦେହଟା ଭଲ ଲାଗିବ ନାହିଁ। ପରିବାର ଭିତରେ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ଥଗିତ ରହିଥିବା ନିର୍ମାଣ କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ** କାମଗୁଡିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଦୁଃଖ ପ୍ରକାଶ କରିବେ । ଦୃଢତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରିବେ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପୂର୍ବଭାଦ୍ରବ ଆନୁଷ୍ଠାନିକ କ୍ଷେତ୍ରରେ ଅସଂଗତି ଲକ୍ଷ୍ୟକରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ହଠାତ୍ ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ପୂର୍ବଭାଦ୍ରବ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଶଂସିତ ହେବେ।

ଆଜି ଭାଦ୍ରବ କୃଷ୍ଣ ସପ୍ତମୀ ସୋମବାର, ଶ୍ରୀମନ୍ଦିରରେ ହରିଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା ଓ ଜେଉଡଭୋଗ, ଅଗଷ୍ଟ ୧୦ ତାରିଖ, ଡେଙ୍ଗୁ ନିରୋଧକ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୨୯ମି.ଗତେ ଘ.୦୭.୧୧ମି.ମଧ୍ୟେ, ଘ.୧୦.୩୫ମି. ଗତେ ଘ.୦୧.୦୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୯ମି. ଗତେ ଘ.୦୯.୧୪ମି. ମଧ୍ୟେ, ଘ.୧୧.୨୯ମି. ଗତେ ଘ.୦୨.୨୯ମି. ମଧ୍ୟେ ଅମୃତବେଳା। ଦିବା ଘ.୦୩.୪୧ମି. ଗତେ ଘ.୦୫.୨୩ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭.୦୪ମି. ଗତେ ଘ.୦୮.୪୦ମି. ମଧ୍ୟେ ରାହୁକାଳ।

classifieds Everyday 0674-2580101, 2549302

real estate

SALE

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179.** D-69135

PURCHASE

Gharabari plot with boundary wall at just 1.5km from Nakhara Chhak and adjacent to Synergy College. Immediate registration and possession. Contact: 9439289411. D-69715

healthcare

Get refreshment body massage by expert therapist contact for. 9556978408. D-69705

Herbal full body massage by smart / expert therapist. Contact: 8338067247. D-69713

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886

Newly open SPA Centre full body massage Bamikhal, Bhubaneswar. 7205187702. D-59955

education

ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି course କରନ୍ତୁ। BAMS, BHMS, BUMS, D.Pharma, GNM, WhatsApp. 9893869473 (Agent Excuse). D-69716

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

business

Build Income for Life, work from Home has never been so Interesting. Log on to www.odisha.ws. Contact: 9437068052. D-17907

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାଟି ତଳୁ ୨୦୦୦ ଲିଟର ପୋଚ ଜବତ

ପରଜଙ୍ଗ, (ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରି ୧୦୦ ଲିଟର ମହୁଲି ମଦ ଜବତ କରିଛି। ଏଥିସହ ମାଟି ତଳେ ପୋତାଯାଇଥିବା ୨୦୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଚଢ଼ାଉ ବେଳେ ଅଭିଯୁକ୍ତ ଖସିଯାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ଘର ଆମ୍ବପଳାସ ଗ୍ରାମରେ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କହିଛନ୍ତି।

# ଉଚ୍ଛେଦରେ ସୀମିତ ସମ୍ପ୍ରସାରଣ

ବଇଣ୍ଡା, ୯।୮ (ପରିକ୍ଷିତ ସାହୁ)



ବଇଣ୍ଡାଛକସ୍ଥିତ ରାଜପଥ ପାର୍ଶ୍ୱରେ ଥିବା ଏକ ଗଛକୁ କଟାଯାଉଛି।

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥକୁ ୪ ଲେନ୍ କରାଯାଉଛି। ହେଲେ କିଶୋରନଗର ବ୍ଲକ ଜାମୁନାଳୀଠାରୁ ଭାଙ୍ଗମୁଣ୍ଡା ଯାଏ ଦୀର୍ଘ ୪୦ କିଲୋମିଟର ସମ୍ପ୍ରସାରଣରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡା ଛକରେ ଦୋକାନ ବଜାର ୨୬ ମାସ ତଳୁ ଉଚ୍ଛେଦ କରାଯାଉଥିଲେ ମଧ୍ୟ ଏଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ବହୁ କ୍ଷତିଗ୍ରସ୍ତ କ୍ଷତିପୂରଣ ପାଇ ନ ଥିବାବେଳେ ୨ ଶହ ଦୋକାନୀ ରୋଜଗାର ହରାଇ ଘରେ ବସିଥିବାରୁ ଅସନ୍ତୋଷ ଦେଖାଦେଇଛି।

ରାଜପଥ ସମ୍ପ୍ରସାରଣ ଠିକା ନେଇଥିବା ଗାୟିତ୍ରୀ କମ୍ପାନୀ ପକ୍ଷରୁ ୨୦୧୮ ମେ ୧୭ ଓ ୧୮ ତାରିଖରେ ବଇଣ୍ଡା ଛକ ସହ କେତେକ ଗ୍ରାମରେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ଏପରିକି ଲୋକଙ୍କୁ ଆବଶ୍ୟକ ସମୟ ଓ ଉଚିତ କ୍ଷତିପୂରଣ ନ ଦେଇ ସେମାନଙ୍କ ଘର, ଦୋକାନ ଭାଙ୍ଗି ଦିଆଯାଇଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ କିଛି ଲୋକଙ୍କୁ କ୍ଷତିପୂରଣ ଦିଆଯାଇ ଘର ଉଚ୍ଛେଦ କରାଯାଇଥିଲା। କ୍ଷତିପୂରଣ ପାଇ ନ ଥିବା କେତେଜଣ ବ୍ୟକ୍ତି ଏ ନେଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାହାକୁ ଖାତିର ନ କରି ଘର ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। କ୍ଷତିପୂରଣ ଦିଆ ନ ଯାଇ ଦୋକାନ ଉଚ୍ଛେଦ କରାଯାଇଥିବାରୁ ଏହାର ବିରୋଧ କରି ୪ ଶହରୁ ଊର୍ଦ୍ଧ୍ୱ ଉଠାଦୋକାନୀ ଅନୁଗୋଳ ଜିଲାପାଳ, ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଉଠା

- ରାଜପଥ ପାଇଁ ୨ ବର୍ଷ ହେଲା ଚାଲିଛି ଉଚ୍ଛେଦ
- ବଇଣ୍ଡା ଛକର ଅନେକ କ୍ଷତିଗ୍ରସ୍ତଙ୍କୁ ମିଳିନି କ୍ଷତିପୂରଣ
- ୨ ଶହ ବ୍ୟବସାୟୀ ହରାଇଛନ୍ତି ରୋଜଗାର

ଦୋକାନୀ ସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବଇଣ୍ଡା ଛକରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହେବ ବୋଲି ଠିକା କମ୍ପାନୀ ପକ୍ଷରୁ କୁହାଯାଇଥିଲେ ମଧ୍ୟ ସେ ନେଇ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଗତ ଶନିବାର ବଇଣ୍ଡା ଶିବ ମନ୍ଦିରଠାରେ ଥିବା ୨ଟି ବଡ଼ ଗଛକୁ ଠିକା କମ୍ପାନୀ ଜେସିବି ଲଗାଯାଇ କାଟିବା ସହ ରବିବାର ମାତ୍ର ୨ ଶହ ମିଟର ବିଦ୍ୟୁତ୍ ତାର ଟାଣିଛି। ଗାଡ଼ି ଚଳାଚଳ ସୁବିଧା ପାଇଁ ବାଇପାସ୍ ମଧ୍ୟ ନିର୍ମାଣ କରାଯାଇ ନାହିଁ। ରାଜପଥ କାର୍ଯ୍ୟ ଏଯାଏ ଆରମ୍ଭ ହୋଇ ନ ଥିବାରୁ ୨ ବର୍ଷ ହେଲା ରୋଜଗାର ହରାଇ ଘରେ ବସିଥିବା ୨ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ରାଜପଥର ଗୋଟିଏ ପାର୍ଶ୍ୱକୁ ବିଭିନ୍ନ ସ୍ଥାନ ଖୋଳାଯାଇଥିବା ବେଳେ ଗାଡ଼ି ଚଳାଚଳ କରୁଥିବା ଅନ୍ୟପାର୍ଶ୍ୱର ବଇଣ୍ଡାଠାରୁ ଲୁହାମୁଣ୍ଡା, ଗୁଣ୍ଡୁରୀମୁଣ୍ଡାରୁ ହଣ୍ଡପା ବଜାର, ରାଣୀଭୂଇଁଠାରୁ ନୂଆଭୂଇଁ, ଫୁଲାମ୍ବାରୁ ଖଇରମୁଣ୍ଡା, ଖୁଣ୍ଟବଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ କହିଛନ୍ତି, ଜାମୁନାଳୀଠାରୁ ଭାଙ୍ଗମୁଣ୍ଡା ପର୍ଯ୍ୟନ୍ତ ଆବଶ୍ୟକ ସରକାରୀ ଓ ବେସରକାରୀ ଜମି ଠିକାସଂସ୍ଥାକୁ ହସ୍ତାନ୍ତର କରାଯାଇଛି। କିପରି ନିର୍ମାଣ କାର୍ଯ୍ୟ ଶୀଘ୍ର ହୋଇପାରିବ ସେଥିପ୍ରତି ଠିକା କମ୍ପାନୀ ଦୃଷ୍ଟି ଦେବା ଆବଶ୍ୟକ। ଠିକା କମ୍ପାନୀ ଗାୟିତ୍ରୀର ପରିଚାଳକ ଗେଲିଡେବରା ପଦ୍ମନାଭମ୍ କହିଛନ୍ତି, ବଇଣ୍ଡାଠାରେ ଓଭରବ୍ରିଜ୍ ପାଇଁ ଅସ୍ଥାୟୀ ରାସ୍ତା ଆବଶ୍ୟକ ରହିଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ଅନୁମତି ମିଳିବା ପରେ ଅସ୍ଥାୟୀ ରାସ୍ତା ସହ ବ୍ରିଜ୍ କାମ ଆରମ୍ଭ କରାଯିବ। ଏ ନେଇ ଉଦ୍ୟମ ଜାରି ରହିଥିବା ପରିଚାଳକ ପ୍ରକାଶ କରିଛନ୍ତି।

### କ୍ଷତିପୂରଣ ଦିଆଯାଉନି



“ରାଜପଥ ସମ୍ପ୍ରସାରଣ ପାଇଁ ବଜାର ଉଚ୍ଛେଦ କରାଯାଇଛି। ହେଲେ ଉଠା ଦୋକାନୀଙ୍କ ସମସ୍ୟା ସମାଧାନ କରାଯାଉ ନାହିଁ। ସେମାନଙ୍କୁ କ୍ଷତିପୂରଣ ଦିଆଯାଉନି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ଏ ନେଇ କୋର୍ଟର ଆଶ୍ରୟ ନିଆଯାଇଛି।

–ରଣଜିତ ପଟ୍ଟନାୟକ, ଉଠାଦୋକାନୀ ସଂଘ ସଭାପତି

### ବେଆଇନ ଭାବେ ଉଚ୍ଛେଦ



“କ୍ଷତିପୂରଣ ଦିଆ ନ ଯାଇ ମୋ ଘର ଭାଙ୍ଗି ଦିଆଯାଇଛି। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏପରି କାର୍ଯ୍ୟ ହୋଇଛି। କୋର୍ଟରେ ମାମଲା ଥିଲେ ବି ଠିକା ସଂସ୍ଥା ପକ୍ଷରୁ ଆମକୁ କିଛି ନ ଜଣାଇ ଉଚ୍ଛେଦ କାର୍ଯ୍ୟ କରାଯାଇଛି।

–ଭଗବାନ ଘିଓ୍ୱାଲା, ଗ୍ରାମବାସୀ

### ରୋଜଗାର ହରାଇଛୁ



“୨ ବର୍ଷ ତଳେ ଦୋକାନ ଭାଙ୍ଗିଦିଆଯାଇଥିଲା। ରାଜପଥ କାମ ସରିଥିଲେ ନୂଆ ଦୋକାନ ଦେଇଥାନ୍ତି। କିନ୍ତୁ ନିର୍ମାଣ କାମରେ ବିଳମ୍ବ ହେଉଥିବାରୁ ବ୍ୟବସାୟ ସହ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ଦିଆଯାଉ।

–ପ୍ରଣୟ ଦେହୁରୀ, ଦୋକାନୀ

### ଠିକ୍ ଭାବେ ତଦାରଖ ହେଉନି



“ଠିକା ସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ରାଜପଥ କାମ ଏଯାଏ ଆରମ୍ଭ ହୋଇପାରି ନାହିଁ। ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କରୁଥିଲେ ମଧ୍ୟ ତାହାର ମରାମତି ହେଉନାହିଁ। ପ୍ରଶାସନିକ ଅଧିକାରୀମାନେ ତଦାରଖ କରୁନାହାନ୍ତି।

–ପ୍ରସନ୍ନ ବେହେରା, ଗ୍ରାମବାସୀ

### ବ୍ୟବସାୟୀଙ୍କ ଦୁଃଖ ବୁଝନ୍ତୁ



“ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନେ ଏବେ ବେକାର। ସେମାନଙ୍କୁ ସହାୟତା ଦିଆଯାଉ ନାହିଁ। ସେହିପରି ବାଇପାସ୍ ମଧ୍ୟ ନିର୍ମାଣ କରାଯାଉ ନାହିଁ। ଶୀଘ୍ର ରାଜପଥ ସମ୍ପ୍ରସାରଣ ଶେଷ କରାଯାଉ।

–ରାଜେନ୍ଦ୍ର ସାହୁ, ଦୋକାନୀ

## ସଂକ୍ଷେପରେ

### ଅନୁଗୋଳରେ ଖୋଲିବ ୨ କୋର୍ଟ

ଅନୁଗୋଳ ଅଫିସ୍, ୯।୮: ଓଡ଼ିଶାରେ ନୂତନ ଭାବେ ୬୫ଟି ସିଭିଲ କୋର୍ଟ (ଜୁନିୟର ଡିଭିଜନ୍) ତଥା ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଜିଲା ଜଜ୍‌ମାନଙ୍କୁ ଅବଗତ କରାଯିବା ସହ ଭିତ୍ତିଭୂମି ସମ୍ପର୍କରେ ରିପୋର୍ଟ ମଗାଯାଇଛି। ଏହି ୬୫ଟି କୋର୍ଟ ମଧ୍ୟରେ ଅନୁଗୋଳ ଜିଲାର ବଥଁରପାଳ ଓ କିଶୋରନଗର ଠାରେ ଦୁଇଟି ନୂଆ ସିଭିଲ୍ କୋର୍ଟ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ହାଇକୋର୍ଟଙ୍କ ପକ୍ଷରୁ ଚିଠି ନଂ ୭୩୫୪(୨୪)ରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ସମସ୍ତ ଭିତ୍ତିଭୂମିର ସୁବିଧା କରିବାକୁ ଚିଠିରେ ଉଲ୍ଲେଖ ରହିଛି।

### ନିଯୁକ୍ତ ହେଲେ ୪ ଡାକ୍ତର ‘ଧରିତ୍ରୀ’ ପ୍ରଭାବ

ବଇଣ୍ଡା, ୯।୮ (ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ସୂଚନା ଦେଇଛନ୍ତି। ଗତ ଶୁକ୍ରବାର ‘ଉପଖଣ୍ଡରେ ନାହାନ୍ତି ୨୨ ଡାକ୍ତର’ ଶୀର୍ଷକରେ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଥିଲା। ଏ ନେଇ ବିଧାୟକ ସାଏ ସିଡିଏମ୍‌ଓ, ଜିଲାପାଳ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପରେ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ, ହଣ୍ଡପାରେ ଜଣେ, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଥିବା ସୂଚନା ମିଳିଛି। ଏ ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାସ କହିଛନ୍ତି, ଆଠମଲ୍ଲିକ ଉପଖଣ୍ଡର ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଖାଲିଥିବା ପଦବୀ ଶୀଘ୍ର ପୂରଣ କରାଯିବା ପାଇଁ ଦୃଷ୍ଟି ଦିଆଯିବ।

### ୧୦ ଦଫା ଦାବିପତ୍ର ପ୍ରଦାନ

ଅନୁଗୋଳ ଅଫିସ୍, ୯।୮: ଅଲ୍‌ଇଣ୍ଡିଆ କିଷାନ ସଂଘ କୋଅର୍ଡିନେଶନ କମିଟି (ଏଆଇକେଏସ୍‌ସିସି) ଆହ୍ୱାନରେ ରବିବାର ଦେଶବ୍ୟାପୀ ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ‘କର୍ପୋରେଟ୍ ହଟାଅ ଦେଶ ବଞ୍ଚାଅ’ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଲ୍‌ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍) ଅନୁଗୋଳ ଜିଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। କୃଷିଋଣ ଛାଡ, କୃଷି ଉତ୍ପାଦନ ବଜାର କମିଟି ଅଧାଦେଶ ସହ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ସଂଶୋଧନ ଅଧାଦେଶ ଓ ବିଦ୍ୟୁତ୍ ବିଲ୍-୨୦୨୦ ପ୍ରତ୍ୟାହାର କରିବା ଆଦି ଏଥିରେ ଦାବି କରାଯାଇଛି। ସେହିପରି କଣିହାଁ, ଛେଣ୍ଡିପଦା, କିଶୋରନଗରରେ ମଧ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଛେଣ୍ଡିପଦା,୯।୮ (ସ୍ୱ.ପ୍ର.): ଛେଣ୍ଡିପଦା ଥାନା ଅନ୍ଧାରିକଟା ଗ୍ରାମର ଏକ ଶାଳ ଗଛରୁ ରବିବାର ଅପରାହ୍ନରେ କଳ୍ପନା ବାରିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ କହିଛି, ହଣ୍ଡପା ଥାନା ନାକିଚି ଗ୍ରାମର କଳ୍ପନାଙ୍କୁ ଅନ୍ଧାରିକଟା ଗ୍ରାମର ସନାତନ ବାରିକ ବିବାହ କରିଥିଲେ। କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ମଧ୍ୟାହ୍ନରେ କଳ୍ପନା ଗ୍ରାମ ପୋଖରୀକୁ ଗାଧୋଇବାକୁ ଆସି ଆତ୍ମହତ୍ୟା କରିଥିବା ଜଣାଯାଇଛି। କଳ୍ପନାଙ୍କ ଭାଇ ଅମର ବାରିକଙ୍କ ଅଭିଯୋଗ କ୍ରମେ ନଂ, ୨୬୮/୨୦ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପାଇଁ ମୃତଦେହ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ସାମଲ କହିଛନ୍ତି।

### ୮ ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ୍, ୯।୮: ଅନୁଗୋଳ ଥାନା ଆମ୍ବପାଳ ନତଡ଼ା ଅଞ୍ଚଳରୁ ଡିଜେଲ ଚୋରି ଅଭିଯୋଗରେ ୮ ଜଣଙ୍କୁ ଶନିବାର ଗିରଫ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ନତଡ଼ା ଅଞ୍ଚଳର ଅଭୟ ବେହେରା, ସଂଗ୍ରାମ ପ୍ରଧାନ, ପ୍ରଫୁଲ୍ଲ ଦଳେଇ, ଜିତେନ୍ଦ୍ର ନାଏକ, ଚେରୁ ନାଏକ, ବଳରାମ ନାଏକ, ସିପୁନ ପ୍ରଧାନ ଓ ବାପୁନ ବେହେରା। ଏସ୍‌ଆଇ ଦିଲୀପ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ନଂ. ୯୨୩/୨୦ରେ ମାମଲା ରୁଜୁ ସହ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଜଣେ ମୃତ, ୯ ଆକ୍ରାନ୍ତ

ଅନୁଗୋଳ ଅଫିସ୍, ୯।୮

ଅନୁଗୋଳ ଜିଲାରୁ ରବିବାର ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ପଜିଟିଭ ସଂଖ୍ୟା ୪୨୭ରେ ପହଞ୍ଚିଥିବାବେଳେ ଜଣେ ୪୪ ବର୍ଷୀୟ ମହିଳା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ମୃତା ତାଳଚେର ଅଞ୍ଚଳର ହୋଇଥିବାବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଏହାକୁ ମିଶାଇ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ନୂଆ ୯ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ଓ ବଥଁରପାଳ ବ୍ଲକ ଅଞ୍ଚଳରୁ ୩ ଜଣ ଲେଖାଏ, ଅନୁଗୋଳ ପୌରାଞ୍ଚଳରୁ ୨ ଜଣ ଓ ଜଣେ କଣିହାଁ ବ୍ଲକ ଅଞ୍ଚଳର ରହିଛନ୍ତି।

## ସ୍ମେଲଟର ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ

ବଥଁରପାଳ, ୯।୮ (ଡି.ଏନ.ଏ.)

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ଘରୋଇକରଣ କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ଅଭିଯୋଗ କରି ନାଲ୍‌କୋ କୋଅର୍ଡିନେଶନ କମିଟି ପକ୍ଷରୁ ସ୍ମେଲଟର ମୁଖ୍ୟଫାଟକ ସମ୍ମୁଖରେ ରବିବାର ବିକ୍ଷୋଭ କରାଯାଇଛି। ଏଥିରେ ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇଟିୟୁସି ଆଦି ସଙ୍ଗଠନ ସାମିଲ ହୋଇଥିଲେ। ଘରୋଇ କମ୍ପାନୀ ହାତରେ ଶିଳ୍ପ ସଂସ୍ଥାକୁ ଟେକିଦେଲେ ସଂସ୍ଥା ତଥା ଦେଶର କ୍ଷତି ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏନ୍‌ଏସ୍‌ୟୁର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ନେପୁର କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ଅଜୟ ଦାସ, ନେସ୍‌ର ସାଧାରଣ ସମ୍ପାଦକ ନିର୍ମଳ ସାମଲ, ମୁରଲୀଧର ପଣ୍ଡା, ଏନ୍‌ଏନ୍‌ୟୁର ସାଧାରଣ ସମ୍ପାଦକ ନିର୍ମଳ ଶତପଥୀ, ଶ୍ରମିକ ନେତା ପ୍ରଶାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସହରାଞ୍ଚଳରେ ବଢୁଛି ସଂକ୍ରମଣ

ଢେଙ୍କାନାଳ ଅଫିସ/କାମାକ୍ଷାନଗର (ଡି.ଏନ୍.ଏ.), ୯।୮

- କାମାକ୍ଷାନଗର ଏନ୍‌ଏସି ୩ଦିନ ପାଇଁ ଶଟ୍‌ଡାଉନ
- ସରଜଙ୍ଗ ସାହି, ବାଉଁଶପାଟଣା କଣ୍ଟେନମେଣ୍ଟ ଜୋନ୍

ଢେଙ୍କାନାଳ ଜିଲାର ସହରାଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ବିଶେଷ କରି କାମାକ୍ଷାନଗର, ଭୁବନ ଏନ୍‌ଏସିରେ ରୋଗୀ ସଂଖ୍ୟା ବୃଦ୍ଧି ପ୍ରଶାସନ ପାଇଁ ଚିନ୍ତା ବଢ଼ାଇଛି। ରବିବାର ଗୋଟିଏ ଦିନରେ ଜିଲାରୁ ଚିହ୍ନଟ ହୋଇଛନ୍ତି ୨୯ ପଜିଟିଭ୍। ସେମାନଙ୍କ ମଧ୍ୟରେ କାମାକ୍ଷାନଗର ଏନ୍‌ଏସିରୁ ୧୯, କାମାକ୍ଷାନଗର ବ୍ଲକରୁ ୬, ଭୁବନ ଏନ୍‌ଏସିରୁ ୨, ପରଜଙ୍ଗ ବ୍ଲକରୁ ଜଣେ, ଓଡ଼ାପଡ଼ା ବ୍ଲକରୁ ଜଣେ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨୪ ଜଣ ହୋମ୍ କ୍ୱାରାଣ୍ଟାଇନରେ, ୨ଜଣ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଅନ୍ୟ ୩ ଜଣ ଜିଲା ଚିକିତ୍ସାଳୟରେ ଆଣ୍ଟିଜେନ୍ ଟେଷ୍ଟ ଦ୍ୱାରା ସଂକ୍ରମିତ ବୋଲି ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୪ଜଣଙ୍କୁ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୧୫ଜଣ ହୋମ୍ ଆଇସୋଲେଶନରେ ଅଛନ୍ତି।

ବଢୁଥିବା ସଂକ୍ରମଣକୁ ନଜରରେ ରଖି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କାମାକ୍ଷାନଗର ଏନ୍‌ଏସିକୁ ସୋମବାରଠାରୁ ବୁଧବାର ଯାଏ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଢେଙ୍କାନାଳ ପୌରାଞ୍ଚଳର ୱାର୍ଡ ନଂ. ୧୦ ସରଜଙ୍ଗ ସାହି, ବାଉଁଶପାଟଣାକୁ ୧୧ ତାରିଖ ଯାଏ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଜିଲାରେ ମୋଟ୍ ୫୫୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରବିବାର ୨୪ ସୁସ୍ଥ ହୋଇ ଫେରିବା ପରେ ଆରୋଗ୍ୟଙ୍କ ସଂଖ୍ୟା ୩୪୧କୁ ବୃଦ୍ଧି ପାଇଛି।

## ‘ଓଡ଼ିଶା ମୋ ପରିବାର’ରେ ଫାଟ

ଅନୁଗୋଳ ଅଫିସ, ୯।୮





ରକ୍ତଦାନ ଶିବିରରେ ଉପସ୍ଥିତ ଥିବା ବିଜେଡି କର୍ମକର୍ତ୍ତା।

- ଜିଲା ସଂଯୋଜକଙ୍କୁ ଦୁର୍ବ୍ୟବହାର ଅଭିଯୋଗ
- ସମର୍ଥକମାନଙ୍କଠାରୁ ରକ୍ତ ନିଆଗଲାନି
- ସହସଂଯୋଜକ ଆୟୋଜନ କରିଛନ୍ତି: ଜିଲା ବିଜେଡି ସଭାପତି

ଅନୁଗୋଳ ଜିଲାରେ ବିଜୁ ଜନତା ଦଳର ‘ଓଡ଼ିଶା ମୋ ପରିବାର’ ଓ ‘ଜୀବନ ବିନ୍ଦୁ’ର ପୁନର୍ଗଠନ ହେଉ ହେଉ ଏଥିରେ ଫାଟ ଦେଖାଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ରବିବାର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଜିଲା କଳାକେନ୍ଦ୍ରଠାରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ଆୟୋଜିତ ରକ୍ତ ଦାନ ଶିବିରରେ ଏହି ସଙ୍ଗଠନର ଜିଲା ସଂଯୋଜକ ଶକ୍ତି ପଟ୍ଟନାୟକଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ନିଜେ ଶକ୍ତି ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ଜଣାଇଥିବା ବେଳେ କାର୍ଯ୍ୟକ୍ରମରେ ଉପସ୍ଥିତ ଥାଇ ବି ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ ଘଟଣା କ’ଣ ଘଟିଛି ଜାଣି ନ ଥିବା କହିଛନ୍ତି।

କଳାକେନ୍ଦ୍ରଠାରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପଟ୍ଟନାୟକ ନିଜ ସମର୍ଥକଙ୍କ ସହ ପହଞ୍ଚିଥିଲେ। ସେ ପହଞ୍ଚିବା କ୍ଷଣି କୁଆଡ଼େ ଓ କାହିଁକି ଆସିଛନ୍ତି ବୋଲି ପ୍ରଶ୍ନ କରାଯାଇଥିଲା। ଏପରି କି ତାଙ୍କ ସହ ଯାଇଥିବା ଯୁବକମାନେ ରକ୍ତ ଦେଇପାରିବେ ନାହିଁ ବୋଲି ମଧ ବାରଣ କରାଯାଇଥିଲା। ଏ ସମ୍ପର୍କରେ ସେ ଦଳର ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ଅବଗତ କରିଥିବା ଜିଲା ସଂଯୋଜକ ଶକ୍ତି କହିଛନ୍ତି। ଅପରପକ୍ଷରେ ଏହି ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକଙ୍କ ପୁଅ ଅରୁଣାଭ ସିଂହଙ୍କ ସହ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ ଏବଂ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁର ଜିଲା ସହ ସଂଯୋଜକ ପ୍ରିୟଦର୍ଶୀ ପଟ୍ଟନାୟକ ଉପସ୍ଥିତ ଥିଲେ। ସହ ସଂଯୋଜକ ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତେଣୁ ଜିଲା ସଂଯୋଜକଙ୍କର ଏଥିରେ କୌଣସି ଭୂମିକା ନ ଥିବା ଜିଲା ବିଜେଡି ପକ୍ଷରୁ କୁହାଯାଇଛି। ଜିଲା ସଭାପତି ବସ୍ତିଆ କହିଛନ୍ତି, ଘଟଣା କ’ଣ ହୋଇଛି ଜାଣି ନାହିଁ। ଜିଲା ସହସଂଯୋଜକ ଏହାର ଆୟୋଜନ କରିଥିଲେ। ଏଥିରେ ଶକ୍ତିଙ୍କ କୌଣସି ଭୂମିକା ନାହିଁ। ତେଣୁ ତାଙ୍କ ନାମ ପ୍ରେସ୍ ବିଜ୍ଞପ୍ତିରେ ଦିଆଯାଇ ନାହିଁ ବୋଲି ବସ୍ତିଆ ପ୍ରକାଶ କରିଛନ୍ତି।

# ବଢୁଛନ୍ତି ଅହିରାଜ, ଅଜଗର

ଢେଙ୍କାନାଳ ଅଫିସ, ୯।୮

- ସୁହାଉଛି ଢେଙ୍କାନାଳର ପ୍ରାକୃତିକ ପରିବେଶ
- ୫ ବର୍ଷରେ ସାପ କାମୁଡ଼ାଜନିତ ମୃତ୍ୟୁ ୧୨୮
- ମିଳିତ ପ୍ରୟାସରେ ସୁରକ୍ଷିତ ହେବ ସର୍ପବଂଶ

ଢେଙ୍କାନାଳର ପ୍ରାକୃତିକ ପରିବେଶ ସର୍ପବଂଶ ବୃଦ୍ଧିରେ ସହାୟକ ହୋଇଛି। ଏଠାକାର ସଂରକ୍ଷିତ ଜଙ୍ଗଲ, ପାହାଡ଼ ଖୋଲ ସାପଙ୍କ ସୁରକ୍ଷିତ ଆବାସସ୍ଥଳୀ ପାଲଟିଛି। ବୁଦୁବୁଦିଆ ଜଙ୍ଗଲ, ଜମି, ଜଳାଶୟ ଅବବାହିକାରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ମିଳୁଥିବାରୁ ଗତ କିଛିବର୍ଷ ମଧ୍ୟରେ ଜିଲାରେ ଅହିରାଜ ଏବଂ ଅଜଗର ପ୍ରଜାତିର ସାପଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପଟେ ଗତ ୫ବର୍ଷରେ ସାପ କାମୁଡ଼ାରେ ୧୨୮ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟ କହୁଛି। ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ବ୍ୟାପକ ଜନସଚେତନତା ଆବଶ୍ୟକ ଥିବାବେଳେ ସରକାରୀ, ବେସରକାରୀସ୍ତରରେ ମିଳିତ ପ୍ରୟାସ ହେଲେ ପ୍ରକୃତିର ବରଦାନ ଏହି ସରୀସୃପ ବଂଶ ସୁରକ୍ଷିତ ହୋଇପାରିବ ବୋଲି ପରିବେଶବିତ୍ ମତ ଦେଇଛନ୍ତି।

ଭାରତରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ସାପ ଦେଖାଯାଆନ୍ତି। ସେଥିରୁ ୫୨ ପ୍ରଜାତି ବିଷାକ୍ତ। ସେହିପରି ଓଡ଼ିଶାରେ ଦେଖାଯାଉଥିବା ୮୦ ପ୍ରକାରର ସାପ ମଧ୍ୟରୁ ୧୭ ବିଷାକ୍ତ ଏବଂ ୧୦ ଅତି ବିଷାକ୍ତ ପ୍ରଜାତିର। ନାଗ, ତମ୍ପ, ଚିତି, ରଣା, ଚନ୍ଦନବୋଡ଼ା, ଧୂଳିଆ ବୋଡ଼ା କାମୁଡ଼ାରେ ବେଶି ଜୀବନ ଯାଇଥାଏ। ଢେଙ୍କାନାଳର ଥଣ୍ଡା ପରିବେଶ ସାପ ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇଛି। ସର୍ପ ଗବେଷକଙ୍କ ମତରେ ଜିଲାର କପିଳାସ ଅଭୟାରଣ୍ୟ, ହିନ୍ଦୋଳ ରେଞ୍ଜର ଫାଶିଗାଁ, କନ୍ଧରା, କଙ୍କଡ଼ାହାଡ଼ର ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଅଧିକ ସଂଖ୍ୟାରେ ଅଜଗର ଏବଂ ଅହିରାଜ ବିଚରଣ କରୁଛନ୍ତି। ଜିଲାର ମୋଟ୍ ସାପ ସଂଖ୍ୟାର ହାରାହାରି ୪୨% ଅଜଗର ଏବଂ ୩୫ % ଅହିରାଜ। ଅଜଗର ସାପ ପଥର ଗୁମ୍ଫା, ଗଛ କୋରଡ଼ ଭଳି ଅନ୍ଧାରୁଆ ସ୍ଥାନରେ ରହିବାକୁ ପସନ୍ଦ କରନ୍ତି। ସେହିପରି ଘନଜଙ୍ଗଲ ଅହିରାଜଙ୍କ ପସନ୍ଦର ସ୍ଥାନ। ଅହିରାଜର ପ୍ରମୁଖ ଆହାର ଛୋଟସାପ, ମୂଷା। ବେଳେବେଳେ ଖାଦ୍ୟ



ଅନ୍ୱେଷଣରେ ଏହି ସାପ ଜନବସତିକୁ ଚାଲିଆସି ମଣିଷଙ୍କ ଆକ୍ରମଣର ଶିକାର ହୋଇଥାନ୍ତି। ସପ୍ତାହକ ମଧ୍ୟରେ ଫାଶିଗାଁ ଜଙ୍ଗଲରୁ ୨ଟି ଏବଂ କପିଳାସ ଅଭୟାରଣ୍ୟରୁ ଜନବସତିକୁ ଚାଲି ଆସିଥିବା ଗୋଟିଏ ଅହିରାଜକୁ ଉଦ୍ଧାର କରାଯାଇଛି। ଫାଶିଗାଁ ଅଞ୍ଚଳକୁ ପଶି ଆସିଥିବା ୧୬ ଫୁଟ ବିଶିଷ୍ଟ ବିଶାଳକାୟ ଅହିରାଜ ଅଞ୍ଚଳବାସୀଙ୍କ ଆକ୍ରମଣର ଶିକାର ହୋଇଥିଲା। ଏହାପରେ ସେ ବେଶିବାଟ ଯାଇ ନ ପାରି ପଡ଼ି ରହିଥିଲା। ସୂଚନା ପାଇ ବନ୍ୟକ ଫାଉଣ୍ଡେଶନର ସଦସ୍ୟମାନେ ଏହାକୁ ଉଦ୍ଧାର କରି ପାଣି ପିଆଇବା ପରେ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦେଇଦେଇଥିଲେ। ସାପ ପ୍ରକୃତିର ବରଦାନ। ଏହାକୁ ନ ମାରି ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେବା ଉଚିତ ବୋଲି ବନ୍ୟକର ସଦସ୍ୟ ପପୁନ ଦାସ ନିବେଦନ କରିଛନ୍ତି।

### ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲି ଆସୁଛନ୍ତି



“ସାପ କୃଷକର ବନ୍ଧୁ। ଫସଲ ନଷ୍ଟ କରୁଥିବା ବଡ଼ ବଡ଼ ମୂଷାଙ୍କୁ ସାପ ଖାଇଯାଇଥାନ୍ତି। ଜିଲାର ଘଞ୍ଚ ଜଙ୍ଗଲରେ ଅହିରାଜ, ଅଜଗରଙ୍କ ସଂଖ୍ୟା ଅଧିକ। ନାଗ, ଗୋଖର, ବୋଡ଼ା, ରଣା ମଧ୍ୟ ବହୁଳ ପରିମାଣରେ ଦେଖାଯାଆନ୍ତି। ବେଳେ ବେଳେ ଖାଦ୍ୟ ଅନ୍ୱେଷଣରେ ସାପ ଜନବସତିକୁ ଚାଲି ଆସୁଛନ୍ତି। ସେମାନଙ୍କ ନ ମାରି ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦେଲେ ସର୍ପବଂଶ ସୁରକ୍ଷିତ ହୋଇପାରିବ। ସାପ ଗଣନା ହେଲେ ପ୍ରକୃତରେ କେତେ ଅହିରାଜ ଏବଂ ଅଜଗର ଅଛନ୍ତି ତାହା ସ୍ପଷ୍ଟ ହେବ।

–ପ୍ରଦ୍ୟୁମ୍ନ ରଥ, ପରିବେଶବିତ୍

### ତୁରନ୍ତ ଚିକିତ୍ସା ଜୀବନ ବଞ୍ଚାଇବ



“ଢେଙ୍କାନାଳ ଜିଲାରେ ୪୨% ଅଜଗର ଏବଂ ୩୫% ଅହିରାଜ ଅଛନ୍ତି। ୭ବର୍ଷ ହେଲା ବନ୍ୟକ ଫାଉଣ୍ଡେଶନର ସଦସ୍ୟମାନେ ସାପଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି। ଜିଲାର ବିଭିନ୍ନ ସ୍ଥାନରୁ ସାପଙ୍କୁ ଉଦ୍ଧାର କରାଯାଇ ବନ ବିଭାଗ ସହାୟତାରେ ଜଙ୍ଗଲରେ ଛଡ଼ାଯାଉଛି। ଧରିବା ସମୟରେ ୧୦ଥର ସାପକାମୁଡ଼ାର ଶିକାର ହୋଇଛି। ଆବଶ୍ୟକ ଚିକିତ୍ସା ପରେ ମୁଁ ସୁସ୍ଥ ହୋଇପାରିଛି। ସାପଟିଏ ଦେଖିଲେ ଲୋକମାନେ ଭୟଭୀତ ହୋଇ ମାରି ଦେଉଛନ୍ତି। ଏହା ଅନୁଚିତ। ଲୋକମାନେ ସଚେତନ ହେଲେ ସାପକାମୁଡ଼ାରୁ ରକ୍ଷା ମିଳିପାରିବ। ତୁରନ୍ତ ଚିକିତ୍ସା ବ୍ୟବସ୍ଥା କଲେ ଜୀବନ ବଞ୍ଚିପାରିବ।

–ସଞ୍ଜୀବ ବେହେରା, ବନ୍ୟକ ଫାଉଣ୍ଡେଶନ ନିର୍ଦ୍ଦେଶକ

ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ- ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ- ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। -ଶ୍ରୀମା

# କେବଳ ଧ୍ୱନି, କମାଣ ନାହିଁ

ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦକୁ ବଢ଼ାଇବା ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ୧୦୧ଟି ଉପକରଣ ଆମଦାନୀ ଉପରେ ଖୁବ୍ ଶୀଘ୍ର ପ୍ରତିବନ୍ଧକ ଲଗାଯିବ ବୋଲି ଘୋଷଣା କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନେକ ଟୁଇଟ୍ କରି କହିଛନ୍ତି ଯେ, 'ଆତ୍ମନିର୍ଭର ଭାରତ' ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଏହି ପଦକ୍ଷେପ ଅତ୍ୟନ୍ତ ସହାୟକ ହେବ। ଉଲ୍ଲେଖଯୋଗ୍ୟ ଯେ, ଭାରତକୁ ଏକ ଆତ୍ମନିର୍ଭର ରାଷ୍ଟ୍ରରେ ପରିଣତ କରିବା ଉଦ୍ଦେଶ୍ୟ ରଖାଯାଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମେ' ୨୦୨୦ରେ 'ଆତ୍ମନିର୍ଭର ଭାରତ' ଅଭିଯାନ ଘୋଷଣା କରାଯାଇଥିଲା। ତେବେ ୬ ବର୍ଷରୁ ଊର୍ଦ୍ଧ୍ୱ ଶାସନ କରିବା ପରେ ମଧ୍ୟ ପୂର୍ବ ସରକାରଗୁଡ଼ିକୁ ଦାୟୀ କରୁଥିବା ଆଜିର ଭାଜପା ସରକାରର ନିଦ ଏବେ ଭଙ୍ଗ ହୋଇଥିବା ଭଳି ମନେହେଉଛି। ଅବଶ୍ୟ ତା'ର କାରଣ ସମସ୍ତଙ୍କୁ ଜଣା। ଚାଇନାର ପିଏଲ୍ଏ ଭାରତ ଭିତରକୁ ପ୍ରବେଶ କରି ଆମର ୨୦ ଜଣ ସେନା ଅଧିକାରୀ ଓ ଯବାନଙ୍କୁ ମାରି ନ ଥିଲେ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇବା ସମ୍ଭବପର ହୋଇ ନ ଥାଆନ୍ତା। ବର୍ତ୍ତମାନ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି କ୍ଷେତ୍ରକୁ ସ୍ୱାବଲମ୍ବନଶୀଳ କରିବାକୁ ଚାହିଁ କହିଛି, କେବଳ ସାଧାରଣ ଯନ୍ତ୍ରାଂଶ ନୁହେଁ, ଉଚ୍ଚ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଆର୍ଟିଲାରୀ ଗନ୍, ଆସଲ୍ଟ ରାଇଫଲ୍ସ, ସୋନାର ସିଷ୍ଟମ୍, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ, ଏଲ୍ସିଏଚ୍, ରାଡାର ଏବଂ ପ୍ରତିରକ୍ଷା ସେବାରେ ଆବଶ୍ୟକ ଉପକରଣ ଆଦି ବିକଶିତ କରିବ। ଏହିସବୁ ଆଧୁନିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରୁଥିବା ଦେଶଗୁଡ଼ିକ ଅନେକ ଗବେଷଣା କରିବା ପରେ ଏଭଳି ସ୍ଥିତିରେ ପହଞ୍ଚିପାରିଛନ୍ତି। ସବୁ ଗବେଷଣା ପାଇଁ ସମୟ ଲାଗିଥାଏ।

ଭାରତର ଚାରିକଡ଼େ ଶତ୍ରୁଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ପ୍ରତିରକ୍ଷାକୁ ସୁଦୃଢ଼ କରିବା ଅବଶ୍ୟମ୍ଭାବୀ ହୋଇପଡ଼ିଲାଣି। ବିଶେଷକରି ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଚାଇନା ଏବଂ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ପାକିସ୍ତାନ ଭାରତ ପଟକୁ ମାଡ଼ି ବସିଛନ୍ତି। ସେହି ସମୟରେ ଛୋଟିଆ ଦେଶ ନେପାଳ ମଧ୍ୟ ତା' ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମାନଚିତ୍ରରେ ଭାରତର କେତେକ ଅଞ୍ଚଳକୁ ସ୍ଥାନିତ କରିଛି। ଖୁବ୍‌ଶୀଘ୍ର ବାଂଲାଦେଶ ମଧ୍ୟ ନୂଆ ମାନଚିତ୍ରରେ ହାୱଡା ରେଳ ଷ୍ଟେଶନକୁ ସାମିଲ କରିପାରେ। ଏହାର କାରଣ ହେଉଛି ଏକ ଦୁର୍ବଳ ଭାରତକୁ ଦେଖି ଶୃଗାଳ ମଧ୍ୟ ସିଂହ ପାଲଟିବାକୁ ଚେଷ୍ଟା କଲାଣି। କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ଉପରେ କଟକଣା ସଶସ୍ତ୍ର ବଳକୁ ଦୁର୍ବଳ କରିବା ଆଶଙ୍କା ସୃଷ୍ଟି କରିଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରୁଥିବା ସ୍ୱଦେଶୀ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାମଗ୍ରୀ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଯିବାକୁ କେତେକେ ଏକ ଉତ୍ତମ ଚିନ୍ତାଧାରା କହିପାରନ୍ତି। କିନ୍ତୁ ତତ୍‌କ୍ଷଣାତ୍ ଭାରତ କେତେଦୂର ଏ ଦିଗରେ ସଫଳ ହେବ କହିବା କଷ୍ଟକର। ଆଜି ଭାରତରେ ଯେଉଁ ନୂତନ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ପ୍ରତିରକ୍ଷା ସାମଗ୍ରୀ ଓ ଫାଇଟର ଜେଟ୍‌ଗୁଡ଼ିକୁ ଦେଖିବାକୁ ମିଳୁଛି, ସେସବୁ ବିଦେଶ ନିର୍ମିତ। ନିକଟରେ ଫ୍ରାନ୍ସରୁ ଆମଦାନୀ ହୋଇଥିବା ୫ ରାଫାଲ୍ ଯୁଦ୍ଧ ବିମାନ ଭାରତ ମାଟି ଛୁଇଁଥିବା କଥା ସମସ୍ତେ ଜାଣନ୍ତି। ସେହି ୫ଟି ରାଫାଲ ଯୁଦ୍ଧବିମାନ ୨୦୨୨ ମସିହାରେ ଭାରତ ଉପଯୋଗୀ ହୋଇପାରିବ। ଆଜି ପର୍ଯ୍ୟନ୍ତ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ବିଶ୍ୱସ୍ତରୀୟ ଯୁଦ୍ଧ ଉପକରଣ ପ୍ରସ୍ତୁତ କରିପାରି ନାହିଁ। କେବଳ 'ଆତ୍ମନିର୍ଭର ଭାରତ' ସ୍ଲୋଗାନରେ ଯେ ଏ ଦିଗରେ ତତ୍‌କ୍ଷଣାତ୍ ପରିବର୍ତ୍ତନ ଆସିଯିବ ଭାବିବା ଭୁଲ। କେବଳ ଗୋଟେ 'ଘୋ'ରେ ମାଡି ତୁରନ୍ତ ନିଷ୍ପତ୍ତି ନେଇଯିବା ସହଜ ହୋଇପାରେ। ମାତ୍ର ତା'ର ଦୀର୍ଘମିଆଦୀ ଫଳ ମିଳିପାରିବ ନାହିଁ। ସ୍ୱଦେଶୀ ଶିଳ୍ପକୁ ପ୍ରୋତ୍ସାହନ ଦେଇ ଆବଶ୍ୟକ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରିବା ପରେ ଯାଇ ଆମଦାନୀ ଉପରେ କଟକଣା ଚିନ୍ତା କରାଯାଇପାରି ଥାଆନ୍ତା।

ଭାରତୀୟ ଅର୍ଥନୀତି ହେଉ ବା ପ୍ରତିରକ୍ଷା ସାମର୍ଥ୍ୟ ଅଦ୍ୟାବଧି ବିଶ୍ୱ ବଜାରରେ ତା'ର ସ୍ଥିତି ଜାହିର କରିପାରିନାହିଁ। ଆତ୍ମନିର୍ଭର ଲକ୍ଷ୍ୟରେ ଯଦି ବିଶ୍ୱ ପ୍ରତିଯୋଗିତାରୁ ଭାରତ ଦୂରେଇଯିବ, ତାହା ହେଲେ ଏଠାକାର ଉତ୍ପାଦ କେତେ ଶକ୍ତିଶାଳୀ ରହିବ ମାପିବା କଷ୍ଟକର। ଏମିତି ଦେଖିଲେ ଭାରତର ପ୍ରତି କ୍ଷେତ୍ରରେ ଗବେଷଣା ଓ ଅନୁଧ୍ୟାନ ଦିଗକୁ ଅଣଦେଖା କରାଯାଇଚାଲିଛି। ପ୍ରତିରକ୍ଷା କ୍ଷେତ୍ରରେ ଅଭିନବତ୍ୱକୁ ପ୍ରୋତ୍ସାହନ ଦିଆଯାଉ ନ ଥିବାରୁ ଉନ୍ନତମାନର ସାମଗ୍ରୀ ଡିଜାଇନ କରାଯାଇପାରୁ ନାହିଁ କି ସେଗୁଡ଼ିକ ବିକଶିତ ହୋଇପାରୁ ନାହିଁ। ପୂର୍ବ ସରକାରଗୁଡ଼ିକ କରିଥିବା ବ୍ୟବସ୍ଥା ଅନୁଯାୟୀ ବିଦେଶରୁ ଆମଦାନୀ ହେଉଥିବା ଅନେକ ଅସ୍ତ୍ରଶସ୍ତ୍ର ପରବର୍ତ୍ତୀ ସମୟରେ ଭାରତରେ ନିର୍ମିତ ହୋଇପାରୁଥିଲା। ଏହାର ସର୍ବଶ୍ରେଷ୍ଠ ଉଦାହରଣ ହେଲା ରୁଷିଆ ସହ ସୁସମ୍ପର୍କ ଯୋଗୁ ଭାରତରେ ମିଗ୍ ଯୁଦ୍ଧବିମାନ ତିଆରି ହେଉଥିଲା। ସେହି ବିମାନରେ ବ୍ୟବହୃତ ହେଉଥିବା ଜେଟ୍‌କୁ ଓଡ଼ିଶାର ସୁନାବେଡ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ରେ ପ୍ରସ୍ତୁତ କରାଯାଇଥିଲା। ପରେ ପୂର୍ଣ୍ଣ ବିମାନ ବାଙ୍ଗାଲୋରର ହାଲ୍‌ଠାରେ ନିର୍ମାଣ ହେଉଥିଲା। ରୁଷିଆ ସହ ସମ୍ପର୍କ ତିକ୍ତ କରାଇ ଦିଆଯାଇଥିବା ହେତୁ ଭାରତ ପାଇଁ ଏବେ ସେହିସବୁ ଜ୍ଞାନକୌଶଳ ହାତେଇବା ସମ୍ଭବ ହେଉନାହିଁ। ସେଥିପାଇଁ ପ୍ରବଳମାତ୍ରାରେ ଅର୍ଥ ବିନିଯୋଗ ସହିତ ସେଭଳି ମାନବ ସମ୍ବଳର ପ୍ରୟୋଜନ ରହିବ ଯେଉଁମାନେ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସରକାରୀ ଚାକିରି ଭାବେ ଗଣିବା ପରିବର୍ତ୍ତେ ଭାରତର ପ୍ରତିରକ୍ଷା ଏକ ଆଧୁନିକ ବ୍ୟବସ୍ଥା ଭାବେ ଗଢ଼ି ତୋଳିବାର ପ୍ରଚେଷ୍ଟା କରିବେ।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୩:** ଅଯୋଧ୍ୟାରେ ଭୂମିପୂଜନ ଆରମ୍ଭ।
**ଅଗଷ୍ଟ ୪:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରୋନା ସଂକ୍ରମିତ।
**ଅଗଷ୍ଟ ୫:** ରାଜ୍ୟରେ ଆଉ ଦୁଇଟି ପ୍ଲାଜ୍ମା ବ୍ୟାଙ୍କ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି।
**ଅଗଷ୍ଟ ୬:** ଅହମଦାବାଦ ହସ୍ପିଟାଲରେ ଅଗ୍ନିକାଣ୍ଡ। ୮ କରୋନା ରୋଗୀଙ୍କ ମୃତ୍ୟୁ।
**ଅଗଷ୍ଟ ୭:** ଭୋଜପୁରୀ ଅଭିନେତ୍ରୀ ଅନୁପମା ପାଠକଙ୍କ ଆତ୍ମହତ୍ୟା।
**ଅଗଷ୍ଟ ୮:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିଶ୍ୱର ୪ର୍ଥ ଧନୀ ବିବେଚିତ ହୋଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 2 | C | | 4 | | | 1 | | | | | | 7 | |
| | | 6 | | | | 7 | 4 | | D | E | A | | 8 | |
| | | | | D | | | 2 | | 7 | | 0 | | A | |
| | D | | 8 | | | | | | | C | 3 | 0 | | E |
| B | | | | | | | E | | | | | 1 | | |
| 1 | | | | | | | | E | A | | 9 | | | C |
| | | | | E | | | C | | | | B | | | 0 |
| 0 | | | | | | | 4 | | | | 2 | | | 6 |
| | | 5 | 4 | 3 | | D | B | | 8 | | | 9 | 2 | |
| 7 | | | | B | 5 | 9 | | 0 | | | E | | 4 | D |
| D | 3 | | | E | | | | | 5 | | | | 6 | B |
| | 6 | | | | | | 8 | | | | 8 | D | C | A |
| | | B | | 0 | 7 | | | | | A | | 4 | E | 5 |
| | | | | | C | 5 | | | | B | | | | |
| | | | | | | A | | | | 9 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 8 | C | 6 | 4 | A | 1 | 7 | D | 9 | 3 | B | 5 | E | 2 |
| 7 | A | 4 | 1 | B | C | 3 | E | 9 | 5 | 2 | 8 | D | 0 | 6 |
| B | 2 | 3 | D | 5 | E | 0 | 8 | 4 | 1 | 6 | A | C | 7 | 9 |
| 1 | 9 | 6 | 2 | 8 | 7 | 5 | C | B | 0 | E | D | 3 | A | 4 |
| D | E | 5 | 0 | 9 | 3 | 6 | A | 2 | C | 4 | 7 | 1 | B | 8 |
| C | 0 | D | E | 6 | 1 | 4 | 3 | 5 | 2 | B | 9 | 7 | 8 | A |
| 2 | 6 | 7 | 4 | 0 | 8 | A | 9 | E | 3 | 1 | 5 | B | D | C |
| 8 | 1 | A | B | 3 | D | C | 6 | 0 | 4 | 7 | E | 2 | 9 | 5 |
| E | 5 | 9 | C | 7 | 2 | 8 | B | 1 | A | D | 6 | 0 | 4 | 3 |
| 3 | 4 | B | 9 | A | 5 | 2 | D | 7 | 8 | 0 | C | E | 6 | 1 |
| A | C | 8 | 5 | E | 4 | D | 0 | 3 | B | 9 | 1 | 6 | 2 | 7 |
| 6 | B | 2 | 7 | D | 0 | 9 | 1 | 8 | C | A | 3 | 4 | 5 | E |
| 5 | 7 | 0 | 3 | C | B | E | 4 | [illegible] | 6 | 8 | 2 | A | 9 | 1 |
| 9 | D | 1 | 8 | 2 | 6 | B | 5 | C | E | 4 | 7 | A | 3 | 0 |
| 4 | 3 | E | A | 1 | 9 | 7 | 2 | 6 | 5 | 0 | 8 | D | C | B |

ଗତକାଲିର ଉତ୍ତର

# ଖିଆଲୀ ହିଂସା ପୃଥିବୀକୁ ଦୋହଲାଇଦେବ

ସହଦେବ ସାହୁ

ବାୟୋ, ନାନୋ, ସାଇବର୍ ଭଳି ଟେକ୍ନୋଲଜି ଯେଭଳି ବିକଶିତ ହେଉଛି ଏବଂ ସାଧାରଣ ଶିକ୍ଷାପ୍ରାପ୍ତ ଲୋକକୁ ଇଚ୍ଛାମୁତାବକ କାମ କରିବାକୁ ସମର୍ଥ କରୁଛି, ତାହା ଅପରାଧୀମାନଙ୍କୁ ବି ମନଇଚ୍ଛା ଅପରାଧ କରିବାକୁ ସକ୍ଷମ କରୁଛି, ସେମାନେ ଯାହାକୁ ଚାହିଁବେ ଓ ଯେଉଁଠି ଚାହିଁବେ ତାକୁ ସେଇଠି ନିଜର ଶିକାର କରିପାରିବେ। ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ଯେଭଳି ଚାଲିଛି ତାହା ଏପ୍ରକାରର ଆପରାଧିକ କାରବାରକୁ ବ୍ୟବସାୟ କରି ଦେଉଛି, ବୃହତ୍‌କାୟ ବି କରିଦେଉଛି। ମାର୍କିନ ଅର୍ଥନୀତିଜ୍ଞ ମାନେ କହିବେ ଏହା କର୍ପୋରେଟ୍ ସେକ୍ଟରର ଅଙ୍ଗ ହୋଇଯାଉଛି। ଡରାଇ ପଇସା ବା ଅନୁଗ୍ରହ ଆଦାୟ କରିବା (ଯାହାକୁ ଆମେ ବ୍ଲାକ୍‌ମେଲିଂ କହୁଛୁ) ତ ରାଜନେତାମାନଙ୍କ ପାଣ୍ଠି ପରିଚାଳକମାନଙ୍କ ମୁଖ୍ୟ ଉପାୟ ହୋଇପଡିଲାଣି।

ଇମେଲ୍ ଓ ମେସେଜିଂ ଜରିଆରେ ଆମେ କେମିତି ଠକମାନଙ୍କ ଶିକାର ହେଉଛୁ ଜାଣୁ। କମ୍ପ୍ୟୁଟରବାଲାଏ ଠକ ଇମେଲ୍‌କୁ ତା'ର ସୃଷ୍ଟିକର୍ତ୍ତା ବା ଉଦ୍ଦେଶ୍ୟ ଅନୁଯାୟୀ ସ୍ପାମିଂ, ଫିସିଂ, ଭିସିଂ ଭଳି କେତେ ନାଁ ଦେଇଛନ୍ତି। ଆର୍ଥିକ ଠକାମି ତ କେବଳ ପଇସାବାଲାଙ୍କୁ ବାଧେ ନାହିଁ, ପ୍ରାଇଜ୍ ପାଇଛ ବା ଚାକିରି କରିଦେବି କହି ପଇସା ଆଦାୟ କରିବା, ମାଗଣା-କିଛି-ପାଇବା-ଆଶା-କରୁଥିବା ଗରିବକୁ ତ ବେଶି ବାଧେ। ଜୀବନକୁ କଷ୍ଟ ଦେବା ଗୋଟିଏ କଥା, ଜୀବନରେ ମାରିଦେବା ଆଉ ଗୋଟିଏ କଥା। ଦୂରରେ ଲକ୍ଷ୍ୟସ୍ଥଳରେ ବୋମାଟିଏ ରଖି ତାକୁ ମୋବାଇଲ ଫୋନ୍ ଜରିଆରେ ସୂଚନା (ମେସେଜ୍) ପଠାଇ ଫୁଟାଇ ପାରୁଛନ୍ତି ଆତଙ୍କବାଦୀମାନେ। ନାଇଜେରିଆ ହୋଇପଡିଛି ସ୍ପାମିଂ ଓ ଅନ୍‌ଲାଇନ ଠକାମିର ଦୁନିଆ ବୋଲି ସମସ୍ତେ ଜାଣନ୍ତି। ଦିଲ୍ଲୀ ଓ ନଏଡାରୁ ନାଇଜେରୀୟ ଛାତ୍ରମାନେ ଆମ ଦେଶରେ ଏଭଳି ଠକାମି କରୁଛନ୍ତି। ବ୍ଲାକ୍‌ମେଲିଂ ସମ୍ପର୍କରେ ନାଟକ ଦର୍ଶକମାନେ ଦେଖିଥିବେ। ଏମିତି ଗୋଟିଏ କାହାଣୀ ଶୁଣନ୍ତୁ। ଗୋଟିଏ ନାଟକର ଜଣେ ଅଭିନେତା କେତେକ କିଶୋରୀ ଓ ମହିଳାଙ୍କୁ ପ୍ରଚୁର ପରିମାଣରେ 'ମାଲ୍‌ୱେଲାର' (ମନ୍ଦ କମ୍ପ୍ୟୁଟର ପାଠ) ଡାଉନଲୋଡ୍ କରିନେବାକୁ ପ୍ରବର୍ତ୍ତାଉଛି। ସଫ୍ଟୱେର ଜରିଆରେ ସମ୍ପୃକ୍ତ ମହିଳାର ସମସ୍ତ କାର୍ଯ୍ୟକଳାପ ଦେଖିପାରୁଛନ୍ତି, ତହିଁରୁ ବାଛି ବାଛି ଯୌନ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ପ୍ରଦର୍ଶନ କରାଇ ଉକ୍ତ ମହିଳାଙ୍କୁ ବ୍ଲାକ୍‌ମେଲ୍ କରୁଛନ୍ତି। ନାଟକଟିର ଘଟଣା କାଳ୍ପନିକ ନୁହେଁ, ତାହା ଏକ ଉଦାହରଣ ମାତ୍ର। ଏ ପ୍ରକାରର ସଫ୍ଟୱେର ଯୋଗୁ ଅପରାଧ ଜଣଜଣକିଆ ନ ହୋଇ ବହୁତ ଲୋକଙ୍କୁ ପ୍ରଭାବିତ କରିପାରୁଛି। ଏ ପ୍ରକାରର ଅପରାଧୀମାନେ ଧରାପଡିଗଲେ ଶାସକଦଳର ନେତାଙ୍କ ପଣତ ତଳେ ରହିଯାଉଛନ୍ତି। କେତେକ ନେତାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଯାଉଛି ନିର୍ବାଚନୀ ଖର୍ଚ୍ଚ ଏବଂ ଅନ୍ୟ ଉପୁରି ଖର୍ଚ୍ଚ ତୁଲାଇବା ପାଇଁ। ନେତାମାନେ ଆଇନର ଜାଲରୁ ଅପରାଧୀଙ୍କୁ ରକ୍ଷା କରିଥାନ୍ତି ବୋଲି ଅପରାଧୀମାନେ ନେତାମାନଙ୍କୁ ପାଣ୍ଠି ଯୋଗାନ୍ତି। ଅପରାଧୀମାନେ ଏ ପ୍ରକାର ଦାନକୁ ପ୍ରୋଟେକ୍ସନ୍ ମନି କହନ୍ତି। ଅପରାଧୀମାନଙ୍କର ହିଂସାର ଶିକାର ସଂଖ୍ୟା ବଢିଚାଲିଛି। ଟେକ୍ନୋଲଜି ଅପରାଧକୁ ସୁଦୂରପ୍ରସାରୀ କରିପାରୁଛି ଅର୍ଥାତ୍ ହିଂସାକୁ ବହୁଜନ-ପ୍ରଭାବୀ କରିପାରୁଛି। ଏ ପ୍ରକାରର ହିଂସ୍ର କାମ ସହଜରେ ଚାରିଆଡେ ବ୍ୟାପିବାର କାରଣ ପ୍ରଚଳିତ ବ୍ୟବସ୍ଥାର ଗଣତନ୍ତ୍ର ବୋଲି ରାଜନୀତି ବିଜ୍ଞାନର ଜଣେ ଅଧ୍ୟାପକ ଡାନିଏଲ୍ ଡିଉଡ୍ନୀ ଏହି ପରିଣାମକୁ ଓମ୍ନି ଭାଓଲେନ୍ସ ନାମ ଦେଇଛନ୍ତି, କାରଣ ଓମ୍ନି ଖଣ୍ଡ-ଶବ୍ଦଟି ସର୍ବବ୍ୟାପୀ ଅର୍ଥରେ ବ୍ୟବହୃତ ହୁଏ, ଭାଓଲେନ୍ସ ମାନେ ହିଂସା ବୋଲି ଆମେ ଜାଣିଛୁ। ଏବେ ଅଧିକରୁ ଅଧିକ ଲୋକେ ବାୟୋ, ନାନୋ ଓ ସାଇବର ଟେକ୍ନୋଲଜି ବ୍ୟବହାର କରିପାରୁଛନ୍ତି। ତେଣୁ ଶିକାରୀ-ଶିକାର କମିଯାଉଛି। ଡାନିଏଲ୍‌ଙ୍କ ଭାଷାରେ କିଲର୍‌ସ ଟୁ କିଲ୍ଡ (ହତ୍ୟାକାରୀ:ନିହତ) ଅନୁପାତ ବା କେ:କେ ରେସିଓ କମିଯାଉଛି। ଜଣେ ଦିଁ ଜଣ ଲୋକ ହଜାରେ ହଜାରେ ଲୋକଙ୍କୁ ଶିକାର କରିପାରୁଛନ୍ତି।

ଯୁଦ୍ଧ କ୍ଷେତ୍ରରେ ତାହା ଦେଶର ଆଭ୍ୟନ୍ତରୀଣ ହେଉ କି ଦେଶ ଦେଶ ଭିତରେ ଏଭଳି ଓମ୍ନିଭାଓଲେନ୍ସ ବଢିଯାଇପାରେ। ଚାଇନାର ଉହାନ୍ ସହରରୁ ଯେଉଁ କରୋନା ଭାଇରସ ମହାମାରୀ ରୂପ ନେଲାଣି ତାହା କୁଆଡେ ଏକ ପ୍ରକାରର ଓମ୍ନିଭାଓଲେନ୍ସ। କମ୍ପ୍ୟୁଟର ସାଇଣ୍ଟିଷ୍ଟ ଷ୍ଟୁଆର୍ଟ ରସେଲ୍ ଏଭଳି ଏକ ଓମ୍ନିଭାଓଲେନ୍ସ ଘଟଣା ବର୍ଣ୍ଣନା କରିଛନ୍ତି, ସତେ ଯେପରି ସେ ପ୍ରତ୍ୟକ୍ଷ ଦେଖିଛନ୍ତି। ତାଙ୍କ କାହାଣୀରେ ଚାରିପାଞ୍ଚ ଜଣ ମନ୍ଦବୁଦ୍ଧିର ଲୋକ ଓମ୍ନିଭାଓଲେନ୍ସରେ ଲାଗିଛନ୍ତି। କାହାଣୀରେ ବ୍ୟବହାର ହୋଇଛି ଗୋଟିଏ ଖୁବ୍ ଛୋଟିଆ କ୍ୱାଡ୍‌କପ୍ଟର (quadcopter), ଯାହା ଏକ ଇଞ୍ଚ ବ୍ୟାସର, ତହିଁରେ ଗୋଟିଏ କିଦୁଇ ଗ୍ରାମ୍ ବଟକରା ଆକାରର ଚାର୍ଜ (ଗୁଳି ବା ବାରୁଦ) ଅଛି। ହେଲିକପ୍ଟର ଭଳି କାମ କରେ ବୋଲି କ୍ୱାଡ୍‌କପ୍ଟର କୁହାଯାଉଛି, ପ୍ରକୃତରେ ତାହା ଏକ ଡ୍ରୋନ୍। ଚାଇନାର ଡ୍ରୋନ୍‌ତିଆରି କରୁଥିବା କମ୍ପାନୀଗୁଡ଼ିକଠାରୁ କ୍ୱାଡ୍‌କପ୍ଟର କିଣିହେବ। ଗୋଟିଏ ଗ୍ରାମ୍ ଆକାରର ଚାର୍ଜ ଏକ ୯ ମିଲିମିଟର ମୋଟା ଇସ୍ପାତ୍ ଚାଦରରେ କଣା କରିଦେଇପାରେ। କାହାର ମୁଣ୍ଡରେ ବି କଣା କରିଦେଇପାରେ। ଗୋଟିଏ ଅର୍ଦ୍ଧାକାର ଟ୍ରାକ୍ଟର-ଟ୍ରେଲର୍‌ରେ ପ୍ରାୟ ୩୦ ଲକ୍ଷ ଏମିତିକା ଅସ୍ତ୍ର ଯୋଖିହେବ। ନ୍ୟୁୟର୍କ ପାଇଁ ତିନୋଟି ଟ୍ରାକ୍ଟର ବୋଝ ବା କୋଟିଏ ଡ୍ରୋନ୍ ଅର୍ଥାତ୍ କୋଟିଏ ଗୁଳି ଦରକାର। ଭୁବନେଶ୍ୱର ନଗର (ପ୍ରାୟ ୧୧ଲକ୍ଷ ଲୋକ) ପାଇଁ ଗୋଟିଏ ଜିପ୍ ଯଥେଷ୍ଟ। ସବୁଗୁଡାକ ଫୁଟିବା ଦରକାର ନାହିଁ। ୫ କି ୧୦ପ୍ରତିଶତ ଲକ୍ଷ୍ୟ ଭେଦ କଲେ ବି ଯଥେଷ୍ଟ। ଉତ୍ପାଦନକାରୀମାନେ ତ କୋଟି କୋଟି ତିଆରି କରିବେ। ବନ୍ଧୁକ କିଣିଲା ଭଳି ଏଗୁଡିକ କିଣିବାକୁ ମିଳିବ। ବନ୍ଧୁକ ଚଳାଇବା ପାଇଁ ଯେମିତି ମଣିଷଟିଏ ଦରକାର, ଲକ୍ଷ ଲକ୍ଷ ବନ୍ଧୁକ ପାଇଁ ଯେପରି ଲକ୍ଷ ଲକ୍ଷ ସୈନିକ ଦରକାର, କିନ୍ତୁ ଯେପରି ରସେଲ୍ କହନ୍ତି, ପ୍ରୋଗ୍ରାମ ଲେଖିବା ପାଇଁ ମାତ୍ର ତିନି ଜଣ ଦରକାର। ଏ କ୍ଷେତ୍ରରେ ଘାତକ-ନିହତ ଅନୁପାତ ସମ୍ଭବତଃ ୧୦ଲକ୍ଷରେ ୩ ହେବ, ଯଦି ଆମେ ୧୦ପ୍ରତିଶତ ସଫଳତା ବା ଆକୁରେସି ଏବଂ ପ୍ରତି ଡ୍ରୋନରେ ୧-ଗ୍ରାମ୍ ବଟକରା ଆକାରର ଅଛି ବୋଲି ଧରୁ, ତେବେ ନ୍ୟୁୟର୍କ ସହର ତିନିଟା ଟ୍ରାକ୍ଟର ଓ ଭୁବନେଶ୍ୱର ଅଧ-ଟ୍ରାକ୍ଟର ଦରକାର କରିବ। ନ୍ୟୁୟର୍କ ବା ଭୁବନେଶ୍ୱରର ତିନି ଭାଗରୁ ଭାଗେ ଲୋକ ନଷ୍ଟ ହୋଇଯିବେ। ତା' ମାନେ ଦୁଇ ତିନି ଜଣ ମାଓଇଷ୍ଟ ବା ଅଲକାଏଦା ଓଡିଶା ରାଜ୍ୟଟାକୁ ହତବାକ୍ କରିଦେବେ।

କରୋନା ଭୂତାଣୁ ଭଳି ନୂଆ ଭୂତାଣୁ ତିଆରି କରି ବାୟୁମଣ୍ଡଳରେ ଛାଡିବା ଲାଗି କୃତ୍ରିମ ଜୈବବିଜ୍ଞାନ, ନାନୋଟେକ୍ନୋଲଜି ଓ ଉନ୍ନତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବ୍ୟବହାର କରିପାରିଲେ ଏମିତିକା କଳାକୌଶଳ କୌଣସି ସୀମା ମାନିବ ନାହିଁ। ଉପସ୍ଥିତ ରାଷ୍ଟ୍ର-ବ୍ୟବସ୍ଥାରେ ନାଗରିକ ନାଗରିକ ଭିତରେ ରାଷ୍ଟ୍ର ହେଉଛି ରେଫରୀ, ନିରପେକ୍ଷ ବିଚାରକର୍ତ୍ତା। ବିଲାତୀ ଦାର୍ଶନିକ ରୁଷୋଙ୍କ କଳ୍ପିତ ସୋସିଆଲ୍ କଣ୍ଟ୍ରାକ୍ଟ ଥିଓରି ଅନୁଯାୟୀ ଲୋକେ ସେମାନଙ୍କ ଫ୍ରିଡମ୍ ଭିତରୁ କେତେକ ଫ୍ରିଡମ୍ ରାଷ୍ଟ୍ରକୁ ଦେଇ ତା' ବିନିମୟରେ ରାଷ୍ଟ୍ରର ନିରାପତ୍ତା ପାଇଛନ୍ତି। ଗଣ୍ଡଗୋଳ ହେଲେ ରାଷ୍ଟ୍ର ହସ୍ତକ୍ଷେପ କରିବ, ଚୋରି ହତ୍ୟା ଆଦି କରୁଥିବା ଲୋକଙ୍କୁ ଦଣ୍ଡ ଦେବ, ସ୍ୱାର୍ଥଦ୍ୱନ୍ଦ୍ୱ ଥିବା ପକ୍ଷମାନଙ୍କ ଭିତରେ ହୋଇଥିବା ରାଜିନାମାକୁ କାର୍ଯ୍ୟକାରୀ କରିବ।

ଏବେ ତ ଏମିତି କେତେକ କ୍ଷେତ୍ରରେ ରାଷ୍ଟ୍ର ଅକ୍ଷମ ହୋଇପଡୁଛି ଯଥା ଭିଡ଼ହିଂସା, ସମ୍ମାନ ପାଇଁ ହତ୍ୟା (ଅନର୍ କିଲିଂ), କଙ୍ଗାରୁ କୋର୍ଟ, ଗଡ୍‌ମାନ୍‌ମାନଙ୍କ ଅତ୍ୟାଚାର। ଯଦି ଯେ କୌଣସି ଜାଗାରେ ଯେ କୌଣସି ଲୋକ ଅନ୍ୟ ଯେ କୌଣସି ଜାଗାର ଯେ କୌଣସି ଲୋକକୁ ଆକ୍ରମଣ କରିବାର କ୍ଷମତା ହାସଲ କରେ, ରାଷ୍ଟ୍ର ତା'ର ପ୍ରାଥମିକ ଭୂମିକା ରେଫରୀ କାମ ତୁଲାଇପାରିବ ନାହିଁ। ଆମେ କ'ଣ ଅରାଜକତା ଆଡକୁ ଇଙ୍ଗିତ କରୁଛୁ? ସମସ୍ତଙ୍କ ସାଙ୍ଗରେ ସମସ୍ତଙ୍କ ଲଢେଇ ଚାହୁଁଛୁ? ତାହା ହେଲେ ପଡୋଶୀମାନଙ୍କ ଦ୍ୱାରା ଆହତ ହେବାର ଭୟ ସବୁବେଳେ ରହିବ। ଏ କଥା ଲକ୍ଷ୍ୟ କରି ଅକ୍ସଫୋର୍ଡର ଜଣେ ଦାର୍ଶନିକ ନିକ୍ ବୋଷ୍ଟ୍ରମ୍ 'ବିପଦସଂକୁଳ ବିଶ୍ୱ କଳ୍ପନା' (The Vulnerable World Hypothesis) ନାମକ ପ୍ରବନ୍ଧଟିଏ ଲେଖିଛନ୍ତି ଏବଂ ଜାଗତିକ ଧ୍ୱଂସଲୀଳାରୁ ପୃଥିବୀକୁ ରକ୍ଷା କରିବା ପାଇଁ ଗୋଟିଏ ଜାଗତିକ ନିରୀକ୍ଷକ ବ୍ୟବସ୍ଥା ତିଆରି ହେଉ ବୋଲି ପ୍ରସ୍ତାବ ଦେଇଛନ୍ତି, ଯେମିତି ପୃଥିବୀ-ଧ୍ୱଂସ କ୍ଷମତା ରଖିଥିବା ଗ୍ରହାଣୁମାନଙ୍କ ଗତିବିଧିକୁ ନିରୀକ୍ଷଣ କରିବା ପାଇଁ ନାସା ଏକ ଗବେଷଣା ସଂସ୍ଥା ଗଢିଛି। ଏପରି ଚୌକିଦାରୀ ବ୍ୟବସ୍ଥାର ନାଁ ସେ ଦେଇଛନ୍ତି 'ହାଇଟେକ୍ ପାନୋପ୍ଟିକନ୍', ପାନୋପ୍ଟିକନ୍ ଶବ୍ଦର ମାନେ ହେଉଛି ଏକ ବୃତ୍ତାକାର ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ, ଯାହାର କୂଅ ଭଳି କେନ୍ଦ୍ରରେ ସବୁ କଏଦୀଙ୍କ ଉପରେ ଲକ୍ଷ୍ୟ ରଖିବାର ସ୍ୱଚ୍ଛ ପ୍ରକୋଷ୍ଠଟିଏ ଥିବ। କ୍ୟାମେରା, ଡାଟା ପ୍ରେରଣ, ଡାଟା ସଂରକ୍ଷଣ ଭଣ୍ଡାର ଓ କମ୍ପ୍ୟୁଟର ବ୍ୟବସ୍ଥା ଆଦିର ଖର୍ଚ୍ଚ ହ୍ରାସ ପାଉଥିବାରୁ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ସମର୍ଥିତ ବିଶ୍ଳେଷଣ କ୍ଷମତା ଦ୍ରୁତବେଗରେ ଉନ୍ନତ ହେଉଥିବାରୁ ଅଳ୍ପଦିନ ଭିତରେ ହାଇଟେକ୍ ପାନୋପ୍ଟିକାନ୍ ଖର୍ଚ୍ଚ ବହନୀୟ ହୋଇପାରେ। କିନ୍ତୁ ଆମ ଗଣତନ୍ତ୍ରର ତ ଦୋଷ ଅଛି – ରାଜନୈତିକ ଦଳମାନଙ୍କରେ ଖଳଲୋକେ ଏହି ନୂଆ ଗୋଇନ୍ଦା କାମର ଫାଇଦା ଉଠାଇବାକୁ ଚାହିଁବେ, ସ୍ୱେଚ୍ଛାଚାରୀ ବା ଏକଚ୍ଛତ୍ରବାଦୀ ମନୋଭାବ ଥିବା ନେତାମାନେ ବିରୋଧୀମାନଙ୍କ ଉପରେ ଦରକାର ଥାଉ ବା ନ ଥାଉ ଗୋଇନ୍ଦା ଲଗାଇଦେବେ, ସେମାନଙ୍କୁ ହଇରାଣ କରିବାର ମୌକା ଉଠାଇବେ, ବିରୋଧୀକୁ ବ୍ଲାକ୍‌ମେଲ କରିପାରିବେ, ତେଣୁ ନିଜର ବଶ କରିରଖିବେ। ତଥାପି ପୃଥିବୀକୁ ଗୋଟିଏ ପରେ ଗୋଟିଏ ଧ୍ୱଂସରୁ ରକ୍ଷା କରିବା ପାଇଁ ଏକ ହାଇଟେକ୍ ପାନୋପ୍ଟିକାନ୍‌ର ପ୍ରୟୋଜନ ରହିଛି।

sahadevas@yahoo.com

## ଏଇ ଭାରତରେ

ସରକାରୀ ହେଉ କି ବେସରକାରୀ, ସବୁଠି ବିଭିନ୍ନ ପ୍ରକାର ଅଭିଯାନ ଆରମ୍ଭ କରାଯାଉଛି। କିନ୍ତୁ 'ରାସ୍ତା ଖୋଲା' ଅଭିଯାନ ନାଁ କେବେ ଶୁଣିଛନ୍ତି କି। ଏଭଳି ଅଭିଯାନ ଆରମ୍ଭ ହୋଇଛି ରାଜସ୍ଥାନର ନାଗୌର ଜିଲାରେ। ନାଗୌର ଜିଲାପାଳ କୁମାର ସୋନି ଏହା ଚଳାଇ ଗ୍ରାମାଞ୍ଚଳ ଲୋକଙ୍କୁ ଗମନାଗମନ ସୁବିଧା ଯୋଗାଇ ଦେଉଛନ୍ତି। ଜବରଦଖଲରେ ଥିବା ଗ୍ରାମ୍ୟରାସ୍ତା ଖୋଲି ସେହି ଗାଁର କୃତିତ୍ୱ ଅର୍ଜନ କରିଥିବା ମହିଳା ବା ଝିଅଙ୍କ ନାମରେ ନାମିତ କରୁଛନ୍ତି। ଏବେ ସୁଦ୍ଧା ସେ ୩୮ଟି ରାସ୍ତା ଖୋଲି ସାରିଲେଣି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ସ୍ଥାନୀୟ ପୋଲିସ ଅଧିକାରୀ ମଧ୍ୟ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ରାସ୍ତା ଖୋଲା ହେବା ପରେ ସେଠାରେ ଏକ ପଥର ପୋତି ଦିଆଯାଉଛି ଓ ସେଥିରେ ରାସ୍ତାର ସବୁ ବିବରଣୀ ଉଲ୍ଲେଖ ରହୁଛି। ଏହାକୁ 'ବିଦ୍ୟା ଗୌରବ ପଟିକା' କୁହାଯାଉଛି। କେବଳ ଶିକ୍ଷା ଓ ଖେଳରେ କୃତିତ୍ୱ ଲାଭ କରିଥିବା ମହିଳା କିମ୍ବା ଝିଅଙ୍କ ନାମ ଏହି ପଥରରେ ଲେଖାଯାଉଛି। ଏହି ପଥରରେ ଜିପିଏସ୍ ଟ୍ରାକିଂ ସିଷ୍ଟମ ରହୁଛି। ରାସ୍ତାକୁ ଭଙ୍ଗାଭଙ୍ଗି କଲେ ତାହା ସ୍ଥାନୀୟ ଥାନାକୁ ସୂଚନା ଦେଇପାରୁଛି। ଗାଁରେ ମହିଳା ଓ ଝିଅଙ୍କ ନାମରେ ରାସ୍ତା ନାମିତ କରାଗଲେ ସେହି ଗାଁର ଲୋକମାନେ ରାସ୍ତାର ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବେ ବୋଲି କହନ୍ତି ଜିଲାପାଳ କୁମାର ସୋନି।

# ଶ୍ରମିକମାରଣ ଆଇନ ଓ କୋଭିଡ୍-୧୯

ସୁକାନ୍ତ କୁମାର ପଟେଲ

କୋଭିଡ୍-୧୯ ମହାମାରୀ ସମଗ୍ର ବିଶ୍ୱରେ କେବଳ ମାନବ ଜୀବନ ପ୍ରତି ବିପତ୍ତି ସୃଷ୍ଟି କରିନାହିଁ ବରଂ ସାମାଜିକ ଓ ଅର୍ଥନୈତିକ ବିପତ୍ତି ସୃଷ୍ଟି କରିଛି, ଯାହା ସମସ୍ତଙ୍କ ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପକାଇଛି। କେବଳ ପ୍ରବାସୀ ଶ୍ରମିକ ନୁହନ୍ତି ବରଂ ସମସ୍ତ ଶ୍ରମିକଙ୍କ ଆୟର ପନ୍ଥା ସମ୍ପୂର୍ଣ୍ଣ ଭାବେ ବନ୍ଦ। ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଫଳରେ ଯେଉଁ ପ୍ରକାରର ଅଧ୍ୟାଦେଶ ସବୁ ଜାରି କରାଗଲା ତାହା ଫଳରେ ଶ୍ରମିକ ଆଇନ ଏକ ନୂତନ ଶ୍ରମିକମାରଣ ଆଇନରେ ପରିଣତ ହୋଇଛି। ପ୍ରବାସୀ ଶ୍ରମିକମାନେ ଶହ ଶହ ସଂଖ୍ୟାରେ ନିଜ ପ୍ରଦେଶକୁ ଫେରିସାରିଛନ୍ତି। ଏବେ ଏମାନଙ୍କର ଥଇଥାନ ରାଜ୍ୟ ସରକାରଙ୍କର ପ୍ରାଥମିକତା। କେବଳ ଥଇଥାନ ନୁହେଁ, ସେମାନଙ୍କର ଜୀବିକା ଓ ଜୀବନ ଚର୍ଯ୍ୟା ଇତ୍ୟାଦି ରାଜ୍ୟ ସରକାରଙ୍କ ପାଇଁ ଏକ ବଡ ସମସ୍ୟା। ଏକ ଆକଳନରୁ ଜଣାଯାଏ ଯେ, ଉତ୍ତରପ୍ରଦେଶରେ ୨.୫ ଲକ୍ଷ, ଆନ୍ଧ୍ର ପ୍ରଦେଶରେ ୩୩, ୮୪୫, ତେଲଙ୍ଗାନାରେ ୩.୩୫ ଲକ୍ଷ, ପଶ୍ଚିମବଙ୍ଗରେ ୧.୮ ଲକ୍ଷ, ମହାରାଷ୍ଟ୍ରରେ ୫.୫ ଲକ୍ଷ ପ୍ରବାସୀ ଶ୍ରମିକ ବର୍ତ୍ତମାନ ସୁଦ୍ଧା ଗାଁ ଫେରନ୍ତା। ସେହିପରି ଭାବରେ ଅନ୍ୟ ରାଜ୍ୟକୁ ମଧ୍ୟ ପ୍ରବାସୀ ଶ୍ରମିକ ସବୁ ଫେରୁଛନ୍ତି।

ସରକାରୀ ଆକଳନ ଅନୁସାରେ ଭାରତରେ ମୋଟ ୪.୧୪ କୋଟି ପ୍ରବାସୀ ଶ୍ରମିକ ଅଛନ୍ତି, ଯେଉଁମାନେ ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାନ୍ତି। ଏଥିରୁ ମାତ୍ର ୨୦ ପ୍ରତିଶତ ପ୍ରବାସୀ ଶ୍ରମିକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟରେ ନିୟୋଜିତ ଥିବାବେଳେ ୪୦ ପ୍ରତିଶତ ନିର୍ମାଣ ଶ୍ରମିକ, ସେବା କ୍ଷେତ୍ରରେ ୧୫ ପ୍ରତିଶତ ଓ ଅବଶିଷ୍ଟ ୨୫ ପ୍ରତିଶତ ଅନ୍ୟ କ୍ଷେତ୍ରରେ ନିୟୋଜିତ ଥାଆନ୍ତି। ଅନ୍ତର୍ଜାତୀୟ ଶ୍ରମିକ ସଂଗଠନ (ଆଇଏଲ୍ଓ) ଅନୁସାରେ ଦେଶର ସମୁଦାୟ ଶ୍ରମିକଙ୍କ ସଂଖ୍ୟା ପ୍ରାୟ ୪୦ କୋଟି, ଯେଉଁମାନେ ଏବେ କରୋନା ପାଇଁ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଏବଂ ଭବିଷ୍ୟତରେ ସେହି ଅବସ୍ଥା ମଧ୍ୟ ଜାରି ରହିବ। କରୋନା ଦ୍ୱାହି ଦେଇ ରାଜ୍ୟ ସରକାରମାନେ ନିଜ ନିଜ ସୁବିଧା ଅନୁସାରେ ପ୍ରଚଳିତ ଶ୍ରମିକ ଆଇନକୁ ପରିବର୍ତ୍ତନ କରୁଛନ୍ତି, ଯାହାଦ୍ୱାରା ଦେଶ ସାରା ଏକକ ଶ୍ରମିକ ଆଇନ ପ୍ରଚଳିତ ହେବା ସମ୍ଭବପର ନୁହେଁ। ଉଦାହରଣ ସ୍ୱରୂପ ଉତ୍ତରପ୍ରଦେଶ ସରକାର ପ୍ରଚଳିତ ଶ୍ରମିକ ଆଇନର ଅସ୍ଥାୟୀ ସଂଶୋଧନ-୨୦୨୦କୁ ୩ ବର୍ଷ ପର୍ଯ୍ୟନ୍ତ ଲାଗୁ କରିଛନ୍ତି। ଏହି ସଂଶୋଧିତ ଆଇନରେ କେତେକ ପୂର୍ବ ପ୍ରଚଳିତ ଆଇନକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏହି ଆଇନଗୁଡିକ ହେଲା ଗୋଟି ଶ୍ରମିକ ଆଇନ ଉଚ୍ଛେଦ ୧୯୭୬, କାରଖାନା ଆଇନ ୧୯୪୮ରେ ଥିବା ଶ୍ରମିକ ସୁରକ୍ଷାର କିଛି ଅଂଶ, ନିର୍ମାଣ ଶ୍ରମିକମାନଙ୍କ ପାଇଁ ଥିବା ନିଯୁକ୍ତି ନିୟନ୍ତ୍ରଣ ଏବଂ ନିଯୁକ୍ତି ସର୍ତ୍ତାବଳୀ-୧୯୯୬। ଅଧିକନ୍ତୁ ଦୈନିକ କାର୍ଯ୍ୟ ସମୟ ୧୧-୧୨ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସେହିପରି ମଧ୍ୟପ୍ରଦେଶ ସରକାର ଶ୍ରମିକ ଆଇନରେ (ସଂଶୋଧନ) ଅଧ୍ୟାଦେଶ ୨୦୨୦ ଜାରି କରିଛନ୍ତି। କର୍ନାଟକ ଓ ଗୁଜରାଟ ସରକାର ନିଜ ଶ୍ରମିକ ଆଇନରେ ସଂଶୋଧନ ଅଧ୍ୟାଦେଶ ପୂର୍ବକ ପ୍ରଚଳିତ ଶ୍ରମିକ ଆଇନରେ ପରିବର୍ତ୍ତନ ଆଣିବାକୁ ସ୍ଥିର କରିଛନ୍ତି। ତେବେ ଏହି ପ୍ରକାରର ସଂଶୋଧନକୁ ଅଧିକାଂଶ ସଂସ୍ଥା ସ୍ୱାଗତ କରିବା ବେଳେ କେତେକ ଟ୍ରେଡ ୟୁନିୟନ ଏବଂ ବରିଷ୍ଠ ନାଗରିକ ଏହା ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ ସରକାର ଶ୍ରମିକମାନଙ୍କର କେତେକ ସୁରକ୍ଷା ଓ ସୁବିଧାକୁ ଛଡାଇ ନେବାକୁ ପ୍ରୟାସ କରିଛନ୍ତି, ଯାହା ଫଳରେ ଏହା ଶ୍ରମିକ ମାରଣ ନୀତିରେ ପରିଣତ ହୋଇଛି।

ଅନ୍ତର୍ଜାତୀୟ ଶ୍ରମିକ ସଂଗଠନର ଭାରତ ଏକ ପ୍ରମୁଖ ସଦସ୍ୟ। ଏହାର ୮ଟି ସମ୍ମେଳନ ନିୟମ ମଧ୍ୟରୁ ଭାରତ ୬ଟିକୁ ଅନୁମୋଦନ କରିବା ସହ ପ୍ରଣୟନ କରିଛି। ଏଗୁଡିକ ହେଲା ବାଧ୍ୟତାମୂଳକ ଶ୍ରମିକ ସମ୍ମେଳନ (ନଂ-୨୯), ସମାନ ବେତନ ସମ୍ମେଳନ (ନଂ-୧୦୦), ବାଧ୍ୟତାମୂଳକ ଶ୍ରମିକ ସମ୍ମେଳନ ନିଷେଧ (ନଂ-୧୦୫), ପକ୍ଷପାତିତା ସମ୍ମେଳନ(ନିଯୁକ୍ତି ବୃତ୍ତି,ନଂ-୧୧୧)। ଏହାଛଡା ସର୍ବନିମ୍ନ ବୟସ ସମ୍ମେଳନ (ନଂ-୧୩୮), ନିକୃଷ୍ଟ ଶିଶୁ ଶ୍ରମିକ ପ୍ରଥା (ନଂ-୧୮୨)। କିନ୍ତୁ ଅନ୍ୟ ଦୁଇଟି ସମ୍ମେଳନ ଯଥା ସମ୍ମେଳନ କରିବା ନିମନ୍ତେ ସଂଗଠନ ଅଧିକାର ଏବଂ ସମୂହ ମୂଲଚାଲ କରିବା ସମ୍ମେଳନକୁ ଭାରତ ଅଦ୍ୟାବଧି ଅନୁମୋଦନ କରିନାହିଁ।

କିନ୍ତୁ ଅନ୍ତର୍ଜାତୀୟ ଶ୍ରମିକ ମାନଦଣ୍ଡ ଅନୁସାରେ ଗଠିତ ତ୍ରୈପାକ୍ଷିକ ବିଚାର ବିମର୍ଷ ସମ୍ମେଳନ-୧୯୭୬ର ନୀତି ନିୟମକୁ ଭାରତ ଅନୁମୋଦିତ କରିଛି। ଏହାଦ୍ୱାରା ଆନ୍ତଃରାଜ୍ୟ ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ହୁଏ। ପରନ୍ତୁ କରୋନା ସମୟରେ ରାଜ୍ୟମାନଙ୍କ ଦ୍ୱାରା କରାଯାଇଥିବା ସଂଶୋଧିତ ଅଧ୍ୟାଦେଶ ଏହାର ଘୋର ବିରୋଧ କରେ। ଉଦାହରଣ ସ୍ୱରୂପ କାରଖାନା ଆଇନ ୧୯୪୮ ନିୟମକୁ କରୋନା ସମୟରେ ଉଚ୍ଛେଦ କରାଯାଇଛି। କିନ୍ତୁ ଧାରା ୫ରେ ଏହାର ଉଚ୍ଛେଦ ନିମନ୍ତେ ସ୍ୱତନ୍ତ୍ର ନିୟମ ରହିଛି। ଏହି ନିୟମ ପ୍ରକାରେ ସରକାର କେବଳ ଜରୁରୀ ପରିସ୍ଥିତି ଅର୍ଥାତ୍ ଯୁଦ୍ଧ ଯୋଗୁ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ ଦେଶର ସୁରକ୍ଷା ଓ ଅଖଣ୍ଡତା ପ୍ରତି ବିପଦ ଉପୁଜିଲେ କେବଳ ଅଧ୍ୟାଦେଶ ଜାରି କରି ଉଚ୍ଛେଦ କରିପାରିବେ। କୋଭିଡ-୧୯ ଦେଶ ପାଇଁ ମହାମାରୀ ରୂପେ ଉଭା ହେଲେ ମଧ୍ୟ ଏହା ଦେଶ ନିମନ୍ତେ ଆଦୌ ସାର୍ବଜନୀନ ଜରୁରୀ ପରିସ୍ଥିତି ନୁହେଁ।

କହିବା ବାହୁଲ୍ୟ ଯେ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ କ୍ଷେତ୍ରରେ ଜାରି କରାଯାଇଥିବା ଅଧ୍ୟାଦେଶ ଏ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିନାହିଁ। ଆମ ସମ୍ବିଧାନର ୭ମ ଅନୁସୂଚୀର ତୃତୀୟ ତାଲିକାର ପ୍ରବେଶ ନଂ. ୨୨-୨୪ରେ ଶ୍ରମିକ ଆଇନ ସନ୍ନିହିତ। ସମ୍ବିଧାନ ଅନୁସାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର, କଙ୍କରେଣ୍ଟ ତାଲିକାରେ ନିୟମ ପ୍ରଣୟନ କରିପାରିବେ। ସମ୍ବିଧାନର ଧାରା ୨୫୪(୧) ଅନୁସାରେ ଯେତେବେଳେ ସଂସଦରେ ନିୟମ ପ୍ରଣୟନ କରାଯାଏ ସେତେବେଳେ ରାଜ୍ୟ ସରକାରଙ୍କର ନିୟମ ଗ୍ରହଣୀୟ ହୁଏ ନାହିଁ। କିନ୍ତୁ ଧାରା ୨୫୪(୨) ଅନୁସାରେ ରାଷ୍ଟ୍ରପତିଙ୍କର ଅନୁମୋଦନ ଥିଲେ ରାଜ୍ୟ ସରକାରଙ୍କର ପ୍ରଣୀତ ନିୟମ ବଳବତ୍ତର ରହେ। ସମ୍ବିଧାନର ଧାରା ୨୧୩ ଅନୁଯାୟୀ ରାଜ୍ୟର ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଅନୁମୋଦନ ବିନା କୌଣସି ଅଧ୍ୟାଦେଶ ଜାରି କରିପାରିବେ ନାହିଁ। ଏଣୁ କୋଭିଡ-୧୯ର ଦ୍ୱାହି ଦେଇ ରାଜ୍ୟ ସରକାର ରାଷ୍ଟ୍ରପତିଙ୍କ ଅନୁମୋଦନ ବିନା କୌଣସି ପ୍ରକାରେ ଅଧ୍ୟାଦେଶ ପ୍ରଣୟନ କରିପାରିବେ ନାହିଁ। ବର୍ତ୍ତମାନର ଏହି ସଂଶୋଧିତ ଅଧ୍ୟାଦେଶ ନିଶ୍ଚିତ ଭାବେ ଶ୍ରମିକମାନଙ୍କର ମଙ୍ଗଳ ପରିବର୍ତ୍ତେ କ୍ଷତିସାଧନ କରିବ। ସୁତରାଂ ଶ୍ରମିକମାରଣ ନୀତି ବନ୍ଦ କରି ରାଜ୍ୟ ସରକାରମାନେ ସେମାନଙ୍କର ମଙ୍ଗଳ ନିମନ୍ତେ ସ୍ୱତନ୍ତ୍ର ଅଧ୍ୟାଦେଶମାନ ଜାରି କରନ୍ତୁ।

ବସୁନ୍ଧରା ଲେନ-୨, ବିଡାନାସି, କଟକ
ମୋ- ୭୦୦୮୩୫୦୪୭୭

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଅଗଷ୍ଟ ୧୯୯୫**

- କର୍ନାଟକର ଜନତାଦଳ ସରକାର ବିରୁଦ୍ଧରେ ଭାଜପା ପକ୍ଷରୁ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯାଇଛି।
- ଆନ୍ତଃ ରାଜ୍ୟ କାବେରୀ ଜଳ ବିବାଦ ବିଚାର କରୁଥିବା ଟ୍ରିବ୍ୟୁନାଲର ଅନ୍ତରୀଣ ଆଦେଶକୁ କର୍ନାଟକ ସରକାର କାର୍ଯ୍ୟକାରୀ କରୁ ନ ଥିବାରୁ ଏହାର ପ୍ରତିବାଦରେ ତାମିଲନାଡୁ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

## ଚିରନ୍ତନୀ

ଅତୀତର ଯେତେ କ୍ଷଣ
ନୀରବିଲା ଅକାରଣ
ବିତିଗଲା ଦିନ ଦୁଃଖ ସୁଖର
ହେଲା ନାହିଁ ଯାହା କେବେ ମୁଖର।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଠୁ ବୁଦ୍ଧିଆ ପ୍ରାଣୀକୁ ବୁଝାଇବ କିଏ

ମହାଶୟ,

ଜୀବଜଗତର ଶ୍ରେଷ୍ଠ ଜୀବ ମଣିଷ ବୁଦ୍ଧିବଳରେ ସମସ୍ତ ଜୀବଙ୍କୁ କରାୟତ୍ତ କରିପାରିଛି। ନିଜକୁ ଚାଲାକ ବୋଲି ଭାବି ସାମୟିକ ସ୍ୱାର୍ଥ ଓ ସୁବିଧା ପାଇଁ ପରିବେଶ ଉପରେ ଅତ୍ୟାଚାର କରିଚାଲିଛି। କେତେକ ପୁରୁଣା ଅଭ୍ୟାସକୁ ପରିତ୍ୟାଗ କରି ନ ପାରି ବିପଦ ମୁହଁକୁ ଠେଲି ହୋଇଯାଉଛି। ନିଜ ସହିତ ନିଜ ପରିବେଶକୁ ମଧ୍ୟ ଜ୍ଞାତ ବା ଅଜ୍ଞାତରେ ଧ୍ୱଂସାଭିମୁଖୀ କରୁଅଛି। ଏକବିଂଶ ଶତାବ୍ଦୀରେ ମଧ୍ୟ ଖୋଲାମେଲାରେ ମଣିଷ ପରିବେଶକୁ ଦୂଷିତ କରିବାରେ ଲାଗିଛି। ନିଜ କୁଅଭ୍ୟାସକୁ ସହଜରେ କିଛି ଲୋକ ପରିତ୍ୟାଗ କରିପାରୁ ନାହାନ୍ତି। ଏତେବଡ଼ ବୁଦ୍ଧିଆ ପ୍ରାଣୀକୁ କିଏ ବା ଶିକ୍ଷା ଦେବ। ସବୁ ଜାଣି ଯଦି ଆମେ ନିର୍ବୁଦ୍ଧିଆ ପରି କାମ କରିବା ତେବେ ଦୋଷ ଦେବା କାହାକୁ। ପଶୁପକ୍ଷୀମାନେ ବୋଧହୁଏ ପରିବେଶ ସୁରକ୍ଷା କରିବାରେ ସଚେତନ। ଆମେ ସେମାନଙ୍କଠୁ ହୀନ। ଏ ସବୁ ପାଇଁ ଆମେ ବୁଦ୍ଧିଆ ମଣିଷ ଦାୟୀ, ଯିଏ ସବୁଠାରୁ ଚାଲକ୍ ବୋଲି ଭାବନ୍ତି।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ମୁମ୍ବାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ସଙ୍ଗରୋଧରେ ରହିଲେନି ପରିବାର

ପାତ୍ରପୁର,୯।୮(ଡି.ଏନ୍.ଏ.): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଭୀମପୁର ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ମୃତ୍ୟୁ ଘଟିଛି। ସେ ହେଲେ ଲୋକନାଥ ସାହୁ (୫୫)। ଲୋକନାଥ ମୁମ୍ବାଇରେ ପରିବାର ସହ ରହୁଥିଲେ। ଗତ ୬ ତାରିଖରେ ଅସୁସ୍ଥତା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ସ୍ୱାବ୍ ପରୀକ୍ଷା କରାଯାଇଥିବା ବେଳେ ୭ ତାରିଖରେ ରିପୋର୍ଟ ନେଗେଟିଭ ଆସିଥିଲା। ସେଠାରେ ମୃତଦେହ ସଂସ୍କାର କରି ସ୍ତ୍ରୀ, ପୁଅ, ଭାଇ ପ୍ରମୁଖ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଶନିବାର ଟ୍ରେନ୍ ଯୋଗେ ଗାଁକୁ ଆସିଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ନ ରହି ସମସ୍ତେ ଘରେ ଅଛନ୍ତି। ଲୋକନାଥଙ୍କ ମୃତ୍ୟୁ ଖବର ପାଇ ବନ୍ଧୁ ପରିଜନ ମଧ ଘରକୁ ଆସୁଛନ୍ତି। କରୋନା ହଟ୍‌ସ୍ପଟ୍ ମୁମ୍ବାଇରୁ ପରିବାର ଲୋକେ ଆସିଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ତେବେ ଏ ନେଇ ସରପଞ୍ଚ କିମ୍ବା ଅନ୍ୟ କେହି ଅବଗତ କରାଇ ନାହାନ୍ତି ବୋଲି ବିଡିଓ ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି। ଏବେ ଖବର ପାଇଲୁ, ତୁରନ୍ତ ସେମାନଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗୁଣିଆ ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି,୯।୮(ଡି.ଏନ.ଏ/ସ୍ୱ.ପ୍ର.): ମାଲକାନଗିରି ସଦର ଥାନା ଅନ୍ତର୍ଗତ ତୁମସାପାଲି ଗ୍ରାମରେ ଗୁଣିଆ ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଶନିବାର ରାତିରେ ହତ୍ୟା କରାଯାଇଛି। ତାଙ୍କ ନାମ ମୁକା ମାଡକାମୀ (୫୫)। ସେ ଘରେ ଶୋଇଥିବା ଥିବା ବେଳେ ଗ୍ରାମର ରାମା ସୋଡି (୬୦) ଏକ ଧାରୁଆ ଅସ୍ତ୍ରରେ ମୁକାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ୬ ମାସ ତଳେ ରାମାଙ୍କ ପୁଅର ଅଜଣା ରୋଗରେ ମୃତ୍ୟୁ ହୋଇଥିଲା। ମୁକା ଗୁଣି ଗାରେଡ଼ି କରି ତାଙ୍କ ପୁଅକୁ ମାରିଥିବା ରାମା ସନ୍ଦେହ କରିଥିଲେ। ଏ ସମ୍ପର୍କରେ ସେ ପଞ୍ଚାୟତରେ ଜଣାଇବା ପରେ ଗ୍ରାମରେ ଖାପ୍ ପଞ୍ଚାୟତ ବସିଥିଲା। ତେବେ ଏଠାରେ କିଛି ସମାଧାନ ହୋଇପାରି ନ ଥିଲା। ଶେଷରେ ରାମା ଏପରି ପଦକ୍ଷେପ ନେଇଥିବା ଜଣାପଡିଛି। ଏନେଇ ମୁକାଙ୍କ ପରିବାର ଲୋକେ ଥାନାରେ ଏତଲା ଦେବା ପରେ ମାଲକାନଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୨୮୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାମାଙ୍କୁ ଗିରଫ କରିଛି। ତେବେ ତାଙ୍କୁ ପଚରାଉଚରା ବେଳେ ଗୁଣିଗାରେଡି କରି ତାଙ୍କ ପରିବାରକୁ ହଇରାଣ କରିବାରୁ ସେ ମୁକାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

# ମଧୁର ଜଳ ମୁକ୍ତା ଚାଷ

**ନୀଳାଦ୍ରି ବିହାରୀ ଦଣ୍ଡପାଟ**
**ବାରିପଦା ଅଫିସ, ୯।୮**

■ ଆତ୍ମନିର୍ଭରଶୀଳତାର ଉଦାହରଣ ପାଲଟିଛନ୍ତି ମହିଳା ଉଦ୍ୟୋଗୀ

■ ଚାଷ, ପ୍ରଣାଳୀ ଦେଖିବାକୁ ଆସୁଛନ୍ତି ଦେଶ ବିଦେଶର ପ୍ରତିନିଧି






ଶାମୁକାରୁ ମୁକ୍ତା ପ୍ରସ୍ତୁତି କାମରେ ଲାଗିଛନ୍ତି ବିଷ୍ଣୁପ୍ରିୟା।

କରୋନା ଯୋଗୁ ସମଗ୍ର ବିଶ୍ୱରେ ମାନ୍ଦାବସ୍ଥା । ଏହିଭଳି ପରିସ୍ଥିତିରେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ୩୫ ଜଣଙ୍କୁ ରୋଜଗାର ଯୋଗାଇ ଦେବା କମ୍ ବଡ଼ କଥା ନୁହେଁ। ଆତ୍ମନିଭରଶୀଳତାର ମାର୍ଗ ଦେଖାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ଜଣେ ସଫଳ ମହିଳା ଉଦ୍ୟୋଗୀ ହେଲେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ରାଢୋ ଗ୍ରାମର ବିଷ୍ଣୁପ୍ରିୟା ବିଶ୍ୱାଳ। ମଧୁର ଜଳରେ ମୁକ୍ତା ଚାଷ କରି ସେଥିରେ ବିଭିନ୍ନ ଡିଜାଇନ୍‌ର ମୁକ୍ତା ପ୍ରସ୍ତୁତିରେ ସେ ସିଦ୍ଧହସ୍ତ। ଯାହାକି ଏବେ ରାଜ୍ୟ ବାହାରେ ବେଶ୍ ଆଦୃତିଲାଭ କରିଛି। ମୁକ୍ତା ଚାଷ ସହିତ ଯାଆଁଳ ଉତ୍ପାଦନ, କୁକୁଡ଼ା, ଧାନ ଓ ପରିବା ଚାଷ କରି ଜିଲା ତଥା ରାଜ୍ୟସ୍ତରରେ ସେ ସମ୍ମାନିତ ହୋଇଛନ୍ତି। ଦେଶବିଦେଶରୁ ବହୁ ଲୋକ ଏହି ଚାଷ ଓ ପ୍ରଣାଳୀକୁ ଅନୁସରଣ କରିବା ପାଇଁ ତାଙ୍କ ଫାର୍ମକୁ ଆସନ୍ତି। ସୁଦୂର ମାଲେସିଆ ଏବଂ ବାଂଲାଦେଶର ପ୍ରତିନିଧି ଦଳ ମଧ ବିଷ୍ଣୁପ୍ରିୟାଙ୍କ ଫାର୍ମ ଦେଖିବାକୁ ଆସି ପ୍ରଶଂସା କରିଛନ୍ତି। ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବେ ସେ ଜିଲା ତଥା ରାଜ୍ୟ ସ୍ତରରେ ବେଶ୍ ଚର୍ଚ୍ଚିତ ଓ ସରକାରୀ ସଂସ୍ଥା ତଥା ଅନୁଷ୍ଠାନଗୁଡ଼ିକ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜର କଠିନ ପରିଶ୍ରମ ଦ୍ୱାରା ସଫଳତା ଅର୍ଜନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିପାରିଛନ୍ତି। ତାଙ୍କର ସଫଳତା ଦେଖି ଆଖପାଖ ଅଞ୍ଚଳରେ ଶତାଧିକ ଲୋକ ମାଛ ଚାଷ କରି ବେଶ୍ ଭଲ ରୋଜଗାର କରିପାରୁଛନ୍ତି।

ବିଷ୍ଣୁପ୍ରିୟା ତାଙ୍କ ସ୍ୱାମୀଙ୍କ ସହିତ ମିଶି ୧୯୯୭ରେ ସ୍ଥାନୀୟ ସମବାୟ ବ୍ୟାଙ୍କରୁ ଋଣ ଆଣି ମାଛଚାଷ ଆରମ୍ଭ କରିଥିଲେ। ହେଲେ ୧୯୯୯ ମହାବାତ୍ୟାରେ ତାଙ୍କର ବହୁ କ୍ଷତି ହୋଇଥିଲା। ସେଥିରେ ସେ ଭାଙ୍ଗି ନ ପଡ଼ି ପୁଣିଥରେ ମାଛଚାଷ ଆରମ୍ଭ କରିଥିଲେ। ମାଛଚାଷ ବ୍ୟତୀତ ମାଛ ଯାଆଁଳ ଉତ୍ପାଦନ ପାଇଁ ସ୍ଥିରକରି ପଡ଼ୋଶୀ ପଶ୍ଚିମବଙ୍ଗରୁ ମାଛଅଣ୍ଡା ଆଣି ସଫଳତାର ସହିତ ଯାଆଁଳ ଉତ୍ପାଦନ ଆରମ୍ଭ କରିଥିଲେ। ୨୦୦୬ରୁ ମାଛ ଯାଆଁଳ ଉତ୍ପାଦନ କରିବା ସହିତ ମଧୁର ଜଳରେ ମୁକ୍ତା ଚାଷ, କୁକୁଡା ଚାଷ, ଧାନ ଏବଂ ପନିପରିବା ଚାଷ ଇତ୍ୟାଦି କରିଆସୁଛନ୍ତି। ମଧୁର ଜଳରେ ମୁକ୍ତା ଚାଷ କରିବା ନେଇ ସେ ସ୍ୱତନ୍ତ୍ର ଭାବେ ତାଲିମ ଗ୍ରହଣ କରିଛନ୍ତି। ନିଜ ଘରେ ମୁକ୍ତା ଚାଷ ଆରମ୍ଭ କରି ବିଭିନ୍ନ ଆକୃତିର ମୁକ୍ତା ସଂଗ୍ରହ କରିପାରୁଛନ୍ତି। ଶାମୁକା ଦେହରେ ବିଭିନ୍ନ ଡିଜାଇନର ଫାର୍ମା ରୋପଣ କରି ସେଥିରୁ ସୁନ୍ଦର ସୁନ୍ଦର ଜିନିଷ ପ୍ରସ୍ତୁତି କରିପାରୁଛନ୍ତି। ଏପରି କି ଗଣେଶ, ଓଁ, ସାଇ ବାବା, ହନୁମାନ, ଜଗନ୍ନାଥ, ଶିବଙ୍କ ମୂର୍ତ୍ତି ଭଳି ୨୩ପ୍ରକାରର ଡିଜାଇନ ପ୍ରସ୍ତୁତ କରି ବେଶ୍ ସଫଳତା ଅର୍ଜନ କରିପାରିଛନ୍ତି। ଏପରି ଡିଜାଇନର ମୁକ୍ତା ପ୍ରସ୍ତୁତି ପାଇଁ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ । ମୁକ୍ତାର ମୂଲ୍ୟ ୩ଶହରୁ ୮ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ତେବେ ଏହି ମୁକ୍ତା ଉତ୍ପାଦନରେ ସେ ଅଗ୍ରଣୀ ଚାଷୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଥିବା ବେଳେ ମୁକ୍ତା ବିକ୍ରି ପାଇଁ ସେଭଳି ବଜାର ବ୍ୟବସ୍ଥା ନ ଥିବାରୁ ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ନିକଟରେ କୋଲକାତାର ଏକ ବ୍ୟବସାୟିକ ସଂସ୍ଥା ସହିତ ଯୋଗାଯୋଗ ପରେ ମୁକ୍ତା ବିକ୍ରିର ରାସ୍ତା ଖୋଲିଥିବା ସେ କହିଛନ୍ତି। ସେହିପରି ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ମହିଳା ପୁରୁଷମାନଙ୍କୁ ତାଲିମ ଦେବା ପାଇଁ ବିଷ୍ଣୁପ୍ରିୟାଙ୍କ ଫାର୍ମକୁ ପଠାଯାଉଛି। ଆଗକୁ ସେ ଏକ ମଡେଲ ଫୁଲ ବଗିଚା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ କରି ସାରିଲେଣି ବୋଲି ବିଷ୍ଣୁପ୍ରିୟା କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରିବାକୁ ଶପଥ

**ଭୁବନେଶ୍ୱର,୯।୮(ବ୍ୟୁରୋ)**

କ୍ରାନ୍ତି ଦିବସ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଦିନ । ଏହି ଦିନ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନ ଆରମ୍ଭ ହୋଇଥିଲା। କ୍ରାନ୍ତି ଦିବସରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ଏକ ୱେବିନାର ଆୟୋଜନ କରାଯାଇଥିଲା। ଏଥିରେ ସାମିଲ ହୋଇଥିବା ଯୁବକମାନେ ରାଜ୍ୟରୁ ସ୍ଥାଣୁ ସରକାରଙ୍କୁ ହଟାଇ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରିବାକୁ ଶପଥ ନେଇଥିଲେ। ଏଥିରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୁବ ସମାଜକୁ ଆତ୍ମନିର୍ଭର ଭାରତ ଏବଂ ସମାଜରେ ଯୁବକଙ୍କ ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ। ମୋଦି ସରକାରଙ୍କ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ନାରାୟଣ ସାହୁ ଯୁବକମାନଙ୍କୁ ଆତ୍ମନିର୍ଭର ହେବାକୁ ଆହ୍ୱାନ ଦେଇଛନ୍ତି।

# ବ୍ୟବସାୟୀଙ୍କୁ ଧମକ: ୩ ନକଲି ମାଓବାଦୀ ଗିରଫ

**ଭବାନୀପାଟଣା,୯।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଅଞ୍ଚଳରେ ୩ ନକଲି ମାଓବାଦୀଙ୍କୁ ରବିବାର ଜୟପାଟଣା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ବଡପୁଝାରୀଗୁଡାର ଦେବ ପ୍ରସାଦ ନାଏକ, ଗତାବନ୍ଦ ଗ୍ରାମର ରଙ୍ଗାରାମ ବେମାଲ ଓ ଧନସରା ଗ୍ରାମର ଚନ୍ଦ୍ର ରାଉତ। ଜୟପାଟଣା ଥାନା ଅଧୀନ ପୂଝାରୀଗୁଡା ଗ୍ରାମର ବ୍ୟବସାୟୀ ତୁଳସୀରାମ ନାଏକଙ୍କୁ ଏମାନେ ୧୦ଲକ୍ଷ ଟଙ୍କା ମାଗିଥିଲେ। ୭୦ହଜାର ଟଙ୍କା ନେବାକୁ ସକ୍ଷମ ମଧ ହୋଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି ବୋଲି ଧର୍ମଗଡ ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଅ: ହାଇକୋର୍ଟ

**ଯାଜପୁର ଅଫିସ,୯।୮**

**ଧର୍ମଶାଳା ବ୍ଲକରେ ରାଶନ ସାମଗ୍ରୀ ହଡ଼ପ ମାମଲା**

■ ୬ ସପ୍ତାହରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ରାଶନ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅନିୟମିତତା ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାମଲାକୁ ଯଥାସମ୍ଭବ ସମାପ୍ତ କରିବାକୁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ଧର୍ମଶାଳା ତହସିଲଦାରଙ୍କ ଦ୍ୱାରା ଅନିୟମିତତା ଅଭିଯୋଗର ସତ୍ୟାସତ୍ୟ ଉପରେ ସବିଶେଷ ତଦନ୍ତ କରାଇବାକୁ ହାଇକୋର୍ଟ ଗତ ୩ ତାରିଖରେ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମିଳିବାର ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ଏହାସହ ସମସ୍ତ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଯେପରି ପାଇପାରିବେ ସେଥିପାଇଁ ସୁନିଶ୍ଚିତ କରିବାକୁ ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଓ ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନାହାର ମାମଲା ଯେପରି ନ ଆସେ ସେଥିପ୍ରତି ସତର୍କ ରହିବାକୁ ଜିଲା ପ୍ରଶାସନକୁ ଉକ୍ତ ରାୟରେ ପରାମର୍ଶ ଦିଆଯାଇଛି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କରୋନା ସହାୟତା ଯାଜପୁର ଜିଲାରେ ରାଶନ ଦୁର୍ନୀତିକୁ ପର୍ଦ୍ଦାଫାଶ କରିଥିଲା। ବିଭିନ୍ନ ଅଭିଯୋଗ ସଂକ୍ରାନ୍ତରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହିକ୍ରମରେ ଧର୍ମଶାଳା ବିଡିଓ ତାଙ୍କ ସତ୍ୟପାଠରେ ୩୧ ଜଣ ହିତାଧିକାରୀଙ୍କ ରାଶନକାର୍ଡ କାଟିଥିବା ନେଇ କାରଣ ଦର୍ଶାଇଥିଲେ। ମହିଶରା ପଞ୍ଚାୟତର ଗୟାଧର ସେଠୀଙ୍କ ସ୍ତ୍ରୀ ଭବ ସେଠୀଙ୍କ ରାଶନକାର୍ଡକୁ ବିଦ୍ୟୁତ୍ ଖର୍ଚ୍ଚ ଅଧିକ ହୋଇଥିବା ଦର୍ଶାଇ କାଟି ଦିଆଯାଇଥିଲା। ଏହାବାଦ ମନ୍ଦିର ବିଶ୍ୱାଳଙ୍କ ସ୍ତ୍ରୀ ସୋମଲତା ବିଶ୍ୱାଳଙ୍କ ରାଶନକାର୍ଡକୁ ୬ଟି କୋଠାଘର ଥିବା ଦର୍ଶାଇ କାଟି ଦିଆଯାଇଥିଲା। ଏହା ବିରୋଧରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ପୁଣି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ହାଇକୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ଓକିଲ ପ୍ରସନ୍ନ କୁମାର ପର୍ହି ଏବଂ ଅତିରିକ୍ତ ସରକାରୀ ଓକିଲ ଡି.କେ. ମହାନ୍ତି ପ୍ରତିପକ୍ଷର ମାମଲା ପରିଚାଳନା କରିଥିଲେ।

# ଯୁବ କଂଗ୍ରେସର 'ରୋଜଗାର ଦିଅ' କ୍ୟାମ୍ପେନ ଆରମ୍ଭ

**ଭୁବନେଶ୍ୱର,୯।୮(ବ୍ୟୁରୋ)**

କ୍ରାନ୍ତି ଦିବସ ଅବସରରେ ଭାରତୀୟ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଦଳୀୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରି 'ରୋଜଗାର ଦିଅ' କ୍ୟାମ୍ପେନ ଆରମ୍ଭ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସ୍ମୃତି କହିଛନ୍ତି, ଭାଜପା ସରକାରଙ୍କ ଦିଶାହୀନ ଅର୍ଥନୀତି ଯୋଗୁ ଦେଶର ଆର୍ଥିକ ସ୍ଥିତି ବିଗିଡ଼ିବା ସହ ରାଷ୍ଟ୍ରର ଯୁବପିଢି ନିଯୁକ୍ତି ହରାଇବାକୁ ବସିଲେଣି। ପରିସ୍ଥିତି ଏଭଳି ହୋଇଗଲାଣି ଦେଶର ବେରୋଜଗାରୀଙ୍କ ହାର ୪୫ ବର୍ଷର ରେକର୍ଡ ଭାଙ୍ଗିଛି। କରୋନା ଯୋଗୁ ଦେଶର ପାଖାପାଖି ୧୨ କୋଟି ଯୁବକ ନିଯୁକ୍ତି ହରାଇ ସାରିଲେଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପୂର୍ବରୁ ବର୍ଷକୁ ୨ କୋଟି ଯୁବକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ପ୍ରତାରଣା କରିଛନ୍ତି। ସମାନ ଭାବେ ବର୍ଷକୁ ୧ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ସରକାର ମଧ ଯୁବପିଢିଙ୍କ ଭବିଷ୍ୟତ ସହ ଖେଳିଛନ୍ତି ବୋଲି ସ୍ମୃତି କହିଛନ୍ତି।

# ଓଡ଼ିଶା ମୋ ପରିବାର ରକ୍ତଦାନ ଶିବିର ଆରମ୍ଭ




ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିର।

**ଭୁବନେଶ୍ୱର,୯।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ ଆନୁକୂଲ୍ୟରେ ଜିଲା ସଦର ମହକୁମାରେ ସପ୍ତାହବ୍ୟାପୀ ରକ୍ତଦାନ ଶିବିର ଅଭିଯାନ ଶୁଭାରମ୍ଭ ହୋଇଛି। ଏହା ରବିବାର କ୍ରାନ୍ତି ଦିବସରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ। ୧୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ଅଭିଯାନର ଲକ୍ଷ୍ୟ। ଭୁବନେଶ୍ୱର ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରକୁ ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ସଂଯୋଜକ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜିଲା ସଦର ମହକୁମାରେ ସ୍ଥାନୀୟ ଏମ୍‌ପି, ବିଧାୟକ ଓ ଜୀବନବିନ୍ଦୁ ଜିଲା ସଂଯୋଜକ ଏବଂ ସହସଂଯୋଜକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସପ୍ତାହ ବ୍ୟାପୀ ହେବାକୁ ଥିବା ଶିବିରର ପ୍ରଥମ ଦିନରେ ୨୯ ଜିଲାରେ ଅନୁଷ୍ଠିତ ହୋଇଛି। ୧୪୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ତେବେ ଏହି ରକ୍ତଦାନ ଶିବିରଗୁଡ଼ିକରେ ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନରେ ୪ ମାଓବାଦୀ କ୍ୟାମ୍ପ ଧ୍ୱଂସ

**ବରଗଡ଼ ଅଫିସ,୯।୮**



ଜବତ ମାଓବାଦୀ ସାମଗ୍ରୀ ।

■ ଯବାନ-ମାଓବାଦୀ ଗୁଳି ବିନିମୟ

■ ଅଫୁଟା ଗୁଳି ସହ ବିଭିନ୍ନ ସାମଗ୍ରୀ ଜବତ

ବରଗଡ଼ ଜିଲାରେ ପୁଣି ମାଓବାଦୀଙ୍କ ଗତିବିଧି ପରିଲକ୍ଷିତ ହୋଇଛି। ଶନିବାର ଏସ୍‌ଓଜି ଏବଂ ସିଆର୍‌ପିଏଫ୍ ଯବାନମାନେ ଜିଲାର ପାଇକମାଳ ନିକଟ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ସହିତ ଗୁଳି ବିନିମୟ ହୋଇଥିଲା। ମାତ୍ର ଏଥିରେ କେହି ମାଓବାଦୀ ମୃତାହତ ହୋଇଥିବା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଯବାନଙ୍କ ଗୁଳିର ସମ୍ମୁଖୀନ ହୋଇ ନ ପାରି ସେମାନେ ଛତ୍ରଭଙ୍ଗ ଦେଇ ପଳାଇଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଅଫୁଟା ଗୁଳି, ୧୧ ଫୁଟା ଗୁଳି ସହିତ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଅପରପକ୍ଷେ ଯବାନଙ୍କ ଆକ୍ରମଣରେ ସେଠାରେ ରହିଥିବା ୪ ମାଓବାଦୀ କ୍ୟାମ୍ପ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୩୧/୨୦୨୦) ରୁଜୁ ହୋଇଛି।

ରବିବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ଗନ୍ଧମାର୍ଦ୍ଦନରେ ୧୦ରୁ୧୫ ସଶସ୍ତ୍ର ମାଓବାଦୀ ଅବସ୍ଥାନ କରି ହିଂସାତ୍ମକ କାଣ୍ଡ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିଲେ। ସୂଚନା ପାଇ ବରଗଡ଼, ବଲାଙ୍ଗୀରର ଏସ୍‌ଓଜି ଏବଂ ସିଆର୍‌ପିଏଫ୍ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚଳାଇଥିଲେ। ଶନିବାର ସକାଳ ପ୍ରାୟ ସାଢ଼େ ୭ଟାରେ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପ୍ରାୟ ଅଧଘଣ୍ଟା ଧରି ଗୁଳି ବିନିମୟ ପରେ ପ୍ରବଳ ବର୍ଷା ହେବାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟକୁ ଖସି ପଳାଇଥିଲେ।

ସମସ୍ତ ଯବାନ ସୁରକ୍ଷିତ ଅଛନ୍ତି। ସର୍ଚ୍ଚ ଅପରେଶନ ଜାରି ରହିଛି। ଏହା ସରିବା ପରେ ମାଓବାଦୀମାନେ ମୃତାହତ ହୋଇଛନ୍ତି କି ନାହିଁ, ଏ ସମ୍ପର୍କରେ ଜଣାପଡ଼ିବ ବୋଲି ଏସ୍‌ପି କହିଥିଲେ। ଯବାନମାନଙ୍କ ପକ୍ଷରୁ ୭୨ ରାଉଣ୍ଡ ଗୁଳି ଚାଳନା ହୋଇଥିଲା। ମାଓବାଦୀମାନେ କେତେ ରାଉଣ୍ଡ ଗୁଳିଚାଳନା କରିଥିଲେ, ତାହା ସ୍ପଷ୍ଟ ହୋଇନାହିଁ। ସମ୍ପୃକ୍ତ ମାଓବାଦୀମାନେ ବଲାଙ୍ଗୀର-ବରଗଡ଼-ମହାସମୁଦ ଡିଭିଜନ୍‌ର। ଘଟଣାସ୍ଥଳରୁ ମିଳିଥିବା ଟୋପିରୁ ସେମାନଙ୍କ ମଧ୍ୟରେ କ୍ୟାଡର ମାଓବାଦୀ ରହିଥିବା ଅନୁମାନ କରାଯାଉଛି ବୋଲି ସେ କହିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

SMS SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7326805892
7325861595

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଡିନ୍, ଭୁବନେଶ୍ୱର
9773820765
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
9910560681

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ କରି ବସିଲା ହାଟ

ପାଟଣା, ୯।୮(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସଂକ୍ରମଣରେ ଅଙ୍କୁଶ ଲଗାଇବା ପାଇଁ ଜିଲାପାଳ ପ୍ରତ୍ୟେକ ସପ୍ତାହର ଶନିବାର ଆଉ ରବିବାରକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। କିନ୍ତୁ ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାପାଳଙ୍କ ନିର୍ଦ୍ଦେଶ ଆଉ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଚିଲିଦା ଠାରେ ଶନିବାର ଅପରାହ୍ନରେ ହାଟ ବସିଥିଲା। ଆଉ ଏହି ହାଟରେ ଲୋକେ ପ୍ରବଳ ଭିଡ଼ ମଧ୍ୟରେ ସଉଦା କରୁଥିବା ଦେଖିବାକୁ ମିଳିଥିଲା। ତେବେ ହାଟକୁ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ କରାଯାଇ ନ ଥିଲା ଫଳରେ ଅନେକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

### ୨ ଦୋକାନ ସିଲ୍, ୨୪ ହଜାର ଜରିମାନା

ପଦ୍ମପୁର,୯।୮(ଡି.ଏନ୍.ଏ.): ସପ୍ତାହନ୍ତ ଶଟ୍ ଡାଉନ ନିୟମ ନ ମାନି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିନାୟକପୁରରେ ୨ଟି ଦୋକାନ ଖୋଲିଥିଲା। ତହସିଲ୍‌ଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଶନିବାର ରାତିରେ ଏହି ଦୁଇ ଦୋକାନକୁ ୧୪ ଦିନ ପାଇଁ ସିଲ୍ କରିଛନ୍ତି। ବାଲିମେଦ ବଜାରରେ ଥିବା ଏକ ଶପିଂ ମଲ୍ ଠାରୁ ୧୫ ହଜାର ଓ ଅନ୍ୟ ୩ ଦୋକାନ ଠାରୁ ୯ ହଜାର ମିଶାଇ ମୋଟ ୨୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ାଉ ସମୟରେ ତହସିଲ୍‌ଦାରଙ୍କ ସମେତ ବିରସ ରାଜସ୍ୱ ନୀରିକ୍ଷକ ଶରତ କୁମାର ଦାସ, ନାୟକାଣିଡ଼ିହୀ ଥାନା ଏଏସ୍‌ଆଇ ଦୀଲିପ କୁମାର ଦେହୁରୀ ଉପସ୍ଥିତ ଥିଲେ।

### ଶଟ୍‌ଡାଉନକୁ ନ ମାନି ଡଣ୍ଡ ଗଣିଲେ

ଚମ୍ପୁଆ,୯।୮(ଡି.ଏନ.ଏ.): ଚଳିତ କରୋନା ପରିସ୍ଥିତିକୁ ଲକ୍ଷ୍ୟ କରି ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲାରେ ପାଳନ କରାଯାଉଥିବା ସାପ୍ତାହିକ ଶଟ୍‌ଡାଉନକୁ ଅମାନ୍ୟ କରୁଥିବାରୁ ଅମାନିଆମାନେ ପୋଲିସ ହାତରେ ଧରାପଡି ଡଣ୍ଡ ଗଣିଛନ୍ତି। ଚମ୍ପୁଆ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ପୋଲିସ ରବିବାର ଦିନବେଳା ମହାବୀର ଛକଠାରେ ତନଖି କରିଥିଲେ। ଅମାନ୍ୟଙ୍କ ଠାରୁ ପ୍ରାୟ ୧୭ ହଜାର ଟଙ୍କାର ଫାଇନ ଆଦାୟ କରାଯାଇଛି।

### ଧାର ଟଙ୍କାକୁ ନେଇ ଗଣ୍ଡଗୋଳ: ୨ ଗୁରୁତର

ସଜନାଗଡ଼, ୯।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ସଜନାଗଡ ପଞ୍ଚାୟତ ନୂଆସାହି ଗ୍ରାମରେ ଧାର ଟଙ୍କା ମାଗିବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ସୁଦର୍ଶନ ମଢେଇ, ତାଙ୍କ ଭଣଜା ମନୋଜ ପାତ୍ର ଗ୍ରାମର ରଥ ନାୟକଙ୍କୁ ଧାର ଟଙ୍କା ମାଗିବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉକ୍ତ ସମୟରେ ରଥଙ୍କ ସମ୍ପର୍କୀୟ ଉକ୍ତ ପଞ୍ଚାୟତର କୁସୁମିଆ ଗ୍ରାମର ସଞ୍ଜୟ ସେନାପତି ସେଠାରେ ଉପସ୍ଥିତ ଥିଲେ। ସୁଦର୍ଶନ ଓ ମନୋଜଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ସଞ୍ଜୟଙ୍କ ଆକ୍ରମଣରେ ସୁଦର୍ଶନ ଓ ମନୋଜ ଗୁରୁତର ହୋଇଥିଲେ। ପ୍ରତି ଆକ୍ରମଣରେ ସଞ୍ଜୟ ମଧ ଆହତ ହୋଇଥିଲେ। ନୀଳଗିରି ପୋଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। ପରେ ସେମାନଙ୍କୁ ୧୦୮ ଯୋଗେ ନୀଳଗିରି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୁଦର୍ଶନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

### ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ଚୋରା ମଦ ଜବତ

ଭଣ୍ଡାରିପୋଖରୀ,୯।୮(ଡି.ଏନ୍.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ.ଜାତୀୟ ରାଜପଥର ନେଉଳିଆଠାରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକ୍‌ରୁ ଚୋରାମଦ ଜବତ ହୋଇଛି। ରବିବାର ସକାଳେ ଏକ କଣ୍ଟେନର ସହିତ ମଇଦା ବୋଝେଇ ଟ୍ରକର ମୁହାଁ ମୁହିଁ ଧକ୍କା ହୋଇଥିଲା। ଏଥିରେ ଟ୍ରକ ଡ୍ରାଇଭର ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଜିଲା ଆନ୍ଦରଗଡ଼ିଆ ଅଞ୍ଚଳ ତଣ୍ଡକୁ ଗ୍ରାମର ଏ.ପ୍ରସାଦ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୋଲିସ ଓ ସ୍ଥାନୀୟ ଲୋକେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡ଼ିକାଲ ପଠାଇଥିଲେ। ହେଲେ ଉକ୍ତ ଟ୍ରକ କ୍ୟାବିନ୍‌ରେ ବେଆଇନ୍ ଭାବେ ବିଦେଶୀ ମଦ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଟ୍ରକ ଡ୍ରାଇଭର ଚୋରାରେ କୋଲକାତାରୁ କିଣି ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଢ଼ାବାରେ ବିକ୍ରି ପାଇଁ ନେଉଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ କଣ୍ଟେନର ଚାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

# ବଦଳୁନି ଆଦିବାସୀଙ୍କ ଜୀବନଧାରା

କେନ୍ଦୁଝର, ୯।୮(ସ୍ୱ.ପ୍ର.)



ବିକ୍ରିବଟା ପାଇଁ ସହରକୁ ଆସିଥିବା ଆଦିବାସୀ ମହିଳା।

ଆଦିବାସୀଙ୍କ ବିକାଶ ଲାଗି ସରକାର ଯୋଜନା ପରେ ଯୋଜନା କରିଚାଲିଛନ୍ତି, ହେଲେ ଉପଯୁକ୍ତ ତଦାରଖ ଅଭାବରୁ ସେସବୁ ଫଳପ୍ରଦ ହେଉନାହିଁ। ଫଳରେ ସେମାନଙ୍କ ଜୀବନଧାରା ବଦଳିପାରୁନି। କେନ୍ଦୁଝର ଜିଲାରେ ବଣପାହାଡ଼ ଘେରା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ଏବେବି ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି। ପେଟପାଟଣା ପାଇଁ ମୁଣ୍ଡ ଓ ଭାରରେ କାଠ ବୋହି ସହରକୁ ନେଇ ବିକ୍ରି କରିବାକୁ ଯାଉଛନ୍ତି। ଖଣିଖାଦାନ ଯୋଗୁ ଜଙ୍ଗଲ ଉଜୁଡ଼ିଯିବା ଫଳରେ ସେମାନଙ୍କ ଜୀବନଜୀବିକା କ୍ଷତିଗ୍ରସ୍ତ ହୋଇଛି। ବହୁ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିଲେ ମଧ କରୋନା ମହାମାରୀ ସମୟରେ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡିଛି।

ଅନେକ ଆଦିବାସୀ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ପାନୀୟ ଜଳ, ବିଦ୍ୟୁତ୍ ସେବା, ସ୍ୱାସ୍ଥ୍ୟସେବା, ବାସଗୃହ, ମୋବାଇଲ ତଥା ବ୍ୟାଙ୍କିଙ୍ଗ୍ ସେବା ଆଦି ଭଳି ମୌଳିକ ସୁବିଧା ମିଳୁନାହିଁ। ବିଶେଷ କରି ସେମାନଙ୍କ ଅର୍ଥନୈତିକ ବିକାଶ ଦିଗରେ ସଫଳ ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ଅବସ୍ଥାରେ ପରିବର୍ତ୍ତନ ହୋଇପାରୁ ନାହିଁ। ଖଣିଖାଦନ ଯୋଗୁ ଯୋଡ଼ା, ବାଂଶପାଳ, ହାଟଡ଼ିହି ଆଦି ବ୍ଲକ

**ଯୋଜନା ପରେ ଯୋଜନା**

ଅଞ୍ଚଳରେ ସେମାନଙ୍କ ଜୀବନଜୀବିକା କ୍ଷତିଗ୍ରସ୍ତ ହୋଇଛି। ପେଟପାଟଣା ପାଇଁ ଖଣିଖାଦାନ, କ୍ୱାରି, ଶିଳ୍ପ ଆଦିରେ କାମ କରିବାକୁ ଆଗ୍ରହୀ ଥିଲେ ହେଁ ମିଳୁ ନ ଥିବାରୁ ବାଧ ହୋଇ ସେମାନେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ୧୯୭୧ ମସିହାରେ ଜିଲାରେ ଆଦିବାସୀଙ୍କ ସଂଖ୍ୟା ୪,୪୮,୬୭୧ ଥିଲା। ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୬,୧୮,୮୭୮ ରେ ପହଞ୍ଚିଛି। ସେମାନଙ୍କ ଜନସଂଖ୍ୟା ସମୁଦାୟ ଜନସଂଖ୍ୟାର ୪୫.୪୫ ପ୍ରତିଶତ। ସେଥିରୁ ମହିଳା ୪୬.୧୩ ପ୍ରତିଶତ ଓ ପୁରୁଷ ୪୪.୭୮ ପ୍ରତିଶତ। ଜିଲାରେ ସମୁଦାୟ ୫୬ ପ୍ରକାରର ଆଦିବାସୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ବାଥୁଡି, ଭୂୟାଁ, ଜୁଆଙ୍ଗ, ଭୂମିଜ, ଗୌଣ୍ଡ, ହୋ, ଖରଓାର, କିସାନ, କୋହ୍ଲ, ମୁଣ୍ଡା, କୋରା, ସାନ୍ତାଳ, ଓରାମ, ଶବର, ସାଉନ୍ତିଙ୍କ ସଂଖ୍ୟା ୯୭.୭୨ ପ୍ରତିଶତ ରହିଛି। ଜିଲାର ଜୁଆଙ୍ଗ ଓ ଭୂୟାଁ ଆଦିବାସୀ ପୁରାତନ ଜନଜାତି ଶ୍ରେଣୀର। ସର୍ବାଧିକ ଆଦିବାସୀ କେନ୍ଦୁଝର ଉପଖଣ୍ଡରେ ବସବାସ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଆଦିବାସୀଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ। ମହିଳାମାନେ ଅଧିକ କର୍ମଠ। ଏଣୁ ମହିଳାଙ୍କ ବିକାଶକୁ ଗୁରୁତ୍ୱ ଦିଆଗଲେ ସେମାନଙ୍କ ବିକାଶ ଅଧିକ ହୋଇପାରିବ ବୋଲି ଆଦିବାସୀ ନେତା କୈଳାସ ନାୟକ କହିଛନ୍ତି। ମହିଳା ଆଦିବାସୀଙ୍କ ସାକ୍ଷରତା ହାର ୪୧.୫୬ ପ୍ରତିଶତ ରହିଛି। ଏଣୁ ସାକ୍ଷରତା ହାର ବୃଦ୍ଧି କରିବା ସହ ସେମାନଙ୍କ ପାଇଁ ଆସୁଥିବା ଅନୁଦାନର ଉପଯୁକ୍ତ ତଦାରଖ କରାଯାଇ ପାରିଲେ ସେମାନଙ୍କ ପ୍ରକୃତ ବିକାଶ ହୋଇ ପାରିବ ବୋଲି ଆଦିବାସୀ ନେତା ସତ୍ୟବ୍ରତ ନାୟକ କହିଛନ୍ତି।

# ହାତୀ ସୁରକ୍ଷା, ବିଜୁଳି କାଟ ରୋକିବା ଉପରେ ଗୁରୁତ୍ୱ

- ଜିଲା ବିଦ୍ୟୁତ୍ କମିଟି ବୈଠକ
- ବିଲ୍ ଆଦାୟ କରିବେ ୧୯୫ ଏସ୍‌ଏସ୍‌ଜି

ଅନୁଗୋଳ ଅଫିସ୍, ୯।୮

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିଃ. ଦ୍ୱାରା ଜିଲା ବିଦ୍ୟୁତ୍ କମିଟି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଧକ୍ଷତା କରି ସାଧାରଣ ଲୋକଙ୍କୁ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ।

ବୈଠକରେ ଏମ୍‌ପି ମହେଶ ସାହୁ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ପ୍ରମୁଖ ଯୋଗଦେଇଥିଲେ। ଉଭୟ ସହର ଓ ଗ୍ରାମାଞ୍ଚଳରେ ଅଯଥା ପାୱାର କଟ୍ ନ କରି ଲୋକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଏମ୍‌ପି ଗୁରୁତ୍ୱ ଦେଇଛନ୍ତି। ଜଙ୍ଗଲ ମଧ୍ୟରେ ଯାଇଥିବା ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ହାତୀମାନେ ଯେପରି ନ ଆସନ୍ତି ସେଥିପାଇଁ ବିଭାଗୀୟ ଯନ୍ତ୍ରୀ ବିଶେଷ ଯତ୍ନବାନ ହେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ୧୨୬୦ ଏଲ୍‌ଟି ଲାଇନ ଖୁଣ୍ଟ, ୧୩୪୩ ଇଲେଭେନ୍ କେଭି ଲାଇନ୍ ଖୁଣ୍ଟ ବସାଯାଇଥିବା ସୂଚନା ଦିଆଯାଇଥିଲା। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପାର୍ଶ୍ୱରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ହୋଇଥିବା ବିଦ୍ୟୁତ୍ ଲାଇନ୍ ଓ ସବ୍‌ଷ୍ଟେଶନଗୁଡ଼ିକୁ ସ୍ଥାନାନ୍ତର ସମ୍ପର୍କରେ ଆଲୋଚନା କରାଯାଇଛି। ମିଶନ ଶକ୍ତି ବିଭାଗ ଦ୍ୱାରା ୮ ବ୍ଲକରେ ୧୯୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ବିଦ୍ୟୁତ ଦେୟ ସଂଗ୍ରହ ଦାୟିତ୍ୱ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ପାଣିଗ୍ରାହୀ (ତାଇଁପାଳ) ଓ ସୁବ୍ରତ ସାହୁ (ଅନୁଗୋଳ)ଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ବାରିପଦା ଅଫିସ,୯।୮

ମୟୂରଭଞ୍ଜ ଜିଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ବଡ଼ସାହି ପୋଲିସ ଶନିବାର ବିଳମ୍ବିତ ରାତିରେ ଉଠାଣୀନୂଆଗାଁରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୯ଟି ବାଇକ୍ ଓ ନଗଦ ୨୯ହଜାର ୫୩୦ଟଙ୍କା ସହ ତାସପାଲି ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଉଠାଣୀନୂଆଗାଁ ଗ୍ରାମର ସୁମନ୍ତ କୁମାର ପୃଷ୍ଟି, ଆନନ୍ଦ ବେହେରା, ବିଦେଶୀ ନାୟକ, ନବ ବେହେରା, ଯଦୁନାଥପୁର ଗ୍ରାମର ଗୋପୀନାଥ ବେହେରା ଓ ଖୁଣ୍ଟା ଥାନା ଅଧୀନ ଚୁନିଡ଼ିହା ଗ୍ରାମର ରମେଶ ବେହେରା। ସମସ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବାରିପଦା ସଦର ଥାନା, ବେତନଟୀ, ଖୁଣ୍ଟା ଓ ବଡ଼ସାହି ଅଞ୍ଚଳରେ ଏପରି ଜୁଆ ଖେଳ ଚାଲିଥିବା ନେଇ ଏସ୍‌ପିଙ୍କ ନିକଟରେ ସୂଚନା ରହିଥିଲା। ଏଥି ପୂର୍ବରୁ ବାରିପଦା ସଦର ଥାନା ଓ ବେତନଟୀ ଥାନାରେ ଚଢ଼ାଉ କରାଯିବା ପରେ ଅଭିଯୁକ୍ତମାନେ ବଡ଼ସାହି ଥାନା ଅଞ୍ଚଳରେ ଆସି ସେମାନଙ୍କ ଆଡ୍ଡା ଜମାଇଥିଲେ।

# ୧୨୨ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ ଶିବିରରେ ଉପସ୍ଥିତ କର୍ମକର୍ତ୍ତା।

ଢେଙ୍କାନାଳ ଅଫିସ, ୯।୮

ଅଗଷ୍ଟ କ୍ରାନ୍ତି ଦିବସ ଉପଲକ୍ଷେ ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ରବିବାରଠାରୁ 'ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ' ପକ୍ଷରୁ ଆରମ୍ଭ ହୋଇଛି ସପ୍ତାହବ୍ୟାପୀ ରକ୍ତଦାନ ଶିବିର। ଜୀବନ ବିନ୍ଦୁ ରାଜ୍ୟର ମୁଖ୍ୟ ସଂଯୋଜକ ଦେବୀପ୍ରସାଦ ମିଶ୍ର, ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ୧୨୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କରୋନା ସଙ୍କଟ ସମୟରେ ରକ୍ତଦାନ ଅଭାବ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଶିବିର ଆୟୋଜନ କରାଯାଉଥିବା ବିଧାୟକ ସୂଚନା ଦେଇଛନ୍ତି। ଜିଲା ସଂଯୋଜକ ସୁରଜ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର ପ୍ରମୁଖ ଏହାର ପରିଚାଳନା କରୁଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ଉତ୍ତେଜନା ପରେ ତହସିଲଦାରଙ୍କ ତଦନ୍ତ

ତିହିଡ଼ି, ୯।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ତିହିଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ସ୍ୱାବ୍ ରିପୋର୍ଟ ଆସିବା ବିଳମ୍ବକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ତହସିଲଦାର, ଥାନାଧିକାରୀ, ବିଡିଓ ଓ ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କ ତଦନ୍ତରୁ ଜଣାପଡ଼ିଥିଲା ଯେ ଏଠାରେ ପ୍ରବାସୀ ଓଡିଆମାନେ ସରକାରଙ୍କ ନିୟମ ମୁତାବକ ୧୪ ଦିନ ସଙ୍ଗରୋଧ କେନ୍ଦ୍ରରେ ରହିବା ପରେ ଘରକୁ ଫେରିବା କଥା। କିନ୍ତୁ ସେମାନଙ୍କର ଗତ ୧୮ରୁ ୨୦ଦିନ ହେଲାଣି ସ୍ୱାବ ରିପୋର୍ଟ ଆସିପାରି ନଥିଲା। ସେମାନେ ୧୪ ଦିନ ସଙ୍ଗରୋଧ କେନ୍ଦ୍ରରେ ଅତିବାହିତ କରିଥିବାରୁ ସଙ୍ଗରୋଧ କେନ୍ଦ୍ର ଛାଡ଼ି ଘରକୁ ଯିବାପାଇଁ ବାହାରିଥିଲେ। କେନ୍ଦ୍ର ପରିଚାଳକ ମାନେ ସ୍ୱାବ୍ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ କେନ୍ଦ୍ରରୁ ଯିବା ପାଇଁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବା ସହିତ ପ୍ରବାସୀମାନେ ସଙ୍ଗରୋଧ କେନ୍ଦ୍ରରେ ଭଙ୍ଗାରୁଜା କରିଥିଲେ। ପରିଶେଷରେ ତହସିଲଦାର ରମେଶ ପଣ୍ଡା ସେମାନଙ୍କୁ ଏହାର ତୁରନ୍ତ ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା କମିଥିଲା।

## ଏଆଇସିସିଟିୟୁର ବିକ୍ଷୋଭ




ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଦ୍ରକ ଅଫିସ, ୯।୮

ଶ୍ରମିକ ବିରୋଧି, ଜନବିରୋଧି, ଦେଶ ବିରୋଧି ନୀତି ବିରୋଧରେ ଅଗଷ୍ଟ କ୍ରାନ୍ତି ଦିବସରେ ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଜେଲଭରୋ ଆନ୍ଦୋଳନକୁ ସଫଳ କରିବା ପାଇଁ ଏଆଇସିସିଟିୟୁ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଭଦ୍ରକ ଜିଲାରେ ଶଟ୍ ଡାଉନ୍‌କୁ ଆଖି ଆଗରେ ରଖି ସରକାରଙ୍କ ଗାଇଡ୍ ଲାଇନ ଏବଂ ସାମାଜିକ ଦୂରତା ରକ୍ଷା କରାଯାଇ ବିଭିନ୍ନ ସ୍ଥାନରେ ଶ୍ରମିକ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ଶ୍ରମିକନେତା ସମର ବଳ, ପୂର୍ଣ୍ଣଚନ୍ଦ୍ର ଦାସ, ଜୟନ୍ତୀ ବିଶ୍ୱାଳ, ସଂଗ୍ରାମ ବଳ, ଜଗନ୍ନାଥ ବେହେରା, ରମାକାନ୍ତ ଦାସ, ଲକ୍ଷ୍ମୀପ୍ରିୟା ଦାସ, ସନ୍ଧ୍ୟାରାଣୀ ସାମଲ, ଶଙ୍କର ପ୍ରଧାନ, ରବୀନ୍ଦ୍ର ସାମଲ, ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଏହି ବିକ୍ଷୋଭରେ ଯୋଗ ଦେଇଥିଲେ।

## କରୋନା ଯୋଦ୍ଧାଙ୍କ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା

ତିହିଡ଼ି, ୯।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ କମାରିଆ ବଜାରଠାରୁ ଆରୁହା ବଜାର ପର୍ଯ୍ୟନ୍ତ ଏକ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ସ୍ଥାନୀୟ ମଙ୍ଗଳପୁର ଓ ସିନ୍ଦୋଳ ପଞ୍ଚାୟତର ଅଙ୍ଗନୱାଡି ଓ ଆଶା କର୍ମୀମାନେ ଯୋଗଦେଇଥିଲେ। ସୋମାନେ କରୋନା ସଚେତନତା ସମେତ ଟିବି, ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ରୋଗର ନିରାକରଣ ସମ୍ପର୍କରେ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ। ସିନ୍ଦୋଳ ସରପଞ୍ଚ ବୈକୁଣ୍ଠନାଥ ପାଣି, ସମିତିସଭ୍ୟାଙ୍କ ପ୍ରତିନିଧି ଅନିରୁଦ୍ଧ ବାରିକ, ମଙ୍ଗଳପୁର ସରପଞ୍ଚ ପ୍ରତାପ ସାହୁ, ସ୍ୱାସ୍ଥ୍ୟ ସୁପରଭାଇଜର ଅମରେନ୍ଦ୍ର ପୃଷ୍ଟି, ଏଏନ୍‌ଏମ୍ ପଦ୍ମାବତୀ ରାଉତ, ପଙ୍କଜିନୀ ସାହୁ, ସୁଶୀଳା ପତି, ମାନସୀ ବାରିକ, ପ୍ରମିଳା ବାରିକ, ବାସମତୀ ପରିଡା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଯୋଗ ଦେଇଥିଲେ।

## ପ୍ଲାଜ୍‌ମା ପାଇଁ ଚିହ୍ନଟ ୭ଜଣଙ୍କୁ ଭେଟିଲେ ମନ୍ତ୍ରୀ

ଖଇରା, ୯।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରୁ ୭ଜଣ ପ୍ଲାଜମା ପ୍ରଦାନ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିମଧ୍ୟରେ କୁରୁଣ୍ଟାରୁ ୫ଜଣ ଥିବା ବେଳେ ଗୋଳିହାରୁ ୨ଜଣ ଅଛନ୍ତି। ଆସନ୍ତା ୧୨ତାରିଖରେ ସେମାନେ କଟକ ବଡ ମେଡିକାଲରେ ପ୍ଲାଜମା ପ୍ରଦାନ କରିବେ। ରବିବାର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ୭ଜଣଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ କରୋନା ମୁକାବିଲା ପାଇଁ ନିଆଯାଇଥିବା ପ୍ଲାଜମା ଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ କିଭଳି ସୁରୁଖୁରୁରେ କଟକ ଯାଇ ପ୍ଲାଜମା ଦାନ କରିପାରିବେ ତାର ବନ୍ଦୋବସ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କର ପ୍ଲାଜମା ସଂଗ୍ରହ ଆହ୍ୱାନକୁ ସାକାର କରିବାକୁ ଅଧିକରୁ ଅଧିକ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତି ପ୍ଲାଜମା ଦାନ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ପାଣିଗ୍ରାହୀଙ୍କୁ ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ଯୁବନେତା ମାନସ ଦାଶ, ସମ୍ପଦ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ଲାଜ୍‌ମା ଦାନ ସମ୍ପର୍କରେ ଆଲୋଚନା କରୁଛନ୍ତି।

## କ୍ରାନ୍ତି ଦିବସରେ ମନେପଡ଼ିଲେ ବରପୁତ୍ର

ଢେଙ୍କାନାଳ ଅଫିସ, ୯।୮

ଭାରତଛାଡ଼ ଆନ୍ଦୋଳନର ୭୮ବର୍ଷ ପୂର୍ତ୍ତି ଅବସରରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀମନ୍ଦିର ପରିସରରେ ରବିବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ସମେତ ଅନ୍ୟ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ କର୍ମକର୍ତ୍ତାମାନେ ସ୍ୱାଧୀନତା ସଂଗ୍ରାମର ସ୍ମୃତିଚାରଣ କରିଥିଲେ। ସୁନୀଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁଭାସିନୀ ମହାକୁଡ, ମମତାଞ୍ଜଳି ବେହେରା, ଡା. ତୁଷାରକାନ୍ତି ନାୟକ, ରୁଦ୍ର ପ୍ରକାଶ ଶରଣ, ପ୍ରେମଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦିବଂଗତ ନେତା ଅଦ୍ୱୈତ ବିଶ୍ୱାଳ, ରହିମ୍ ଖାଁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ମାଛଚାଷରେ ସ୍ୱାବଲମ୍ବୀ ହେବ ୫ ଗାଁ

ଓଡ଼ାପଡ଼ା, ୯।୮(ଡି.ଏନ.ଏ)



ପୋଖରୀରୁ ଧରାଯାଇଥିବା ମାଛ।

- ଟାଟାଷ୍ଟିଲ୍ ବିଏସ୍‌ଏଲ୍‌ର ଅଭିନବ ପ୍ରୟାସ
- ପ୍ରଥମ ପର୍ଯ୍ୟାୟରେ ୧୪.୫ କୁଇଣ୍ଟାଲ ଉତ୍ପାଦନ

ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କୁ ମାଛଚାଷରେ ସ୍ୱାବଲମ୍ବୀ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ନ୍ୟାଶନାଲ ଫେଡେରେସନ ଅଫ୍ ଫିଶର୍ସ କୋଅପରେଟିଭ୍ ଲିମିଟେଡ୍ (ଫିଶକୋଫେଡ୍) ସମନ୍ୱୟରେ କୁରୁଣ୍ଟି, ଇଟାପ, ସରପା, ନୂଆଗାଁ, ତାଳବାହାଳ, କୁସୁପଙ୍ଗା ଗ୍ରାମର ଚାଷୀଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ମାଛଚାଷ କରିବାକୁ ପ୍ରଶିକ୍ଷଣ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୪.୫ କୁଇଣ୍ଟାଲ ମାଛ ଉତ୍ପାଦନ କରାଯାଇଛି।

ଏଥିଲାଗି ନୂଆଗାଁର ମା' ବନଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ଏକ ପୋଖରୀକୁ ଲିଜ୍ ନିଆଯାଇ ୧୫ କିଲୋ ଯାଆଁଳ ଛଡ଼ାଯାଇଥିଲା। ମାଛଚାଷ ପାଇଁ ଗ୍ରାମବାସୀଙ୍କୁ ଆବଶ୍ୟକ ଦାନା, ଯାଆଁଳ, ଔଷଧ, ଫିଶକୋଫେଡ୍ ପକ୍ଷରୁ ମାର୍ଗଦର୍ଶନ ସହିତ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଉକ୍ତ ଏସ୍‌ଏଚ୍‌ଜି ଏବଂ ବ୍ଲକ କାର୍ଯ୍ୟାଳୟ ସହିତ ସମନ୍ୱୟ ରଖି ସରକାରୀ ଯୋଜନା ଅନୁଯାୟୀ ରିହାତି ମୂଲ୍ୟରେ ମାଛଦାନା ଯୋଗାଇ ଦେବାକୁ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗ ଉଦ୍ୟମ କରୁଛି। ଏପରି ପ୍ରୋତ୍ସାହନ ପାଇବା ପରେ ଅନ୍ୟ ଗ୍ରାମରେ ମଧ ମାଛଚାଷ ପାଇଁ ଆଗ୍ରହ ବଢ଼ିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଧରିତ୍ରୀ DHARITRI
Monday, 10 August 2020

## ଟିକ୍‌ଟକ୍ କ୍ରୟ ଦୌଡରେ ଟୁଇଟର

ଟିକ୍‌ଟକ୍‌ର ଆମେରିକା କାରବାରକୁ କ୍ରୟ କରିବା ଲାଗି ପ୍ରମୁଖ ମାଇକ୍ରୋବ୍ଲଗିଂ କମ୍ପାନୀ ଟୁଇଟର ଇଙ୍କ୍ ଆଗ୍ରହ ଦେଖାଇଛି। ମାଇକ୍ରୋସଫ୍ଟ ପରେ ଟୁଇଟର ଏହି ତାଲିକାରେ ଯୋଡି ହୋଇଥିବା ଏକ ରିପୋର୍ଟ ସାମ୍ନାକୁ ଆସିଛି। ପ୍ରକ୍ରିୟା ସହ ଜଡିତ ୨ ଜଣ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଥିବା ଜଣାପଡିଛି।



**ସଂକ୍ଷେପରେ**

### ଓଡିଶା ଇଏସ୍‌ଡିଏମ୍ ହବ୍ ହୋଇପାରିବ

**ଭୁବନେଶ୍ୱର,୯।୮:** ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଏବଂ ଡିଜାଇନ ମାନୁଫାକ୍ଚରିଂ(ଇଏସ୍‌ଡିଏମ୍)ରେ ଓଡ଼ିଶା ଏକ ହବ୍ ହେବାର ସମ୍ଭାବନା ରହିଛି। ଦେଶ ମଧ୍ୟରେ ମୋବାଇଲ ଫୋନ, ଇଲେକ୍ଟ୍ରୋନିକ୍ସ ଉପକରଣ, ସର୍ଭର ଭଳି ବିଭିନ୍ନ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ କେନ୍ଦ୍ର ସରକାର ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଇଲେକ୍ଟ୍ରୋପ୍ରେନ୍ୟୁର ପାର୍କ ଭୁବନେଶ୍ୱର ପକ୍ଷରୁ ୱେବିନାର ସିରିଜ 'ଇଲେକ୍ଟ୍ରୋଭାବସ' ଅବସରରେ ବିଶେଷଜ୍ଞମାନେ ଏଭଳି ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ)ର ମହାନିର୍ଦ୍ଦେଶକ ଡ. ଓଁକାର ରାୟ କହିଛନ୍ତି ଯେ, ଷ୍ଟାର୍ଟ ଅପ୍‌ଗୁଡିକୁ ସମୃଦ୍ଧ କରିବା ଲାଗି ଇଲେକ୍ଟ୍ରୋପ୍ରେନ୍ୟୁର ପାର୍କ ସହାୟକ ହେବ। ନୂଆ ଚିନ୍ତାଧାରାକୁ ଉତ୍ସାହିତ କରିବା ଲାଗି ସେ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସଫଳତାକୁ ରାଜ୍ୟର ଅନ୍ୟ ପ୍ରାନ୍ତକୁ ମଧ୍ୟ ସମ୍ପ୍ରସାରିତ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଯୁଗ୍ମ ସଚିବ ସୌରଭ ଗୌର କହିଛନ୍ତି ଯେ, ଇଏସ୍‌ଡିଏମ୍ ବର୍ଗରେ ୟୁନିଟ ସ୍ଥାପନ କରିବା ଲାଗି ଅନେକ ବିଦେଶୀ କମ୍ପାନୀ ଆଗ୍ରହ ଦେଖାଉଛନ୍ତି।

### 'ଚାଇନା' ଭାରତ ଛାଡ଼ ଅଭିଯାନ ଆରମ୍ଭ

**ନୂଆଦିଲ୍ଲୀ,୯।୮:** କନ୍‌ଫେଡେରଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି)ପକ୍ଷରୁ ଚାଇନା ଭାରତ ଛାଡ ଅଭିଯାନ ଆରମ୍ଭ ହୋଇଛି। ବୟକଟ ଚାଇନା ବାଦ ସିଏଆଇଟି ଏଭଳି ଏକ ଅଭିଯାନ ପୁଣି ଥରେ ଆରମ୍ଭ କରିଛି। ଗଲ୍‌ୱାନ ଘାଟିରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଉଭୟ ସରକାର ଏବଂ ଦେଶର ବିଭିନ୍ନ ବର୍ଗ ପକ୍ଷରୁ ଚାଇନା ବିରୋଧରେ ଗଭୀର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଟ୍ରାକ୍‌କୁ ଫେରିବେ ୮୧% କ୍ଷୁଦ୍ର ସଂସ୍ଥା

ନୂଆଦିଲ୍ଲୀ,୯।୮

କରୋନା ଜନିତ ଲକ୍‌ଡାଉନ ଲାଗି ସାରା ବିଶ୍ୱ ବଜାର କ୍ଷତିଗ୍ରସ୍ତ ହୋଇଛି। ଏଭଳି ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ଗୁଡିକର ସ୍ଥିତି ବିଗିଡିଯାଇଛି। ବଜାରରେ ଚାହିଦା ନ ଥିବା ବେଳେ ବର୍ତ୍ତମାନ କରାବାର ଠିକ୍ ହେଉନି। ଏଭଳି ସ୍ଥିତିରେ ୟୁନିଟ୍‌କୁ ପରିଚାଳନା କରିବା କମ୍ପାନୀଗୁଡିକ ପକ୍ଷରୁ କଷ୍ଟକର ହେଉଛି। ନଗଦ ସମସ୍ୟା ସହ ଅନ୍ୟ ଆନୁଷଙ୍ଗିକ ଅସୁବିଧା ଏମ୍ଏସ୍ଏମ୍ଇଗୁଡିକ ସାମ୍ନା କରୁଥିବା ଦେଖାଯାଇଛି। କରୋନା ପରେ ୮୧% ଏମ୍ଏସ୍ଏମ୍ଇ ପୁଣି ଥରେ କାରବାର ସମ୍ଭାଳିବାକୁ ସକ୍ଷମ ହେବେ। ଏ ନେଇ ସେମାନେ ଆଶାବାଦୀ ଥିବା ଏକ ସର୍ଭେରୁ ଜଣାପଡିଛି। ଅପରପକ୍ଷରେ ପ୍ରାୟ ୫୭% ସଂସ୍ଥାଙ୍କ ନିକଟରେ କୌଣସି

**ଗ୍ଲୋବାଲ ଆଲାଏନ୍ସ ଫର୍ ମାସ୍ ଏଣ୍ଟରପ୍ରିନ୍ୟୁରଶିପ ସର୍ଭେ**



ଜମା ପୁଞ୍ଜି ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗ୍ଲୋବାଲ ଆଲାଏନ୍ସ ଫର୍ ମାସ୍ ଏଣ୍ଟରପ୍ରିନ୍ୟୁରଶିପ ଏବଂ କ୍ରିୟା ୟୁନିଭର୍ସିଟିର ଲିଡ୍ ନାମକ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବେ ୧୫୦୦ ଉଦ୍ୟୋଗୀଙ୍କୁ ନେଇ ଏଭଳି ସର୍ଭେ କରାଯାଇଥିଲା।

ଆଗାମୀ ଦିନଗୁଡିକ ଆସୁଥିବା ଖର୍ଚ୍ଚ ପାଇଁ ରଣ କରିବାକୁ ପ୍ରାୟ ୪୦% ଏମ୍ଏସ୍ଏମ୍ଇ କହିଛନ୍ତି। ମାତ୍ର ୧୪% ସଂସ୍ଥା ସଙ୍ଗଠିତ କ୍ଷେତ୍ରରୁ ରଣ କରିବେ ବୋଲି କହିଛନ୍ତି। ବର୍ତ୍ତମାନ ପରିବର୍ତ୍ତିତ ନିୟମ ଅନୁସାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ ଏବଂ ୫ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିଲେ ଏହାକୁ ଅଣୁ ଉଦ୍ୟୋଗ ଭାବେ ବିବେଚନା କରାଯାଉଛି। ଗେମ୍ ନାମକ ସଂସ୍ଥାର ସହ ପ୍ରତିଷ୍ଠାତା ମଦନ ପଦାଙ୍କି କହିଛନ୍ତି ଯେ, କୋଭିଡ୍-୧୯ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ବିଧ୍ୱସ୍ତ କରିପକାଇଛି। ଅଣୁ ଉଦ୍ୟୋଗଗୁଡିକ ଏହା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ତୃଣମୂଳ ସ୍ତରରେ କ୍ଷୁଦ୍ର ସଂସ୍ଥାଗୁଡିକ ନଗଦ ଅଭାବ, ଯୋଗାଣ ଚେନ୍‌ରେ ଅସୁବିଧା, ପେମେଣ୍ଟରେ ଅସୁବିଧା ଭଳି ସମସ୍ୟା ସାମ୍ନା କରୁଛନ୍ତି। ପୁରୁଷଙ୍କ ତୁଳନାରେ ମହିଳା ଉଦ୍ୟୋଗୀମାନେ ଅଧିକ ସମସ୍ୟା ସାମ୍ନା କରୁଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ରିଲାଏନ୍ସ ଡିଜିଟାଲରେ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୯।୮:** ରିଲାଏନ୍ସ ଡିଜିଟାଲ ପକ୍ଷରୁ ଚଳିତ ମାସ ୧୧ ତାରିଖ ଯାଏ ଡିଜିଟାଲ ଇଣ୍ଡିଆ ସେଲ୍ ଅଫର ଉପଲବ୍ଧ ହେଉଛି। ଏହି ସମୟରେ ଗ୍ରାହକମାନେ ବିଭିନ୍ନ ରିହାତି ସହ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ଡିଲ୍ ଲାଭ କରିପାରିବେ। ରିଲାଏନ୍ସ ଡିଜିଟାଲ ଏବଂ ମାଇଁ ଜିଓ ଷ୍ଟୋରରେ ଏଚ୍‌ଡିଏଫ୍‌ସି କାର୍ଡ ଉପରେ ଗ୍ରାହକମାନେ ନିଶ୍ଚିତ ୧୦% ରିହାତି ଲାଭ କରିପାରିବେ। ୪୮,୮୯୦ ଟଙ୍କା ଆରମ୍ଭ ମୂଲ୍ୟରେ ଗ୍ରାହକମାନେ ସାଇଡ ବାଏ ସାଇଡ ରେଫ୍ରିଜରେଟର, ୧୮,୯୯୦ ଟଙ୍କାରୁ ଫ୍ରଷ୍ଟ ଫ୍ରି ରେଫ୍ରିଜରେଟର, ୧୦,୭୯୦ ଟଙ୍କାରୁ ଡାଇରେକ୍ଟ କୁଲ୍ ରେଫ୍ରିଜରେଟର, ୨୦,୨୯୦ ଟଙ୍କାରୁ ଫ୍ରଣ୍ଟ ଲୋଡ ୱାଶିଂ ମେଶିନ ଏବଂ ୧୨,୪୯୦ ଟଙ୍କାରୁ ଟପ୍ ଲୋଡ ୱାଶିଂ ମେଶିନ ପାଇପାରିବେ। ସେହିଭଳି ୧୧,୯୯୦ ଟଙ୍କାରୁ ୩୨ ଇଞ୍ଚର ଟିଭି, ୨୪,୯୯୦ ଟଙ୍କାରୁ ୪୩ ଇଞ୍ଚର ୪କେ ଟିଭି, ୩୩,୯୯୦ ଟଙ୍କାରୁ ୫୫ ଇଞ୍ଚର ୪କେ ଟିଭି ଗ୍ରାହକ ପାଇପାରିବେ। ୧୦ମ ଜେନେରେଶନ ପ୍ରୋସେସର ଲାପ୍‌ଟପ୍ ଥିନ୍ ଏବଂ ଲାଇଟ ବର୍ଗରେ ୨୨,୯୯୯ ଟଙ୍କାରୁ ଆରମ୍ଭ ହୋଇଛି। ସେହିଭଳି ୫୦,୯୯୯ ଟଙ୍କାରୁ କନଭର୍ଟିବଲ ଲାପ୍‌ଟପ୍, ୬୧,୪୯୦ ଟଙ୍କାରେ ଗେମିଂ ଲାପ୍‌ଟପ୍ ମଧ୍ୟ ଉପଲବ୍ଧ। ପ୍ରତି ଲାପ୍‌ଟପ୍ କ୍ରୟ ଉପରେ ୨୨,୪୪୪ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ଉପହାର ମିଳିବ। ଗ୍ରାହକଙ୍କୁ ଅତିରିକ୍ତ ବ୍ରାଣ୍ଡ ଅଫର ମଧ୍ୟ ପ୍ରଦାନର ବ୍ୟବସ୍ଥା କରାଯାଇଛି। ସଦ୍ୟତମ ସ୍ମାର୍ଟଫୋନ ବ୍ରାଣ୍ଡ ଉପରେ ୧୮ ମାସର ୱାରେଣ୍ଟି ବ୍ୟବସ୍ଥା କରାଯାଇଛି।

# କୁଟିନାର ଭେଜିଟେବଲ ପ୍ୟୁରିଫାୟର



ଭୁବନେଶ୍ୱର,୯।୮

ସମ୍ପୂର୍ଣ୍ଣ କିଚେନ୍ ସଲ୍ୟୁଶନ ପ୍ରଦାନ କରୁଥିବା ବ୍ରାଣ୍ଡ କୁଟିନା ପକ୍ଷରୁ ନୂଆ ଭେଜିଟେବଲ ପ୍ୟୁରିଫାୟର ଶୁଭାରମ୍ଭ କରାଯାଇଛି। ନୂଆ ପ୍ରଡକ୍ଟକୁ କମ୍ପାନୀର ନିର୍ଦ୍ଦେଶକ ନମିତ ବଜୋରିଆ ନିକଟରେ ବଜାର ପ୍ରବେଶ କରାଇଥିଲେ। ଏଥିରେ ଓଜନ୍ ଷ୍ଟେରିଲାଇଜେଶନ ଟେକ୍ନୋଲୋଜିକୁ ବ୍ୟବହାର କରାଯାଇଛି। ଏହା ଗୋଟିଏ ମିନିଟ ମଧ୍ୟରେ ପରିବାକୁ ଷ୍ଟେରିଲାଇଜ କରିବାରେ ସକ୍ଷମ ହୋଇ ପାରିବ। ଅକ୍ସିଡେଟିଭ୍ ଡିକମ୍ପୋଜିଶନ କ୍ଷମତା ଦ୍ୱାରା ଅମ୍ଲଜାନ, ଶୁଦ୍ଧତା, ନିରାପତ୍ତା ଦ୍ୱାରା ଫଳ ଏବଂ ପନିପରିବା, ମାଂସ ଏବଂ ସାମୁଦ୍ରିକ ଖାଦ୍ୟକୁ ଠିକ୍ କରିବାରେ ସହାୟକ ହୋଇ ପାରିବ। ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ଆଧାର କରି ବିଭିନ୍ନ ଅଭିନବ ପ୍ରଡକ୍ଟ ଉପଲବ୍ଧ କରାଉଛି। ପ୍ରଡକ୍ଟଗୁଡିକ ଗ୍ରାହକଙ୍କ ଦ୍ୱାରା ପସନ୍ଦ ହେବ ବୋଲି କମ୍ପାନୀ ସୂଚନା ଦେଇଛି।

# ମାରୁତି ସୁଜୁକିର ନୂଆ ଏସ୍-କ୍ରସ୍

ଭୁବନେଶ୍ୱର,୯।୮

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନୂଆ ଏସ୍‌କ୍ରସ ପେଟ୍ରୋଲ ମଡେଲ ବଜାରକୁ ଆସିଛି। ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ସିଇଓ କେନିଚି ଆୟୁକାୱା କହିଛନ୍ତି ଯେ, ଯାନଟି ଶକ୍ତିଶାଳୀ ରୋଡ୍ ଉପସ୍ଥିତି ବଜାୟ ରଖିପାରିବ। ନେକ୍ସାର 'କ୍ରିଏଟ ଇନ୍‌ସ୍ପାୟାର' ମୂଲ୍ୟବୋଧକୁ ନେଇ ଏହା ପ୍ରସ୍ତୁତ କରାଯାଇଛି। ଏହା ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ସେହିଭଳି ଯାନଟିକୁ କଟକର ଟୁଇନ ସିଟି ନେକ୍ସା ଶୋ'ରୁମ୍‌ରେ ବଜାର ପ୍ରବେଶ କରାଯାଇଥିଲା। ଏହି ଅବସରରେ ଟୁଇନ ସିଟି ନେକ୍ସା ସିଇଓ ଅବିନାଶ ସିଂଘାନିଆ, ସିଓଓ କୌଶିକ ଓଝା, ଜିଏମ୍ ସଞ୍ଜୟ ଗୁପ୍ତା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏସ୍‌ୟୁଭି ବର୍ଗରେ ଏହି ମଡେଲଟି ଶକ୍ତିଶାଳୀ ୧.୫ ଲିଟରର କେ ୧୫ ବି ଇଞ୍ଜିନ ସହ ଆସିଛି। ଏଥିରେ ସ୍ମାର୍ଟ ହାଇବ୍ରିଡ୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଗ୍ରାହକମାନେ ଏହି ମଡେଲରେ ବେଷ୍ଟ କ୍ଲାସ ଫୁଏଲ ଏଫିସିଏନ୍ସି (୧୮.୫୫ କି.ମି. ପ୍ରତି ଲିଟର) ଲାଭ କରିପାରିବେ। ଉନ୍ନତ ଡ୍ରାଇଭିଂ ଅଭିଜ୍ଞତା ଲାଗି ଅଟୋମେଟିକ ଟ୍ରାନ୍ସମିଶନକୁ ଏଥିରେ ସ୍ଥାନିତ କରାଯାଇଛି। କାର ମଧ୍ୟରେ ନୂତନ ପିଢିର ମନୋରଞ୍ଜନ ସିଷ୍ଟମ ସ୍ମାର୍ଟ ପ୍ଲେ ଷ୍ଟୁଡିଓ ଗ୍ରାହକ ପାଇପାରିବେ। ଅତ୍ୟାଧୁନିକ ଡିଜାଇନ ଏବଂ ସଦ୍ୟତମ ଫିଚର ଏଥିରେ ରହିଛି। ଯାନଟିର ବଜାର ଦର ୮.୩୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।




ନୂଆ ମଡେଲ୍ ସହ ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ସିଇଓ କେନିଚି ଆୟୁକାୱା(ବାମ)।

**ମଡେଲରେ ଥିବା ଅନ୍ୟ ଫିଚର**

- ୪ ମିଟରରୁ ଉର୍ଦ୍ଧ୍ୱ ସ୍ପେଶିୟସ ଡିଜାଇନ
- ଶକ୍ତିଶାଳୀ ପାୱାରଟ୍ରେନ
- ଅଟୋମେଟିକ ବିକଳ୍ପ
- ନିୟୁ ଏଜ୍ ଟଚ୍ ସ୍କ୍ରିନ, ସ୍ମାର୍ଟ ପ୍ଲେ ଷ୍ଟୁଡିଓ
- ଆଡଭାନ୍ସ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି
- ଅତ୍ୟାଧୁନିକ ଏକ୍ସଟେରିୟର ଡିଜାଇନ
- ଉନ୍ନତ ନିରାପତ୍ତା ଫିଚର

## ଖେଳ ଖବର

# ପାକିସ୍ତାନ ବିପକ୍ଷରେ ୫ମ ସର୍ବାଧିକ ରନ୍ ଚେଜ୍

ମାଞ୍ଚେଷ୍ଟର, ୯।୮

ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ୩ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୧-୦ରେ ଅଗ୍ରଣୀଲାଭ କରିଛି। ୨୭୭ ରନ ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଇଂଲଣ୍ଡ ୧୧୭ ରନରେ ୫ ଉଇକେଟ ହରାଇଥିଲେ ହେଁ ଜୋସ ବଟଲର ଓ କ୍ରିସ୍ ୱୋକ୍ସ ୬ଷ୍ଠ ଉଇକେଟ ଭାଗୀଦାରିରେ ୧୩୯ ରନ ଯୋଗକରି ଦଳର ବିଜୟକୁ ସହଜ କରି ଦେଇଥିଲେ। ୧୨୦ ବଲ୍ ଖେଳି ୧୦ ଚୌକା ସହାୟତାରେ ୮୪ ରନରେ ଅପରାଜିତ ରହିଥିବା ୱୋକ୍ସ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

➲ ପୂର୍ବରୁ ୧୯୯୯ରେ ଶେଷଥରପାଇଁ ଅଷ୍ଟ୍ରେଲିଆ ୪ର୍ଥ ଇନିଂସରେ ୨୫୦ରୁ ଉର୍ଦ୍ଧ୍ୱ ରନ ସ୍କୋର କରି ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇଥିଲା। ସେତେବେଳେ ହୋବାର୍ଟରେ ଅଷ୍ଟ୍ରେଲିଆ ୩୬୯ ରନ କରି ଏହି ସଫଳତା ପାଇଥିଲା। ମାଞ୍ଚେଷ୍ଟରଠାରେ ଇଂଲଣ୍ଡ ୨୭୭ ରନକୁ ସଫଳତାର ସହ ଚେକ୍ କରିଥିଲା। ପାକିସ୍ତାନ ବିପକ୍ଷରେ କୌଣସି ଟେଷ୍ଟ ମ୍ୟାଚର ୪ର୍ଥ ଇନିଂସରେ ଏହା ହେଉଛି ୫ମ ସର୍ବାଧିକ ରନ ଚେଜ୍। ୧୯୯୯ରେ ଅଷ୍ଟ୍ରେଲିଆ ସଫଳତାକୁ ଛାଡ଼ିଦେଲେ ୧୯୯୩-୯୪ରେ ଖ୍ରିଷ୍ଟଚର୍ଚ୍ଚଠାରେ ନ୍ୟୁଜିଲାଣ୍ଡ ୫ ଉଇକେଟ ହରାଇ ୩୨୪, ୧୯୫୭-୫୮ରେ ଜର୍ଜଟାଉନ୍‌ଠାରେ ୱେଷ୍ଟଇଣ୍ଡିଜ ୨ ଉଇକେଟ ହରାଇ ୩୧୭ ଏବଂ ୧୯୮୪-୮୫ରେ ନ୍ୟୁଜିଲାଣ୍ଡ ଡୁନେଡିନ୍‌ଠାରେ ୮ ଉଇକେଟ ହରାଇ ୨୭୮ ରନ ଚେଜ୍ କରିଥିଲା।

➲ ବଟଲର ଓ ୱୋକ୍ସଙ୍କ ୧୩୯ ରନ କୌଣସି ଟେଷ୍ଟର ୪ର୍ଥ ଇନିଂସରେ ଇଂଲଣ୍ଡ ପାଇଁ ୬ଷ୍ଠ ଉଇକେଟରେ ଶ୍ରେଷ୍ଠ ପାର୍ଟନରଶିପ୍। ପୂର୍ବରୁ ୧୯୮୬-୮୭ ଆଶେସ ଟେଷ୍ଟରେ ମାଇକ୍ ଗ୍ୟାଟିଂ ଓ ଜ୍ୟାକ ରିଚାର୍ଡ୍ସ ସିଡ୍‌ନୀଠାରେ ୧୩୧ ରନର ଭାଗୀଦାରି ଗଢ଼ିଥିଲେ। ଓଭରଅଲ୍ ଦେଖିବାକୁ ଗଲେ ପାକିସ୍ତାନ ବିପକ୍ଷରେ ୪ର୍ଥ ଇନିଂସରେ ୬ଷ୍ଠ ଉଇକେଟ ଯୋଡ଼ିରେ ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍। ୧୯୯୯ରେ ହୋବାର୍ଟଠାରେ ଜଷ୍ଟିନ ଲାଙ୍ଗର ଓ ଆଡାମ ଗିଲକ୍ରିଷ୍ଟ ୨୩୮ ରନର ଭାଗୀଦାରି ଗଢ଼ି ଏହି ତାଲିକାର ଶୀର୍ଷରେ ଅଛନ୍ତି।

➲ ୫ମ ଉଇକେଟ ପତନ ପରେ ୧୬୦ ରନ ଯୋଗ କରି ଇଂଲଣ୍ଡ ମାଞ୍ଚେଷ୍ଟରରେ ବିଜୟ ହାସଲ କରିଥିଲା। ପୂର୍ବରୁ ଇଂଲଣ୍ଡ ମାତ୍ର ଥରେ ଏପରି କରି ପାରିଥିଲା। ୧୯୦୨ରେ ଓଭାଲଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୬୩ ରନ ଚେଜ୍ କରୁଥିବାବେଳେ ଦଳ ୪୮ ରନରେ ୫ ଉଇକେଟ ହରାଇଥିଲେ ହେଁ ପରେ ୨୧୫ ରନ କରି ମ୍ୟାଚ ଜିତିଥିଲା।

➲ ବଟଲର ଓ ୱୋକ୍ସଙ୍କ ପାର୍ଟନରଶିପ୍ ୩୩ ଓଭର ତିଷ୍ଠିଥିଲା। ଏହି ପର୍ଯ୍ୟାୟରେ ପାକିସ୍ତାନ ଗୋଟିଏ ହେଲେ ମେଡେନ ଓଭର ପାଇ ନ ଥିଲା। ୧୩୯ ରନର ପାର୍ଟନରଶିପ୍ ମଧ୍ୟରେ ଦୁହେଁ ୧୩ ଚୌକା ଓ ୧ ଛକା ମାରିଥିଲେ।

➲ ୧୦୦ରୁ ଉର୍ଦ୍ଧ୍ୱ ପ୍ରଥମ ଇନିଂସ ଅଗ୍ରଣୀ ସତ୍ତ୍ୱେ ପାକିସ୍ତାନ ୭ମ ଥରପାଇଁ ଏକ ଟେଷ୍ଟ ମ୍ୟାଚ ହାତଛଡ଼ା କରିଛି। ଏ ପରିସ୍ଥିତିରେ କେବଳ ଇଂଲଣ୍ଡ ୩ ଥର ପାକିସ୍ତାନକୁ ପରାସ୍ତ କରିଛି। ପୂର୍ବରୁ ୨୦୦୬ ଓ ୨୦୧୬ରେ ପ୍ରଥମ ଇନିଂସରେ ୧୦୦ରୁ ଉର୍ଦ୍ଧ୍ୱ ରନରେ ପଛୁଆ ରହିଥିଲେ ହେଁ ଇଂଲଣ୍ଡ ବିଜୟ ହାସଲ କରିଥିଲା।

➲ କ୍ୟାରିୟରରେ ୩୮ଟି ଟେଷ୍ଟ ଖେଳିଥିବା ୱୋକ୍ସଙ୍କ ପାଇଁ ୮୪* ରନ ଦ୍ୱିତୀୟ ସର୍ବାଧିକ ସ୍କୋର। ଭାରତ ବିପକ୍ଷରେ ଲର୍ଡ୍ସଠାରେ ସେ ସର୍ବାଧିକ ୧୩୭* ରନ ସ୍କୋର କରିଥିଲେ। ଏହି ଦୁଇ ଇନିଂସ ମଧ୍ୟରେ ୱୋକ୍ସ ୧୭ଟି ଇନିଂସ ଖେଳିଥିଲେ ହେଁ ୧୨.୩୧ ହାରରେ ମାତ୍ର ୧୯୭ ରନ କରିବାକୁ ସକ୍ଷମ ହୋଇଥିଲେ।

➲ ପାକିସ୍ତାନ ଅନେକ ସମୟରେ ୟୁଏଇରେ ଘରୋଇ ଟେଷ୍ଟ ଖେଳିଛି। ତେଣୁ ୟୁଏଇକୁ ଛାଡ଼ିଦେଲେ ବାହାର ପରିବେଶରେ ପାକିସ୍ତାନର ଏହା କ୍ରମାଗତ ୭ମ ଟେଷ୍ଟ ପରାଜୟ। ଶେଷଥରପାଇଁ ଏହି ଦଳ ୨୦୧୮ରେ ଲର୍ଡ୍ସଠାରେ ଇଂଲଣ୍ଡକୁ ୯ ଉଇକେଟରେ ପରାସ୍ତ କରିଥିଲା।



ମାଞ୍ଚେଷ୍ଟରଠାରେ ଇଂଲଣ୍ଡକୁ ବିଜୟୀ କରାଇବା ପରେ କ୍ରିସ୍ ୱୋକ୍ସଙ୍କ ପ୍ରତିକ୍ରିୟା।

# ନଭେମ୍ବର ୧୯ରୁ ଘରୋଇ କ୍ରିକେଟ ସିଜନ

ନୂଆଦିଲ୍ଲୀ, ୯।୮ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୟେଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ସହ ଚଳିତ ବର୍ଷର ଘରୋଇ କ୍ରିକେଟ ସିଜନ ନଭେମ୍ବର ୧୯ରୁ ଆରମ୍ଭ କରିବା ଲାଗି ଯୋଜନା କରିଛି। କିନ୍ତୁ କ୍ୱାରାଣ୍ଟାଇନ୍ ପ୍ରୋଟୋକଲ ଯୋଗୁ ବିଭିନ୍ନ ଆଇପିଏଲ୍ ଟିମ୍‌ରେ ଖେଳୁଥିବା ଭାରତୀୟ ଖେଳାଳିମାନେ ଟୁର୍ନାମେଣ୍ଟର ପ୍ରଥମ କିଛି ରାଉଣ୍ଡ ଖେଳିପାରିବେ ନାହିଁ। କୋଭିଡ୍-୧୯ ମହାମାରୀ ଯୋଗୁ ଏଥର ଘରୋଇ ସିଜନ ଆରମ୍ଭରେ ବିଳମ୍ବ ଘଟିଛି। ତେଣୁ କେବଳ ମୁସ୍ତାକ ଅଲୀ ଟ୍ରଫି ଏବଂ ରଣଜୀ ଟ୍ରଫି (ଡିସେମ୍ବର ୧୩ରୁ ମାର୍ଚ୍ଚ ୧୦) ଖେଳାଯାଇ ପାରିବ। ଏଥିରେ ମୋଟ ୨୪୫ ଗେମ୍ (୩୮ଟି ଦଳକୁ ନେଇ ସମସ୍ତ ଫର୍ମାଟ) ଖେଳାଯିବ। ଚଳିତ ବର୍ଷ ବିଜୟ ହଜାରେ ଟ୍ରଫି, ଦୁଲୀପ ଟ୍ରଫି କିମ୍ବା ଚ୍ୟାଲେଞ୍ଜର ଟ୍ରଫି ଆୟୋଜନ ହେବ ନାହିଁ। ଇରାନୀ କପ୍‌ର ମଧ୍ୟ ବ୍ୟବସ୍ଥା ନାହିଁ। ଏହି ପ୍ରସ୍ତାବ ସଭାପତି ସୌରଭ ଗାଙ୍ଗୁଲି ଏବଂ ସମ୍ପାଦକ ଜୟ ଶାହାଙ୍କ ଅନୁମୋଦନ ପାଇଁ ଯାଇଛି ବୋଲି ବିସିସିଆଇର ଜଣେ ବରିଷ୍ଠ ପଦାଧିକାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଭାରତ ଫେରିବା ପରେ ୟୁଏଇରେ ଆଇପିଏଲ ଖେଳିବାକୁ ଥିବା ଖେଳାଳିମାନଙ୍କୁ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ। ଅନ୍ୟପକ୍ଷରେ ବିସିସିଆଇ ପରବର୍ତ୍ତୀ ଆଇପିଏଲ ଭାରତରେ କରିବା ଲାଗି ଆଶା ରଖିଛି। ଏହା ଆସନ୍ତା ବର୍ଷ ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ଭାଗରେ ଆରମ୍ଭ ହେବ। ରଣଜୀ ଟ୍ରଫି ଫାଇନାଲ ଏବଂ ଆଇପିଏଲ୍ ଆରମ୍ଭ ମଧ୍ୟରେ ୩ ସପ୍ତାହ ଫାଙ୍କା ରହିବ। ଫଳରେ ଘରୋଇ ଷ୍ଟାର ଖେଳାଳିମାନେ ଟୁର୍ନାମେଣ୍ଟ ପରେ କ୍ଳାନ୍ତି ମେଣ୍ଟାଇବା ଲାଗି ଯଥେଷ୍ଟ ସମୟ ପାଇବେ। ରଣଜୀ ଟ୍ରଫି ଜୋନାଲ ଫର୍ମାଟକୁ ଫେରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିସିସିଆଇ କର୍ମକର୍ତ୍ତା ଜଣକ କିନ୍ତୁ ତାହାର ଖଣ୍ଡନ କରିଛନ୍ତି। ଗ୍ରୁପ୍ ଲିଗ୍ ଫର୍ମାଟ ଚାଲୁ ରହିବ। ଏଥିରେ ପରିବର୍ତ୍ତନ କରାଯିବାର ପ୍ରଶ୍ନ ଉଠୁ ନାହିଁ ବୋଲି ସେ କହିଛନ୍ତି। ଗତ ଦୁଇବର୍ଷ ହେଲା 'ଏ' ଓ 'ବି' ଗ୍ରୁପ୍‌ରୁ ଅଧିକ ପଏଣ୍ଟ ଅର୍ଜନ କରିଥିବା ୫ଟି ଦଳ କ୍ୱାଲିଫାଏ କରୁଥିଲେ। କିନ୍ତୁ ଚଳିତ ବର୍ଷ ଏ', 'ବି' ଓ ସି' ଗ୍ରୁପ୍‌ରୁ ଦୁଇଟି ଲେଖାଏ ଦଳ କ୍ୱାର୍ଟରଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବେ। ପ୍ରତିଟି ଗ୍ରୁପ୍‌ରେ ୮ଟି ଲେଖାଏଁ ଦଳ ସ୍ଥାନ ପାଇବେ। ୭ମ କ୍ୱାର୍ଟରଫାଇନାଲିଷ୍ଟ ତିନୋଟି ଗ୍ରୁପ୍‌ରେ ଶ୍ରେଷ୍ଠ ତୃତୀୟ ଦଳ ହେବ। ଗ୍ରୁପ୍ ଡି' (ଦୁର୍ବଳ ଏବଂ ନିମ୍ନ ପାହ୍ୟାକୁ ଖସିଥିବା ଦଳଗୁଡ଼ିକ) ଓ ଇ' (ଉତ୍ତର-ପୂର୍ବାଞ୍ଚଳ ଟିମ୍‌ଗୁଡ଼ିକ)ର ଚାମ୍ପିୟନ ଦଳ ମଧ୍ୟରେ ହେବାକୁଥିବା ପ୍ଲେଅଫ୍ ଗେମ୍‌ର ବିଜେତା ୮ମ ଦଳ ଭାବେ କ୍ୱାର୍ଟରଫାଇନାଲ ଖେଳିବ।

# ଟ୍ରେନିଂ ଆରମ୍ଭ କଲେ ସାଇନା



ସାଇନା ନେହ୍ୱାଲ

**ନୂଆଦିଲ୍ଲୀ,୯।୮(ପି.ଟି.):** ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ନେହ୍ୱାଲ ଦୀର୍ଘଦିନ ପରେ ପୁଣି ଟ୍ରେନିଂ ଆରମ୍ଭ କରିଛନ୍ତି। ହାଇଦ୍ରାବାଦ୍‌ର ଏକ ସ୍ୱତନ୍ତ୍ର ସ୍ଥାନରେ ସେ ଅଭ୍ୟାସ ଆରମ୍ଭ କରିଛନ୍ତି। କରୋନା ଭାଇରସ ସଂକ୍ରମଣ କାରଣରୁ କିଛି ମାସ ହେବ କ୍ରୀଡ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ତେବେ ଆଗାମୀ କେତେ ସପ୍ତାହ ପରେ ସେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଜାତୀୟ କ୍ୟାମ୍ପରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସମ୍ଭାବନା ରଖୁଥିବା ୮ଜଣ ଖେଳାଳିଙ୍କ ମଧ୍ୟରେ ସାଇନା ଅନ୍ୟତମ। ସାଇନାଙ୍କୁ ଗୋପୀଚାନ୍ଦ ଏକାଡେମୀରେ ଟ୍ରେନିଂ ଆରମ୍ଭ କରିବାକୁ ସାଇ ଅନୁମତି ଦେଇଛି। ତେଲଙ୍ଗାନା ସରକାର ମଧ୍ୟ ଅଗଷ୍ଟ ୧ ତାରିଖରେ ଟ୍ରେନିଂ ପାଇଁ ଅନୁମତି ଦେଇଛନ୍ତି। ୭ ତାରିଖରୁ ଏହି ଏକାଡେମୀରେ ଟ୍ରେନିଂ ଆରମ୍ଭ ହୋଇଛି। ସାଇନାଙ୍କ ସ୍ୱାମୀ ତଥା ଅନ୍ୟତମ ବ୍ୟାଡମିଣ୍ଟନ ତାରକା ପାରୁପାଲ୍ଲୀ କାଶ୍ୟପ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ୍ ପଦକ ବିଜେତା ଆର.ଏମ୍.ଭି. ଗୁରୁସାଇଦତ୍ତଙ୍କ ସହ ଗୋପୀଚାନ୍ଦ ଏକାଡେମୀ ନିକଟସ୍ଥ ବିଭିନ୍ନ ସେଣ୍ଟରରେ ଅଭ୍ୟାସ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ସ୍ପୋନ୍ସରଶିପ୍ ବାତିଲ ଘଟଣାକୁ ମାମୁଲି କହିଲେ ଗାଙ୍ଗୁଲି

**ନୂଆଦିଲ୍ଲୀ,୯।୮(ପି.ଟି.):** ଚାଇନା ମୋବାଇଲ କମ୍ପାନୀ ଭିଭୋ ସହ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ସ୍ପୋନ୍ସରଶିପ୍ ବାତିଲ ଘଟଣା ନେଇ ମୁହଁ ଖୋଲିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି। ଏହା ଏକ ନିହାତି ମାମୁଲି ଝଟ୍‌କା। ଏହା ଦ୍ୱାରା ଆର୍ଥିକ ସଙ୍କଟ ସୃଷ୍ଟି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ହାତରେ ଆଉ ମାତ୍ର ଅଳ୍ପ ଦିନ ରହିଥିବା ବେଳେ ବିସିସିଆଇ ଓ ଭିଭୋ ଗତ ଗୁରୁବାର ଟାଇଟଲ ସ୍ପୋନ୍ସରଶିପ୍ ନେଇ ହୋଇଥିବା ଚୁକ୍ତିକୁ ସହମତିରେ ବାତିଲ କରିଥିଲେ। ତେବେ ଏହା ଦ୍ୱାରା ସେଭଳି କିଛି ଫରକ ପଡିବ ନାହିଁ ବୋଲି ସେ କହିଛନ୍ତି। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଭିଭୋ ୨୧୯୦ କୋଟି ଟଙ୍କା ବିନିମୟରେ ଆଇପିଏଲ ଟାଇଟଲ ସ୍ପୋନ୍ସରଶିପ୍ ରାଇଟ୍ ହାସଲ କରିଥିଲା। ବର୍ଷକୁ ପାଖାପାଖି ୪୪୦ କୋଟି ଟଙ୍କା ଭିଭୋ ପ୍ରଦାନ କରୁଥିଲା। ଏହି ଅର୍ଥର ଅଧା ପ୍ରାଞ୍ଚାଇଜ୍‌ମାନେ ସମାନଭାବେ ବାଣ୍ଟି କରି ନେଉଥିଲେ। ତେଣୁ ଏହାକୁ ଏକ ବଡ଼ ଆର୍ଥିକ କ୍ଷତି ବୋଲି କହିବି ନାହିଁ। ଏହା ଏକ ମାମୁଲ ଝଟ୍‌କା ବୋଲି ଗାଙ୍ଗୁଲି ଶିକ୍ଷା ପୁସ୍ତକ ପ୍ରକାଶକ ଏସ୍. ଚାନ୍ଦ ଗ୍ରୁପ୍‌ର ଏକ ୱେବିନାରରେ ଅଂଶଗ୍ରହଣ କରିବା ଅବସରରେ କହିଛନ୍ତି। ବିସିସିଆଇ ଏକ ଶକ୍ତିଶାଳୀ ତଥା ଦୃଢ଼ ଅନୁଷ୍ଠାନ। କ୍ରିକେଟ, ଖେଳାଳି, ପ୍ରଶାସକମାନେ ଏହାକୁ ଦୃଢ଼ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ଏଭଳି ମାମୁଲି ଝଟ୍‌କୁ ବିସିସିଆଇ ଅତି ସହଜରେ ସମ୍ଭାଳିବାର କ୍ଷମତା ରଖୁଛି। ଏଭଳି ପରିସ୍ଥିତି ପାଇଁ ବିସିସିଆଇ ସବୁବେଳେ ପ୍ଲାନ ବି' ଅର୍ଥାତ୍ ବିକଳ୍ପ ସମାଧାନ ପନ୍ଥା ରଖିଥାଏ ବୋଲି ସେ କହିଛନ୍ତି।



ସୌରଭ ଗାଙ୍ଗୁଲି



ଲୋକଙ୍କୁ ସଚେତନ କରିବା ନେଇ ପୁଣେ ପୋଲିସ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉପାୟ ଆପଣେଇ ଚର୍ଚ୍ଚାରେ ରହିଆସିଛି। ଏବେ କରୋନା ଭାଇରସ୍ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ପୋଲିସ ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀମାନଙ୍କୁ ସମ୍ମାନ ଜଣାଇଛି। ଏଥିପାଇଁ ପୋଲିସ ସୋସିଆଲ ମିଡିଆର ସାହାରା ନେଇଛି। ମହାରାଷ୍ଟ୍ର ପୋଲିସ ସ୍ୱାସ୍ଥ୍ୟକର୍ମୀ ଏବଂ ସଫେଇ କର୍ମଚାରୀମାନଙ୍କୁ କୋଭିଡ୍ ଯୋଦ୍ଧାର ସମ୍ମାନ ଦେଇ ସେମାନଙ୍କୁ ସାଲ୍ୟୁଟ୍ କରିଛି। ଏହି ସାଲ୍ୟୁଟ୍ କରିବାର ଫଟୋକୁ କ୍ୟାପଶନ ସହିତ ସୋସିଆଲ ମିଡିଆରେ ଶେୟାର କରିଛି।

# ପ୍ରାଚୀନ ଆନାସ୍ଥେସିଆ 'ସମ୍ମୋହନ'

'ସମ୍ମୋହନ' ବା ହିପ୍ନୋଟିଜମ୍। ଅର୍ଦ୍ଧଚେତନ ଅବସ୍ଥାରେ ଶରୀର ଏବଂ ମସ୍ତିଷ୍କକୁ ନିୟନ୍ତ୍ରଣକୁ ଆଣିବାର କଳା ହିଁ ସମ୍ମୋହନ ବା ବଶୀକରଣ। ଏହା ଥିଲା ପ୍ରାଚୀନ ଚିକିତ୍ସା ବିଜ୍ଞାନର ଆନାସ୍ଥେସିଆ। ରୋଗୀଙ୍କ ଯନ୍ତ୍ରଣା ହ୍ରାସ କରିବା ଲାଗି ଏହା ପାଲଟିଥିଲା ସେତେବେଳର ସଞ୍ଜୀବନୀ। ମନୁସଂହିତାରେ ଏହାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ସେହିପରି ଇଜିପ୍ଟ ଏବଂ ଗ୍ରୀସ୍‌ରେ 'ସମ୍ମୋହନ'ର ଠିକଣା ପ୍ରୟୋଗ ଲାଗି ପ୍ରତିଷ୍ଠା କରାଯାଇଥିଲା 'ହିପ୍ନୋଟିଜମ୍ ଟେମ୍ପଲ'।

**ନୂଆଦିଲ୍ଲୀ:** ଜର୍ମାନୀର ଏକଛତ୍ରବାଦୀ ଶାସକ ହିଟ୍‌ଲର ଏବଂ ହିପ୍ନୋଟିଜମ୍‌କୁ ନେଇ ଏକ କଥା ଶୁଣିବାକୁ ମିଳେ। ସମ୍ମୋହନର ଶିକାର ହେବା ପରେ ସେ ନରସଂହାର ରଚିଥିବା ଅନେକେ ମତ ଦିଅନ୍ତି। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲର ଏକାଧିକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥିଲେ। ସେଥିମଧ୍ୟରୁ ଗୋଟିଏ ଥିଲା 'ହିଷ୍ଟିରିୟଲ ବ୍ଲାଇଣ୍ଡନେସ୍'। ଚିକିତ୍ସା ସମୟରେ ହିଟ୍‌ଲର ଆସିଥିଲେ ଏଡ୍‌ମଣ୍ଡ ଫ୍ରଷ୍ଟରଙ୍କ ସଂସ୍ପର୍ଶରେ, ଯିଏ ଥିଲେ ଜଣେ ସମ୍ମୋହନକାରୀ। ଚିକିତ୍ସା ସମୟରେ ହିଟ୍‌ଲରଙ୍କ ଭିତରେ ପରିବର୍ତ୍ତନ ଦେଖାଦେଲା। ତାଙ୍କର ଅନୁଭବ ହେଲା ସେ ହିଁ ଜର୍ମାନୀକୁ ଆଗକୁ ନେଇପାରିବେ। ଏହା ପରେ ଯାହା ଘଟିଲା ତାହା ପାଲଟିଗଲା ଇତିହାସ। ବିଶ୍ୱବିଜୟୀ ହେବାର ଅଭିଳାଷ ହିଟ୍‌ଲରଙ୍କୁ କ୍ରୁର ଶାସକରେ ପରିଣତ କରିଦେଇଥିଲା। ହେଲେ ସମ୍ମୋହନ ବିଦ୍ୟାର ଏପରି କୁପରିଣାମ ଦେଖିବା ପରେ ଆତ୍ମଗ୍ଲାନିରେ ଆତ୍ମହତ୍ୟା କରିଥିଲେ ଡାକ୍ତର ଏଡ୍‌ମଣ୍ଡ। ସମ୍ମୋହନ ବିଦ୍ୟାକୁ ନେଇ ମନୋବିଜ୍ଞାନୀ, ଚିକିତ୍ସା ବିଜ୍ଞାନୀ, ଧର୍ମଗୁରୁଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖିବାକୁ ମିଳେ। ଏହାକୁ ଇଂଲିଶରେ ହିପ୍ନୋସିସି ବା ହିପ୍ନୋଟିଜମ୍ କୁହାଯାଏ। ଆମେରିକାନ ସାଇକୋଲୋଜିକାଲ ଆସୋସିଏଶନ ଅନୁଯାୟୀ, ସମ୍ମୋହନ ମସ୍ତିଷ୍କର ସେହି ଅବସ୍ଥା ; ଯଦ୍ୱାରା ମସ୍ତଷ୍କର ଧ୍ୟାନ ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ହୋଇଥାଏ। ମଣିଷର କଳ୍ପନା ଶକ୍ତି ଶୀର୍ଷରେ ପହଞ୍ଚିବା ସହ ବୁଦ୍ଧି ତୀବ୍ରଗତିରେ କାର୍ଯ୍ୟ କରେ।



ଏହାର ପ୍ରୟୋଗ କରାଯାଇଥିବା ବ୍ୟକ୍ତିଜଣକ କିନ୍ତୁ ସମ୍ମୋହନକାରୀଙ୍କ ସବୁ କଥାରେ ରାଜି ହୋଇଯାଇଥାନ୍ତି। ସମ୍ମୋହନ ନିଦ ସହିତ ସମ୍ପର୍କିତ। ଏହି ବିଦ୍ୟା ପ୍ରୟୋଗ କରୁଥିବା ବ୍ୟକ୍ତିଜଣକ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ସାମାନ୍ୟତମ ସତର୍କ ନ ଥାନ୍ତି। ତେବେ ନିଦ ଏବଂ ସମ୍ମୋହନ ମଧ୍ୟରେ ଫରକ୍ ଅଛି। ନିଦ୍ରିତ ଅବସ୍ଥାରେ ଅବଚେତନ ମନ ହୁଏତ ସାମାନ୍ୟ ପ୍ରତିକ୍ରିୟା ଦେଖାଇପାରେ, ହେଲେ ସମ୍ମୋହନରେ ବାହ୍ୟ ନିର୍ଦ୍ଦେଶ ଏବଂ ଶବ୍ଦକୁ ନେଇ ମସ୍ତିଷ୍କ ଅତ୍ୟଧିକ ସତର୍କ ହୋଇଯାଏ। ହାଇପ୍ନୋସିସ୍‌ରେ ଆମେ ଦୁନିଆକୁ ଏକ ଛିଦ୍ର ମଧ୍ୟରେ ଦେଖୁ। ଏହି ଜଟିଳ ପ୍ରକ୍ରିୟାକୁ ବୁଝିବା ପାଇଁ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ବ୍ୟବହାରିକ ବିଜ୍ଞାନ ବିଭାଗର ପ୍ରଫେସର ଡା. ଡେଭିଡ୍ ସ୍ପାଇଜେଲ୍ ଏମ୍‌ଆର୍‌ଆଇ ଏବଂ ଇମେଜିଂ ଟେକ୍‌ନିକ୍‌ର ଉପଯୋଗ କରିଥିଲେ। ଏହାକୁ ବିଭିନ୍ନ ବ୍ୟକ୍ତିଙ୍କ ଉପରେ ପୃଥକ୍ ସମୟରେ ପ୍ରୟୋଗ କରାଯାଇଥିଲା। ହିପ୍ନୋସିସ୍‌ର ପ୍ରୟୋଗ ସମୟରେ ମସ୍ତିଷ୍କର ଏକ ସମ୍ବେଦନଶୀଳ ଅଂଶ 'ପ୍ରିଫ୍ରଣ୍ଟାଲ କର୍ଟେକ୍ସ' ଅଧିକ ସକ୍ରିୟ ହୋଇଯାଏ। 'ପ୍ରିଫ୍ରଣ୍ଟାଲ କର୍ଟେକ୍ସ' ବ୍ୟକ୍ତିତ୍ୱର ପରିପ୍ରକାଶ, ବ୍ୟବହାର, ନିଷ୍ପତ୍ତି ନେବା ଭଳି କାର୍ଯ୍ୟ ସହିତ ଜଡ଼ିତ। ସାଧାରଣ ଅବସ୍ଥାରେ ଏହା ସେତେ ସକ୍ରିୟ ନ ଥାଏ। ହିପ୍ନୋସିସ୍ ସମୟରେ ଏହା ସକ୍ରିୟ ହୋଇଗଲେ ମନୁଷ୍ୟ ଜଟିଳ କାମକୁ ଅତି ସହଜ ଏବଂ ଅତି ଭଲ ଭାବେ କରିପାରେ। ମନୋବିଜ୍ଞାନୀଙ୍କ ମତରେ ମଣିଷର ମସ୍ତିଷ୍କ ୩ ଅବସ୍ଥାରେ ଥାଏ। ଚେତନ, ଅର୍ଦ୍ଧଚେତନ ଏବଂ ଅବଚେତନ। ଚେତନ ଅବସ୍ଥାରେ ଆମେ ବାହ୍ୟ କ୍ରିୟାକଳାପ ପ୍ରତି ସତର୍କ ଥାଉ। ଅର୍ଦ୍ଧଚେତନ ଅବସ୍ଥାରେ ମନୁଷ୍ୟ ସମ୍ପୂର୍ଣ୍ଣ ଚେତନା ଶକ୍ତି ହରାଏ ନାହିଁ। ଏହି ସମୟରେ ବାହ୍ୟ କାର୍ଯ୍ୟକଳାପର କିଛି କିଛି କଥା ମନେପଡ଼େ। ଅବଚେତନକୁ ମୂର୍ଚ୍ଛିତ ଅବସ୍ଥା କୁହାଯାଏ। ତେବେ ଅର୍ଦ୍ଧଚେତନ ଅବସ୍ଥାରେ ହିପ୍ନୋସିସ୍‌ର ପ୍ରୟୋଗ ବେଶି ସଫଳ ହୋଇଥାଏ।

## ଭାରତର ପୁରାତନ ବିଦ୍ୟା

ସମ୍ମୋହନ ବିଦ୍ୟା ଏକ ପ୍ରାଚୀନ ବିଦ୍ୟା। ପଞ୍ଚଦଶ ଶତାବ୍ଦୀରେ ସୁଇଜରଲାଣ୍ଡର ଚିକିତ୍ସକ ପାରାସେଲସସ୍ ଏହାର ପ୍ରୟୋଗ କରୁଥିଲେ। ଆନାସ୍ଥେସିଆ ଚିକିତ୍ସା ସୁବିଧା ନ ଥିବାରୁ ରୋଗୀଙ୍କ ଯନ୍ତ୍ରଣା ହ୍ରାସ କରିବା ଲାଗି ଏହାର ଉପଯୋଗ କରାଯାଉଥିଲା। ବିଶେଷ କରି ସଂକ୍ରମିତ ହୋଇଥିବା ହାତ, ଗୋଡ଼ କଟାଯିବା ସମୟରେ ଏହା ସାଜିଥିଲା ପେନ୍ ମ୍ୟାନେଜମେଣ୍ଟ ବା ଯନ୍ତ୍ରଣା ଉପଶମ ପ୍ରକ୍ରିୟା। ଭାରତର ମନୁସଂହିତାରେ ମଧ୍ୟ ଏହାର ପ୍ରୟୋଗ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହାର ଅନ୍ୟନାମ 'ପ୍ରାଣ ବିଦ୍ୟା' ବା 'ତ୍ରିକାଳ ବିଦ୍ୟା'। ସମ୍ମୋହନକୁ ଜନମାନସରେ ପରିଚିତ କରାଇବାକୁ ଇଜିପ୍ଟ ଏବଂ ଗ୍ରୀସ୍‌ରେ ସ୍ୱତନ୍ତ୍ର ଭାବେ ମନ୍ଦିର ଗଢ଼ା ଯାଇଥିଲା। ଏଥିରୁ ସମ୍ମୋହନ ବିଦ୍ୟାର ପ୍ରାଚୀନତା ଜଣାପଡ଼େ। ହିପ୍ନୋସିସ୍ ଗ୍ରୀକ୍ ଭାଷାରୁ ଆସିଛି, ଯାହାର ଅର୍ଥ ଶୋଇବା। ୧୮୪୦ରେ ଜେମ୍‌ସ ବ୍ରାଇଡ୍ ଅର୍ଦ୍ଧଚେତନ ମନକୁ ଏକାଗ୍ର କରିବା ଲାଗି ଏହାର ପ୍ରୟୋଗ କରି ଚର୍ଚ୍ଚାକୁ ଆସିଥିଲେ।

ଜନ୍ମବାର୍ଷିକ ଶୁଭେଚ୍ଛା



ଦେବୀ ପ୍ରସାଦ ରଥ
ରାମେଶ୍ୱର, ଖୋର୍ଦ୍ଧା
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ମାଆ, ଲୁଡୁ, ଶୁଭେନ୍ଦୁ ଭାଇ ଓ ସାଗରିକା ଦିଦି ଓ ପ୍ରଭାତ ଭାଇ।
ଧ-୬୮୮୩୦

10th Birthday Wish



MD Imran (Sohel)
Meena Bazar, Dhenkanal
Wish u Happy Birthday
-:From:-
Family, Friends & Relatives.
D-66875

## ଓଡ଼ିଶାର କଳାକୃତି ଅନନ୍ୟ: ଦୀପିକା ସିଂ



ଦୀପିକା ସିଂ

**ମୁମ୍ବାଇ:** ଟେଲି ଅଭିନେତ୍ରୀ ଦୀପିକା ସିଂ ଟେଲି ଜଗତରେ ବେଶ୍ ସଫଳ। 'ଦୀୟା ଔର ବାତୀ ହମ୍' ସିରିୟଲରେ ଦୀପିକା ଲିଡ୍ ରୋଲ୍‌ରେ ନଜର ଆସିଥିଲେ। ଏହି ସିରିୟଲ କରି ସେ ଘରେ ଘରେ ପରିଚିତ ହୋଇପାରିଥିଲେ। ଲୋକେ ତାଙ୍କର ଏହି କ୍ୟାରେକ୍ଟରକୁ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଘରେ ଘରେ ସନ୍ଧ୍ୟା ବିନ୍ଦାନି ନାମରେ ସେ ପରିଚିତ। ତାଙ୍କର ଏହି ସିରିୟଲରୁ ସମାଜକୁ ଏକ ଭଲ ଶିକ୍ଷା ମଧ୍ୟ ମିଳିଥିଲା। ଘରେ ଭଲ ବୋହୂ ହେବା ସହ ସେ ଜଣେ ଆଇପିଏସ୍ ଅଫିସର ମଧ୍ୟ ଥିଲେ। ଏହାପରଠୁ ସେ ବହୁତ ଲୋକପ୍ରିୟ ଓ ଫ୍ୟାନଙ୍କ ସହ କଣ୍ଟାକ୍ଟରେ ଅଛନ୍ତି। ସେ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ। ନିକଟରେ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଏହି ଭିଡିଓରେ ଦୀପିକା ଆୟୁଷ୍ମାନ ଖୁରାନାଙ୍କ ଗୀତରେ ଓଡ଼ିଶୀ ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳୁଛି। ଆପଣଙ୍କୁ ଜଣାଇବାକୁ ଚାହିଁବୁ ଯେ ଦୀପିକାଙ୍କର ଏହି ଭିଡିଓକୁ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଆଉ ସେ ଏହି ଶାଢ଼ିକୁ ଓଡ଼ିଶାରୁ କିଣିଥିବା ମଧ୍ୟ କ୍ୟାପ୍‌ଶନରେ ଲେଖିଛନ୍ତି। ଏହି ଭାଇରାଲ ହେଉଥିବା ଭିଡିଓରେ ଦୀପିକା ଶାଢ଼ି ପିନ୍ଧିଥିବା ଦେଖିବାକୁ ମିଳୁଛି। ଆଉ ସମୁଦ୍ର କୂଳରେ ଡ୍ୟାନ୍ସ କରୁଥିବା ନଜର ଆସୁଛନ୍ତି। ଦୀପିକାଙ୍କର ଏହି ଭିଡିଓକୁ ସୋସିଆଲ ମିଡିଆରେ ଲୋକମାନେ ଖୁବ୍ ପସନ୍ଦ କରୁଛନ୍ତି। ଭିଡିଓଟି ଶେୟାର ହେବାର ମାତ୍ର କିଛି ଘଣ୍ଟା ଭିତରେ ଖୁବ୍ ଭାଇରାଲ ହୋଇଥିଲା। ଓଡ଼ିଶାର ଶାଢ଼ିକୁ ସେ ବେଶ୍ ପ୍ରଶଂସା ମଧ୍ୟ କରିଛନ୍ତି। ଓଡ଼ିଶାର କାରୁକାର୍ଯ୍ୟର ତୁଳନା ନାହିଁ। ମୁଁ ଏହି ଶାଢ଼ି ପିନ୍ଧିଥିବାରୁ ବେଶ୍ ଗର୍ବିତ। ସେ ଆଉ ମଧ୍ୟ କହିଛନ୍ତି ଯେ, ଏହି କୋଭିଡ୍ ସମୟରେ ଛୋଟ ଛୋଟ କାରିଗରମାନଙ୍କୁ ଆମର ସହାୟତା କରିବା ଓ ସେମାନଙ୍କ ଜିନିଷ କିଣିବା ଦରକାର। ସେ ଫ୍ୟାନ୍‌ମାନଙ୍କୁ କହିଛନ୍ତି ପ୍ଲିଜ୍ ଗାଏଜ୍ 'ଭୋକାଲ ଫର୍ ଲୋକାଲ'। ଏପରି କଲେ ଆମ ଦେଶ ଉପରକୁ ଉଠିପାରିବ।

## ମହିଳା, ପୁରୁଷଙ୍କର ସମାନ ପୋଷାକ

ବିଶ୍ୱରେ ଅନେକ ଦେଶ ରହିଛି। ପ୍ରତ୍ୟେକ ଦେଶ ନିଜର ସ୍ୱତନ୍ତ୍ର ପରିଚୟ ପାଇଁ ଜଣାଶୁଣା। ଅନେକ ଦେଶ ସେମାନଙ୍କ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ଅନେକ ଦେଶର ଅନନ୍ୟ ସଂସ୍କୃତି ଏବଂ ଏହାର ନାଗରିକଙ୍କ ଜୀବନ, ଜୀବିକା ଏବଂ ଚଳଣି ଏହାକୁ ସ୍ୱତନ୍ତ୍ର କରିଥାଏ। ସେହିଭଳି ଏକ ଦେଶ ହେଉଛି ମାଡାଗାସ୍କର। ଯାହା ବିଶ୍ୱର ଚତୁର୍ଥ ବୃହତ୍ତମ ଦ୍ୱୀପ ଅଟେ। ଏହି ଦେଶରେ ଏକ ଅନନ୍ୟ ପରମ୍ପରା ରହିଛି। ମାଡାଗାସ୍କରର ମହିଳା ଏବଂ ପୁରୁଷ ଏକାପ୍ରକାରର ପୋଷାକ ପିନ୍ଧିଥାନ୍ତି। ଏହି ପୋଷାକକୁ ସ୍ଥାନୀୟ ଭାଷାରେ 'ଲାମ୍ବା' କୁହାଯାଏ। ଏପରିକି ମୃତକମାନଙ୍କ କଫିନ୍‌ରେ ମଧ୍ୟ 'ଲାମ୍ବା' ବ୍ୟବହାର କରାଯାଇଥାଏ।

ମାଡାଗାସ୍କରର ସମ୍ପୂର୍ଣ୍ଣ ନାମ ହେଉଛି ରିପବ୍ଲିକ ଅଫ୍ ମାଡାଗାସ୍କର। ଆଫ୍ରିକାର ଦକ୍ଷିଣ ଉପକୂଳ ନିକଟ ଭାରତ ମହାସାଗରରେ ଏକ ଦ୍ୱୀପ ଦେଶ। ଏହି ଦେଶରେ ବସବାସ କରୁଥିବା ଲୋକେ ବ୍ରୁନେଇ ଦ୍ୱୀପରୁ ଆସିଥିଲେ। ଯାହା ବର୍ତ୍ତମାନ ବ୍ରୁନେଇ, ଇଣ୍ଡୋନେସିଆ ଏବଂ ମାଲେସିଆ ମଧ୍ୟରେ ବିଭକ୍ତ।



## ବହି ଦେଖି ବିବାହ ପ୍ରସ୍ତାବ

**ନୂଆଦିଲ୍ଲୀ:** ବହି ପଢ଼ିବାର ମଜା ଯିଏ ଜାଣିଛି, ସେ ହିଁ ତା'ର ଆନନ୍ଦକୁ ବର୍ଣ୍ଣନା କରିପାରିବ। ଏବେ ଆଧୁନିକ ସମୟରେ କମ୍ପ୍ୟୁଟରର ଚାହିଦା ବୃଦ୍ଧି ପାଇଥିଲେ ବି ବହିର ସ୍ୱତନ୍ତ୍ର ପାଠକ ରହିଛନ୍ତି। ସେଥିପାଇଁ ତ ଟୁଇଟରରେ ଜଣଙ୍କ ବହି ସବୁର ଫଟୋ ଦେଖି କେତେଜଣ ତାଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି।

କଥାଟା ଅଜବ ଲାଗୁଥିଲେ ବି ସତ। ଟୁଇଟରରେ ସୌମିକ୍ ନାମକ ଜଣେ ବ୍ୟକ୍ତି ନିଜ ଘରେ ଥିବା ବହି ସବୁର ଫଟୋକୁ ଶେୟାର କରିଥିଲେ। ବହି ପଢ଼ିବାକୁ ସେ ଏତେ ଭଲପାନ୍ତି ଯେ ଘରେ ପ୍ରାୟ ୮ ହଜାରରୁ ଅଧିକ ବହି ରଖିଛନ୍ତି। ବିଭିନ୍ନ ପ୍ରକାର ବହିକୁ ସେ ସୁନ୍ଦର ଭାବରେ ସଜାଇ ଏକ ଲାଇବ୍ରେରୀ କରିଛନ୍ତି। ଟୁଇଟରରେ ଏସବୁ ଫଟୋ ଦେଖି ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ସୌମିକ୍ ତାଙ୍କ ଘର ଲାଇବ୍ରେରୀର ଫଟୋ ଶେୟାର କରିବାର ମାତ୍ର କେଇଘଣ୍ଟା ପରେ ହଜାର ହଜାର ସଂଖ୍ୟାରେ ଲୋକେ ଏହାକୁ ପସନ୍ଦ କରିବା ସହ ଖୁବ୍ କମେଣ୍ଟ କରିଛନ୍ତି। ଜଣେ ବ୍ୟକ୍ତି ଯେ ଏତେ ସଂଖ୍ୟାରେ ବହି ସଂଗ୍ରହ କରିପାରେ ଏହାକୁ ଅନେକେ ବିଶ୍ୱାସ କରିପାରୁ ନ ଥିବାବେଳେ ଅନେକେ ବହିର ଆକର୍ଷଣରେ ସୌମିକ୍‌ଙ୍କ ରୁମ୍‌ମେଟ୍ ହେବା ପାଇଁ ଟୁଇଟରରେ ପ୍ରସ୍ତାବ ଦେଇଛନ୍ତି। ତେବେ ଖାଲି ଏତିକି ନୁହେଁ ଟୁଇଟରରେ ସୌମିକ୍‌ଙ୍କ ସହ ସବୁବେଳେ ରହିବା ପାଇଁ କେତେଜଣ ବିବାହ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ଖାସ୍ ଏହି କାରଣରୁ ଏବେ ସୌମିକ୍‌ଙ୍କ ଲାଇବ୍ରେରୀକୁ ନେଇ ସୋସିଆଲ୍ ମିଡିଆରେ ଜୋରଦାର ଚର୍ଚ୍ଚା ହେଉଛି।



## ତରଳୁଛି ନ୍ୟୁଜିଲାଣ୍ଡ ହିମବାହ

ନ୍ୟୁଜିଲାଣ୍ଡର ଗ୍ଲାସିୟର(ହିମବାହ) ଅଧାରୁ ଅଧିକ ତରଳି ସାରିଲାଣି। ଯେଉଁଠି ଓସ୍କାର ବିଜେତା ହଲିଉଡ୍ ଫିଲ୍ମ 'ଲର୍ଡ୍ ଅଫ୍ ଦ ରିଙ୍ଗ୍‌ସ' ଏବଂ 'ହବିଟ୍' ଶୁଟିଂ ହୋଇଥିଲା ସେହି ଗ୍ଲାସିୟର ନ୍ୟୁଜିଲାଣ୍ଡର ଦକ୍ଷିଣ ଭାଗରେ ଅବସ୍ଥିତ। ବିଶ୍ୱ ତାପନ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାୟ ୭୮ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଏହି ବରଫ ତରଳି ଯାଇଛି।

ଲିଡ୍‌ସ ବିଶ୍ୱବିଦ୍ୟାଳୟର ଏକ ଟିମ୍ କରିଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଗତ ୪୦୦ ବର୍ଷ ମଧ୍ୟରେ ଏଠାରୁ ୬୨ ପ୍ରତିଶତରୁ ଅଧିକ ବରଫ ତରଳି ସାରିଲାଣି। ଏହି ଟିମ୍‌ର ଗବେଷକ ଡ. ଜୋନାଥନ କାରିଭିକ୍ କୁହନ୍ତି, ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଘଟଣା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏହା ନିକଟରେ ଥିବା ଆଣ୍ଟାର୍କଟିକାରୁ ଗତ ୪୦୦ ବର୍ଷ ମଧ୍ୟରେ ୧୧ ପ୍ରତିଶତ ବରଫ ତରଳିଯାଇଛି। ଏହା ସମୁଦ୍ର ପତ୍ତନଠାରୁ ୧୨,୨୧୮ ଫୁଟ ଉଚ୍ଚରେ ରହି ମଧ୍ୟ ବରଫ ତରଳିବାରେ ଲାଗିଛି।

ଜୋନାଥନ୍ କାରିଭିକ୍ କହିଛନ୍ତି, ଆମେ ୩ ଥର ଏହା ଉପରେ ଅଧ୍ୟୟନ କରିସାରିଛୁ। ପ୍ରଥମ ୧୬୦୦ରୁ ୧୯୭୮, ୧୯୭୮ରୁ ୨୦୦୯ ଏବଂ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ। ଯେତେବେଳେ ବୈଜ୍ଞାନିକମାନେ ସେମାନଙ୍କର ତଥ୍ୟ ଦେଲେ ଦେଖାଗଲା ବରଫ ତରଳିବା ଦୁଇଗୁଣ ବଢ଼ିଯାଇଛି। ଗତ ୪୦ ବର୍ଷ ମଧ୍ୟରେ ଏହା ଦ୍ରୁତ ଗତିରେ ତରଳୁଛି।



## କଣ୍ଠସ୍ୱରରୁ ବି ଚିହ୍ନି ହେବ କରୋନା ଆକ୍ରାନ୍ତ

**ମୁମ୍ବାଇ:** ମୁମ୍ବାଇରେ ଲୋକଙ୍କ କଣ୍ଠସ୍ୱରରୁ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯିବ। ଏନେଇ ସ୍ୱତନ୍ତ୍ର ଏଆଇ ସିଷ୍ଟମ୍‌ର ବ୍ୟବହାର ହେବ। ମୁମ୍ବାଇ ମହାନଗର ନିଗମ ପକ୍ଷରୁ ଆସନ୍ତା ସପ୍ତାହ ସୁଦ୍ଧା ଏହି ପ୍ରଣାଳୀରେ ଆକ୍ରାନ୍ତ ଚିହ୍ନଟ କରାଯିବା କାର୍ଯ୍ୟ ଆରମ୍ଭ ହେବ। ଗୁରୁଗାଁରେ ଏହି ପ୍ରଣାଳୀ ଦ୍ୱାରା ୧୦୦୦ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିବା ମ୍ୟୁନିସିପାଲ କମିଶନର ସୁରେଶ କାକାଣୀ ସୂଚନା ଦେଇଛନ୍ତି। ଲୋକଙ୍କୁ ସେଲ୍‌ଫୋନ୍‌ରେ କଥା ହେବାକୁ କୁହାଯିବ। ତାଙ୍କର କଣ୍ଠସ୍ୱର ଏଆଇ ସିଷ୍ଟମ୍ ଯାଞ୍ଚ କରିବ। ଏହାପରେ ମାତ୍ର ୩୦ ସେକେଣ୍ଡରେ ସେମାନଙ୍କୁ କରୋନା ସଂକ୍ରମଣ ହୋଇଛ କି ନାହିଁ ଜଣାପଡ଼ିଯିବ।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଇ. ସନ୍ତୋଷ କୁମାର ସେନାପତି
ପିତା: ଇ. ସୀମାଦ୍ରି ସେନାପତି
ଅଳକାପୁରୀ, ଦଶମ ଲେନ୍, ଇଂଜିନିୟରିଙ୍ଗ ସ୍କୁଲ୍ ପଛପଟ, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୧୫।୦୨।୧୯୭୬
ତିରୋଧାନ: ୩୦।୦୭।୨୦୨୦
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲଭୁ।
:ଶ୍ରଦ୍ଧାଞ୍ଜଳି ସହ:
ପରିବାର, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ସହକର୍ମୀ ବୃନ୍ଦ।
ଧ-୧୭୯୧୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ରଜଳସେଚନ ବିଭାଗ, ଭୁବନେଶ୍ୱର, ଓଡ଼ିଶା ସରକାର
ଗୋପାଳପୁର, ବାଙ୍କୀ କଟକ
ଆବିର୍ଭାବ: ୦୧।୦୨।୧୯୪୨
ତିରୋଧାନ: ୦୧।୦୮।୨୦୨୦
ହେ ପୁଣ୍ୟାତ୍ମା! ଆପଣଙ୍କ ଆକସ୍ମିକ ବିୟୋଗରେ ହତଭାଗ୍ୟ ଆମେ ଅତ୍ୟନ୍ତ ମ୍ରିୟମାଣ ତଥା ଶୋକାଭିଭୂତ। ଆପଣଙ୍କର ସ୍ନେହାପ୍ଳୁତ ନୀତି, ଆଦର୍ଶ, ଶାଳୀନତା, ତ୍ୟାଗ ଓ ଭଲପାଇବା ଆମକୁ ବଞ୍ଚିବାର ରାହା ଦେଇଯାଇଛି। ହେ ମହାତ୍ମା! ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀସିଂହନାଥ, ଇଷ୍ଟଦେବୀ ବନଦୁର୍ଗାଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ନିର୍ମଳା (ପତ୍ନୀ), ପୁତ୍ର, ବଧୂ, କନ୍ୟା, ଜାମାତା, ଭ୍ରାତା, ଭ୍ରାତୃବଧୂ, ଭଗ୍ନୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୯୨୧

# ସୁନିଦ୍ରାକୁ ପ୍ରଭାବିତ କରେ ଅଧିକ ଚା' ପିଇବା



କ୍ଲାନ୍ତ ମନକୁ ହାଲକା କରିବା ପାଇଁ ଅନେକେ ଚା' କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି ତେବେ ଏପରି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିବା ଦରକାର ବୋଲି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଅଧିକ ଚା' ପିଇବାର କେଉଁ ପ୍ରକାର ଖରାପ ପ୍ରଭାବ ଶରୀର ଉପରେ ପଡେ ସେ ନେଇ ସୂଚିତ କରିଛନ୍ତି। ଅଧିକ ସମୟ ଚା' ପିଉଥିଲେ ତାହାର ପ୍ରଭାବ ସୁନିଦ୍ରା ଉପରେ ପଡିଥାଏ। ଅର୍ଥାତ୍ ଏହାଦ୍ୱାରା ଭଲ ନିଦ ହୋଇ ନ ଥାଏ। ଏହାବ୍ୟତୀତ ଅଧିକ ଚା' ପିଇଲେ ପେଟରେ ଅମ୍ଳ ବା ଏସିଡିଟି ସୃଷ୍ଟି ହୁଏ, ଯାହାଦ୍ୱାରା ପେଟ ଦରଜ ଏବଂ ପେଟ ଫୁଲିବା ପରି ସମସ୍ୟା ଦେଖାଦେଇଥାଏ। ଏହାର ପ୍ରଭାବ ମଧ୍ୟ ଦାନ୍ତ ଉପରେ ପଡିଥାଏ। ଏହାଦ୍ୱାରା ଦାନ୍ତ ଉପରେ ହଳଦିଆ ଆସ୍ତରଣ ସୃଷ୍ଟି ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଚା'ରେ 'କୈଫିନ୍ ଟେନିନ୍' ନାମକ ଏକ ବିଷାକ୍ତ ନିଶାଦ୍ରବ୍ୟ ରହିଥାଏ, ଯାହାର ପ୍ରଭାବ ହାର୍ଟ ଏବଂ ମସ୍ତିଷ୍କ ଉପରେ ପଡିବାର ଆଶଙ୍କା ରହିଛି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

# ନିଷ୍ପତ୍ତି ନେବ ରୋବୋ

ଆଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ଏପରି କି ଚିକିତ୍ସା ବିଜ୍ଞାନରେ ଅପରେସନ ପରି ଗୁରୁତ୍ୱପୂର୍ଣ୍ଣ କାମରେ ଏହା ସହାୟତା କରିପାରୁଛି। ବିଶେଷଭାବରେ ବିଶେଷଜ୍ଞଙ୍କ ଆଦେଶାନୁସାରେ ରୋବୋ କାମ କରିଥାଏ। ହେଲେ ନିକଟରେ ଏପରି ଏକ ରୋବୋ ପ୍ରସ୍ତୁତ ହୋଇଛି, ଯିଏ ନିଜେ ନିଷ୍ପତ୍ତି ନେଇପାରିବ। ଏପରି ଏକ ହାଇଟେକ୍ ରୋବୋ ଆମେରିକାସ୍ଥିତ କାଲିଫର୍ନିଆ ୟୁନିଭର୍ସିଟି ପକ୍ଷରୁ ପ୍ରସ୍ତୁତ କରାଯାଇଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଏହା ନିଜେ ନିଷ୍ପତ୍ତି ନେଇପାରିବ। ଅର୍ଥାତ୍, ଜଣେ ମଣିଷ ପରି ଏହି ରୋବୋ କାମ କରିବ। ପାରିପାର୍ଶ୍ୱିକ ପରିସ୍ଥିତିକୁ ତର୍ଜମା କରିବାର କ୍ଷମତା ମଧ୍ୟ ଏହାର ରହିଛି ଏବଂ ସେହି ଅନୁସାରେ କ'ଣ କରିବାକୁ ପଡିବ କାହାର ବିନା ପରାମର୍ଶରେ ତଥା ନିଜ ନିଷ୍ପତ୍ତି ଅନୁସାରେ ଉକ୍ତ ରୋବୋ କାମ କରିବ ବୋଲି ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

# ସ୍ମରଣ ଶକ୍ତିକୁ ସକ୍ରିୟ କରେ ଅଣ୍ଡା



ଅଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ନିୟମିତ ଅଣ୍ଡା ଖାଇବା ଦ୍ୱାରା ତାହାର ସୁପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ। ନିକଟରେ 'ସ୍ମରଣ ଶକ୍ତି ଓ ଅଣ୍ଡା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସର ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ମନ ମୁତାବକ ଖାଦ୍ୟ (ଅଣ୍ଡା ବ୍ୟତୀତ) ଖାଇବାକୁ କୁହାଯାଇଥିବା ବେଳେ ଅନ୍ୟମାନଙ୍କୁ ଦୈନିକ ଅଣ୍ଡା ଖାଇବାକୁ ପରାମର୍ଶ ଦିଆଯାଇଥିଲା। କିଛି ଦିନ ଅନ୍ତରାଳରେ ସେମାନଙ୍କର ସ୍ମରଣ ଶକ୍ତି କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ଅନୁଧ୍ୟାନ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁମାନେ ନିୟମିତ ଅଣ୍ଡା ଖାଉଥିଲେ ସେମାନଙ୍କର ସ୍ମରଣ ଶକ୍ତି ଅନ୍ୟମାନଙ୍କ ତୁଳନାରେ ସକ୍ରିୟ ଥିବା ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ମଙ୍ଗଳ ଅଭିମୁଖେ ତିନୋଟି ଅଭିଯାନ



ଇଂ ମାୟାଧର ସ୍ୱାଇଁ

"ମଙ୍ଗଳରେ ଏକ ଉନ୍ନତ ଜୀବ ସମାଜ ରହିଛି ବୋଲି ବହୁ ଦିନରୁ କଳ୍ପନା ଜଳ୍ପନା କରାଯାଉଥିଲା। ମାତ୍ର ସେଠାକୁ ମହାକାଶଯାନ ପଠାଇବା ପରେ ଜଣାପଡିଛି ଯେ ସେଠାରେ ଜୀବ ନାହିଁ କିନ୍ତୁ ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି ଯେ ସେଠାରେ ପୂର୍ବରୁ ଜଳ ଓ ଜୀବଜଗତ ଥିଲା, ମାତ୍ର ଜଳ କୌଣସି କାରଣରୁ ବାଷ୍ପୀଭୂତ ହୋଇ ଯିବା ପରେ ଜୀବଜଗତ ନିଶ୍ଚିହ୍ନ ହୋଇଯାଇଛି। ଏହାର ଅନୁସନ୍ଧାନ କରିବା ପାଇଁ ମଙ୍ଗଳକୁ ବିଭିନ୍ନ ଦେଶ ମହାକାଶଯାନ ପଠାଇବା ପାଇଁ ଆଗ୍ରହୀ ହୋଇଛନ୍ତି।"

ମଙ୍ଗଳ ହେଉଛି ସୂର୍ଯ୍ୟଠାରୁ ଦୂରତାକ୍ରମରେ ସୌରଜଗତର ଚତୁର୍ଥ ଗ୍ରହ। ଏହା ମଧ୍ୟ ହେଉଛି ସୌରଜଗତର ଦ୍ୱିତୀୟ କ୍ଷୁଦ୍ରତମ ଗ୍ରହ। ଏହା ପୃଷ୍ଠରେ ପ୍ରଚୁର ପରିମାଣର ଲୁହା ଅକ୍ସିସାଇଡ୍ ଥିବାରୁ ଏହା ଆମକୁ ଲାଲ ଦେଖାଯାଏ। ଏଣୁ ଏହାକୁ 'ଲୋହିତ ଗ୍ରହ' ମଧ୍ୟ କୁହାଯାଏ। ପୃଥିବୀ ଭଳି ଏହାର ପୃଷ୍ଠ ମାଟି, ଗୋଡିରେ ଗଠିତ ଏବଂ ଏହାର ବାୟୁମଣ୍ଡଳ ଅଛି। ବାୟୁମଣ୍ଡଳରେ ୯୫.୩ ପ୍ରତିଶତ ଅଙ୍ଗାରକାମ୍ଳ ଏବଂ ଅବଶିଷ୍ଟ ଆରଗନ ଓ ଯବକ୍ଷାରଜାନ ଅଛି। ଏହା ସହିତ କିଞ୍ଚିତ ମାତ୍ରାରେ ଅମ୍ଳଜାନ ଓ ଜଳୀୟବାଷ୍ପ ଅଛି। ଏହାର ବାୟୁମଣ୍ଡଳୀୟ ଚାପ ବହୁତ କମ୍ ଏବଂ ଏଥିପାଇଁ ଏହାର ପୃଷ୍ଠରେ ଜଳ ରହିପାରେ ନାହିଁ। ମାତ୍ର ଏହାର ଦୁଇ ମେରୁ ଅଞ୍ଚଳରେ ବରଫ ଆକାରରେ ଜଳ ଅଛି। ଏହାର ପୃଷ୍ଠରେ ପୃଥିବୀ ଭଳି ନଦୀ, ଉପତ୍ୟକା, ପାହାଡ, ପର୍ବତ ଆଦି ଅଛି।

ମଙ୍ଗଳରେ ଏକ ଉନ୍ନତ ଜୀବ ସମାଜ ରହିଛି ବୋଲି ବହୁ ଦିନରୁ କଳ୍ପନା ଜଳ୍ପନା କରାଯାଉଥିଲା। ମାତ୍ର ସେଠାକୁ ମହାକାଶଯାନ ପଠାଇବା ପରେ ଜଣାପଡିଛି ଯେ ସେଠାରେ ଜୀବ ନାହିଁ। କିନ୍ତୁ ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି ଯେ ସେଠାରେ ପୂର୍ବରୁ ଜଳ ଓ ଜୀବଜଗତ ଥିଲା, ମାତ୍ର ଜଳ କୌଣସି କାରଣରୁ ବାଷ୍ପୀଭୂତ ହୋଇ ଯିବା ପରେ ଜୀବଜଗତ ନିଶ୍ଚିହ୍ନ ହୋଇଯାଇଛି। ଏହାର ଅନୁସନ୍ଧାନ କରିବା ପାଇଁ ମଙ୍ଗଳକୁ ବିଭିନ୍ନ ଦେଶ ମହାକାଶଯାନ ପଠାଇବା ପାଇଁ ଆଗ୍ରହୀ ହୋଇଛନ୍ତି।

ମଙ୍ଗଳ କକ୍ଷକୁ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ୟୁରୋପୀୟ ମହାକାଶ ସଂସ୍ଥା ଓ ଭାରତ ମହାକାଶ ଯାନ ପଠାଇବାରେ ସଫଳ ହୋଇଛନ୍ତି। ଏତଦବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକା ମଙ୍ଗଳ ପୃଷ୍ଠରେ ପାଞ୍ଚଟି ରୋଭର ଯାନ ଅବତରଣ କରାଇ ବିଭିନ୍ନ ପରୀକ୍ଷା କରିଛି। ବର୍ତ୍ତମାନ ମଧ୍ୟ ଏହାର କ୍ୟୁରିଓସିଟି ଓ ଇନସାଇଟ୍ ରୋଭର ଦ୍ୱୟ ମଙ୍ଗଳ ପୃଷ୍ଠରେ କାର୍ଯ୍ୟରତ ଅଛନ୍ତି। ଏହାବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକାର ତିନୋଟି, ୟୁରୋପୀୟ ମହାକାଶ ସଂସ୍ଥାର ଗୋଟିଏ ଓ ଭାରତର ଗୋଟିଏ ମହାକାଶଯାନ ମଙ୍ଗଳ କକ୍ଷରେ ପ୍ରଦକ୍ଷିଣ କରି ତଥ୍ୟ ସଂଗ୍ରହ କରୁଛନ୍ତି।

ଏହି ବର୍ଷ ଜୁଲାଇ ମାସରେ ୟୁନାଇଟେଡ୍ ଆରବ ଏମିରେଟସ, ଚାଇନା ଓ ଯୁକ୍ତରାଷ୍ଟ୍ର ଆମେରିକା ମଙ୍ଗଳ ଅଭିମୁଖେ ତିନୋଟି ଅଭିଯାନ ସଫଳ ଭାବରେ ଉତକ୍ଷେପଣ କରିଛନ୍ତି। ଜଣାପଡେ, ସତେ ଯେପରି ଏଥିପାଇଁ ଗୋଟିଏ ପ୍ରତିଯୋଗିତା ଚାଲିଛି। କିନ୍ତୁ ଏହା ନୁହେଁ। ବାସ୍ତବରେ ମଙ୍ଗଳ ଗ୍ରହକୁ ଯାନ ପଠାଇବାର ପ୍ରକୃଷ୍ଟ ସମୟ ହେଉଛି ଯେତେବେଳେ ପୃଥିବୀ ଓ ମଙ୍ଗଳ ପରସ୍ପର ନିକଟରେ ଥାଆନ୍ତି। ଏପରି ସ୍ଥିତି ପ୍ରତି ୨୬ ମାସରେ ଥରେ ଆସିଥାଏ ଏବଂ ଏହା ଗତ ଜୁଲାଇ ମାସରେ ଆସିଥିଲା।



ଏହା କାହିଁକି ହୁଏ ଦେଖିବା। ପୃଥିବୀ ଓ ମଙ୍ଗଳ ସୂର୍ଯ୍ୟ ଚାରିପଟେ ଘୂରୁଛନ୍ତି ଏବଂ ଉଭୟ ପରିକ୍ରମଣ ସମୟ ହେଉଛି ଅଲଗା। ନିଜ ନିଜ କକ୍ଷ ପଥରେ ଘୂରୁ ଘୂରୁ ଯେତେବେଳେ ସୂର୍ଯ୍ୟ ଓ ମଙ୍ଗଳ ମଝିରେ ପୃଥିବୀ ଏକ ସରଳ ରେଖାରେ ରହେ, ତାକୁ 'ଅପସଂଯୋଗ' କୁହାଯାଏ। ଏହି ସମୟରେ ପୃଥିବୀର ଅତି ନିକଟରେ ମଙ୍ଗଳ ଥାଏ। ଏଣୁ ଏହି ସମୟରେ ମଙ୍ଗଳ ଅଭିମୁଖେ ମହାକାଶ ଯାନ ପ୍ରେରଣ କଲେ ଏହା ସେଠାରେ ପହଞ୍ଚିବା ପାଇଁ କମ୍ ସମୟ ନେଇଥାଏ ଏବଂ ଫଳରେ କମ ଇନ୍ଧନ ଆବ୍ୟଶକ ହୋଇଥାଏ। ଏହି ଅପସଂଯୋଗ ଗତ ଜୁଲାଇ ମାସରେ ଘଟିଥିବାରୁ ତିନୋଟି ଅଭିଯାନ ମଙ୍ଗଳ ଅଭିମୁଖେ ପ୍ରେରିତ ହୋଇଛି।

ୟୁନାଇଟେଡ୍ ଆରବ ଏମିରେଟସ (ୟୁଏଇ)ର ମଙ୍ଗଳ ଯାନ 'ଅମଲ' ବା 'ହୋପ୍' ଜୁଲାଇ ୧୯ ତାରିଖରେ ଜାପାନର ତାନୋଗାମିମା ମହାକାଶ କେନ୍ଦ୍ରରୁ ଅନ୍ତରୀକ୍ଷକୁ ପ୍ରେରିତ ହୋଇଛି। ଏହା ମଙ୍ଗଳର ବାୟୁମଣ୍ଡଳ ଓ ଜଳବାୟୁକୁ ଅନୁଧ୍ୟାନ କରିବ। ଏହା ହେଉଛି ଆରବ ଜଗତର ପ୍ରଥମ ଅନ୍ତଃଗ୍ରହ ଅଭିଯାନ। ଏହା ମଙ୍ଗଳ କକ୍ଷରେ ୨୦୨୧ ମସିହା ଫେବୃୟାରୀ ମାସରେ ପହଞ୍ଚିବ। ସୂଚନାଯୋଗ୍ୟ ଯେ ୟୁଏଇ ସେହି ବର୍ଷ ନିଜ ଦେଶ ଗଠନର ୫୦ତମ ବର୍ଷ ପୂର୍ତ୍ତି ପାଳନ କରିବ।

ଚାଇନା ଜୁଲାଇ ୨୩ରେ ନିଜର ମହାକାଶଯାନ 'ତିଆନୱେନ-୧'କୁ ହେଇନାନ ଦ୍ୱୀପରୁ ମଙ୍ଗଳ ଅଭିମୁଖେ ଉତକ୍ଷେପଣ କରିଛି। ଏଥିରେ ଗୋଟିଏ କକ୍ଷ ପ୍ରଦକ୍ଷିଣକାରୀ ଯାନ (ଅର୍ବିଟର), ଗୋଟିଏ ପୃଷ୍ଠ ଅବତରଣକାରୀ ଯାନ (ଲ୍ୟାଣ୍ଡର) ଏବଂ ଗୋଟିଏ ରୋଭର ଯାନ ରହିଛି। ଅର୍ବିଟର ମଙ୍ଗଳ କକ୍ଷରେ ପରିକ୍ରମଣ କରି ତଥ୍ୟ ପଠାଇବ ଏବଂ ରୋଭର ମଙ୍ଗଳ ପୃଷ୍ଠରେ ଗଠନ, ମୃତ୍ତିକା, ବାୟୁମଣ୍ଡଳ ଓ ଜଳବାୟୁକୁ ବିଶ୍ଳେଷଣ କରିବ। ୨୦୧୧ ମସିହାରେ ଚାଇନାର ପ୍ରଥମ ମଙ୍ଗଳ ଅଭିଯାନ ବିଫଳ ହେବା ପରେ ଏହା ହେଉଛି ତାହାର ଦ୍ୱିତୀୟ ଚେଷ୍ଟା।

ଯୁକ୍ତରାଷ୍ଟ୍ର ଆମେରିକା ଜୁଲାଇ ୩୦ରେ 'ଆଟଲାସ-୫' ରକେଟ୍ ସାହାଯ୍ୟରେ 'ମାରସ୍ ପର୍ସିଭରାନସ' ରୋଭର ଅଭିଯାନକୁ ଫ୍ଲୋରିଡାସ୍ଥିତ କେପ କାନାଭେରାଲ ବାୟୁସେନା ଘାଟିରୁ ଉତକ୍ଷେପଣ କରିଛି। ଏହି ଅଭିଯାନରେ ଗୋଟିଏ ରୋଭର ଓ ଗୋଟିଏ ହେଲିକପ୍ଟର ଅଛି। ଅନ୍ୟ କୌଣସି ଗ୍ରହରେ ହେଲିକପ୍ଟର ଉଡିବା ଏହା ପ୍ରଥମ ଘଟଣା ହେବ। ଏହାକୁ ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରାଯିବ। ଏହା ସଫଳ ହେଲେ ଆମେରିକା ତାହାର ପରବର୍ତ୍ତୀ ମଙ୍ଗଳ ଅଭିଯାନଗୁଡ଼ିକରେ ଏହାକୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରିବ। ମଙ୍ଗଳ ପୂର୍ବରୁ ଜୀବସତ୍ତା ଥିଲା କିମ୍ବା ଏବେ ମଧ୍ୟ ସୂକ୍ଷ୍ମାତିସୂକ୍ଷ୍ମ ଜୀବ ଅଛି, ତାହା ଅନୁସନ୍ଧାନ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ରୋଭର ମଙ୍ଗଳ ପୃଷ୍ଠର ଶିଳା ଓ ମୃତ୍ତିକା ନମୁନା ସଂଗ୍ରହ କରିବ ଏବଂ ଅନ୍ୟ ଏକ ଅଭିଯାନରେ ୨୦୩୧ ମସିହାରେ ଏହା ପୃଥିବୀକୁ ଆଣିବା ପାଇଁ ଯୋଜନା କରାଯାଇଛି। ଏହା ମଙ୍ଗଳ ପୃଷ୍ଠରେ ୬୮୭ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ଶରୀରରେ ୭ଟି ବୈଜ୍ଞାନିକ ଯନ୍ତ୍ରପାତି, ୧୯ଟି କ୍ୟାମେରା ଓ ଦୁଇଟି ମାଇକ୍ରୋଫୋନ୍ ଖଞ୍ଜା ଯାଇଛି। ମାଇକ୍ରୋଫୋନ୍ ପ୍ରଥମ ଥର ପାଇଁ ମଙ୍ଗଳ ଗ୍ରହରେ ଧ୍ୱନି ରେକର୍ଡ କରିବ।

ୟୁଏଇ ଓ ଚାଇନାର ମହାକାଶ ଯାନରେ ଶକ୍ତି ଉତ୍ପାଦନ ପାଇଁ ସୌର ଫଳକ ଅଛି। କିନ୍ତୁ ଆମେରିକା ଯାନରେ ସୌରଶକ୍ତି ସହ ତାପୀୟ ବିଦ୍ୟୁତ ଜେନେରେଟର ଅଛି, ଯାହା ତେଜସ୍କ୍ରିୟ ପ୍ଲୁଟୋନିୟମ ଧାତୁ ଦ୍ୱାରା କାର୍ଯ୍ୟ କରିଥାଏ। ରାତି ସମୟରେ କିମ୍ବା ଧୂଳି ସମୟରେ ସୌର ଫଳକ କାର୍ଯ୍ୟ କରେନାହିଁ। କିନ୍ତୁ ଜେନେରେଟର ସବୁ ସମୟରେ କାର୍ଯ୍ୟ କରିଥାଏ।

ସମସ୍ତ ତିନୋଟିଯାକ ଯାନ ଅଭିଯାନ ୪୮୩ ନିୟୁତ କିଲୋମିଟରରୁ ଅଧିକ ପଥ ଅତିକ୍ରମ କରି ପ୍ରାୟ ସାତ ମାସ ପରେ ୨୦୨୧ ମସିହା ଫେବୃୟାରୀ ମାସରେ ମଙ୍ଗଳ ଗ୍ରହରେ ପହଞ୍ଚିବ। ଭବିଷ୍ୟତରେ ମଙ୍ଗଳକୁ ମହାକାଶଚାରୀ ପଠାଇବା ପାଇଁ ଯେଉଁ ଯୋଜନା କରାଯାଇଛି, ଏହି ଅଭିଯାନଗୁଡିକର ତଥ୍ୟ ତାକୁ ସାହାଯ୍ୟ କରିବ।

-୭୨, ଲକ୍ଷ୍ମୀବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ : ୯୪୩୮୬୯୩୭୨୪

# କୋଭିଡ୍-୧୯, ଗୋଷ୍ଠୀ ପ୍ରତିପିଣ୍ଡ ଓ ଟିକା



ଡା. ଦ୍ୱିଜେଶ କୁମାର ପଣ୍ଡା

"ଗୋଟିଏ ଗୋଷ୍ଠୀର ଅନେକ ଲୋକ ଦେହରେ ରୋଗ ପ୍ରତିରୋଧ ଆଣ୍ଟିବଡି ତିଆରି ହେଲେ ଗୋଷ୍ଠୀ ଇମ୍ୟୁନିଟି କୁହାଯାଏ। ଏହା ଏକ ପ୍ରାକୃତିକ ପଦ୍ଧତି। ଏହି ସମୟରେ ରୋଗ ସଂକ୍ରମଣ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ହୁଏ ନାହିଁ। ଆଣ୍ଟିବଡି ହେଉଛି ଏକ ପ୍ରକାର ପ୍ରୋଟିନ୍। ଭୂତାଣୁ କିମ୍ବା ଜୀବାଣୁ ସଂକ୍ରମଣ ହେଲେ ରକ୍ତରେ ଥିବା ଶ୍ୱେତ କଣିକା (ପ୍ଲାଜମା ସେଲ୍) ଉକ୍ତ ଅଣୁ ଜୀବକୁ ମାରିବା ପ୍ରତିପିଣ୍ଡ ତିଆରି କରେ। ଏହା ଭବିଷ୍ୟତ ସଂକ୍ରମଣକୁ ମଧ୍ୟ ପ୍ରତିହତ କରେ।"

କରୋନା (କୋଭିଡ୍-୧୯) ଆକ୍ରାନ୍ତରେ ଭାରତ ବିଶ୍ୱକୁ ଅତିକ୍ରମ କଲାଣି। ପ୍ରତିଦିନ ପ୍ରାୟ ୫୦ ହଜାରରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି। ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଅନ୍ୟପକ୍ଷରେ ଏହି ମହାମାରୀ ଗୋଷ୍ଠୀ ସଂକ୍ରମଣରେ ପରିଣତ ହେଲାଣି। ଅନେକ ସୁସ୍ଥ ଯୁବକଙ୍କ ଦେହରେ ପ୍ରତିପିଣ୍ଡ (ଆଣ୍ଟିବଡି) ଆପେ ତିଆରି ହେଉଛି। ତେଣୁ ଦିନକୁ ଦିନ ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଛି। ଯେତେ ଅଧିକ ପରୀକ୍ଷା ହେବ ସେହି ଅନୁପାତରେ ରୋଗୀ ସଂଖ୍ୟା ବୃଦ୍ଧି ହେବ। ଗୋଟିଏ ଗୋଷ୍ଠୀର ଅନେକ ଲୋକ ଦେହରେ ରୋଗ ପ୍ରତିରୋଧ ଆଣ୍ଟିବଡି ତିଆରି ହେଲେ ତାହାକୁ 'ଗୋଷ୍ଠୀ ଇମ୍ୟୁନିଟି' କୁହାଯାଏ। ଏହା ଏକ ପ୍ରାକୃତିକ ପଦ୍ଧତି। ଏହି ସମୟରେ ରୋଗ ସଂକ୍ରମଣ ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ହୁଏ ନାହିଁ। ଆଣ୍ଟିବଡି ହେଉଛି ଏକ ପ୍ରକାର ପ୍ରୋଟିନ୍। ଭୂତାଣୁ କିମ୍ବା ଜୀବାଣୁ ସଂକ୍ରମଣ ହେଲେ ରକ୍ତରେ ଥିବା ଶ୍ୱେତ କଣିକା (ପ୍ଲାଜମା ସେଲ୍) ଉକ୍ତ ଅଣୁ ଜୀବକୁ ମାରିବା ପ୍ରତିପିଣ୍ଡ ତିଆରି କରେ। ଏହା ଭବିଷ୍ୟତ ସଂକ୍ରମଣକୁ ମଧ୍ୟ ପ୍ରତିହତ କରେ। ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରେ।

ଗୋଷ୍ଠୀ ଇମ୍ୟୁନିଟି ହୋଇଥିଲେ ଟିକାର ଆବଶ୍ୟକତା ପଡି ନ ଥାଏ। ଟିକା ନେଲେ ରକ୍ତରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। କିନ୍ତୁ ରୋଗର ଯନ୍ତ୍ରଣା ଓ ଲକ୍ଷଣ ସୃଷ୍ଟି ହୁଏ ନାହିଁ। ଟିକା ହେଉଛି ଜୀବାଣୁ କିମ୍ବା ଭୂତାଣୁର ପ୍ରୋଟିନ୍।




ଏହାକୁ ବିଭିନ୍ନ ପଦ୍ଧତିରେ ନିଷ୍କ୍ରିୟ କରାଯାଏ। ଫଳରେ ରୋଗର ନିଦାନ ଦେଖାଯାଏ ନାହିଁ। ଠିକ ଉପାୟରେ ପ୍ରସ୍ତୁତ ହୋଇ ନ ଥିଲେ ମଧ୍ୟ ସେହି ରୋଗ ସଂକ୍ରମିତ ହୁଏ। କରୋନା ଭୂତାଣୁ ଦେହରେ ବିଭିନ୍ନ ପ୍ରକାର ପ୍ରୋଟିନ୍ ଥାଏ। ତେଣୁ ପ୍ରୋଟିନ୍‌କୁ ନେଇ ପ୍ରସ୍ତୁତ ଟିକା ସବୁ ପ୍ରକାର ଭୂତାଣୁ ପାଇଁ କାମ କରିବ ନାହିଁ। ୨୦୦୨ ମସିହାରେ 'ସାରସ କୋଭିଡ-୨' ସଂକ୍ରମଣ ସାର୍ବଦେଶିକ ହୋଇଥିଲା। ୨୦୦୯ରେ ଏହାର ପୁନରାବୃତ୍ତି ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ଟିକା ପ୍ରସ୍ତୁତ ହୋଇପାରିନାହିଁ। ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ, ଜୀକା ଭୂତାଣୁ ଓ ଏଚ.ଆଇ.ଭି.ର ସଫଳ ଟିକା ଉପଲବ୍ଧ ହୋଇନାହିଁ। ସମୟ କହିବ କୋଭିଡ୍-୧୯ର ଟିକା କେବେ ମିଳିବ।

'ସିରୋ ସର୍ଭେ' ଦ୍ୱାରା ଗୋଟିଏ ଗୋଷ୍ଠୀର କେତେ ପ୍ରତିଶତ ଲୋକଙ୍କ ରକ୍ତରେ କୋଭିଡ୍-୧୯ର ଆଣ୍ଟିବଡି ରହିଛି ତାହା ଜାଣିହୁଏ। ଏହା ରୋଗ ପ୍ରତିରୋଧକ ଶକ୍ତିର ନିର୍ଣ୍ଣାୟକ। ସବୁ ଦେଶରେ ଏହା କରାଯାଉଛି। ଉକ୍ତ ଆଣ୍ଟିବଡି ଥିବା ବ୍ୟକ୍ତିକୁ ଭୂତାଣୁ ସଂକ୍ରମଣ ହୋଇପାରିବ ନାହିଁ। ଜୁନ ୨୭ରୁ ଜୁଲାଇ ୫ ମଧ୍ୟରେ ଦିଲ୍ଲୀରେ ୨୨ ହଜାର ରକ୍ତ ନମୁନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୨୩.୪ ପ୍ରତିଶତ ଲୋକଙ୍କ ରକ୍ତରେ ଆଣ୍ଟିବଡି ଦେଖିବାକୁ ମିଳିଲା। ଦ୍ୱିତୀୟ ଥର ନମୁନା ପରୀକ୍ଷାରୁ ଏହାର ସଂଖ୍ୟା ବହୁଗୁଣିତ ହୋଇଥିବା ଜଣାପଡିଲା। ସଂକ୍ରମିତ ରୋଗୀର ପରିମାଣ ୧୨.୨ ପ୍ରତିଶତରୁ ୬.୧ ପ୍ରତିଶତକୁ ଖସି ଆସିଲା। ଏହା ଗୋଷ୍ଠୀ ସଂକ୍ରମଣର ସୂଚକ। ମୁମ୍ବାଇରେ ଜୁଲାଇ ପ୍ରଥମ ସପ୍ତାହରେ ଆଣ୍ଟିବଡି ସର୍ବେକ୍ଷଣ କରାଯାଇଥିଲା। ବସ୍ତି ଅଧିବାସୀଙ୍କର ୫୭ ପ୍ରତିଶତ ଆଣ୍ଟିବଡି ଥିବା ବେଳେ ଅଣବସ୍ତିଙ୍କର ୧୬ ଥିଲା। ଦୁଇ ସପ୍ତାହ ପରେ ବସ୍ତି ବାସିନ୍ଦାଙ୍କର ୭୦ ପ୍ରତିଶତକୁ ବୃଦ୍ଧି ହେଲା। ତେଣୁ ରୋଗ ସଂକ୍ରମଣ କମିଗଲା। ୨୦୦ ନିୟୁତରୁ ଅଧିକ ଲୋକ କୋଭିଡ୍-୧୯ରୁ ରୋଗମୁକ୍ତ ହେଲା ପରେ ଏହାର ସଂକ୍ରମଣ ସ୍ଥିର ହୋଇ ରହିବ-ଏହା ବିଶେଷଜ୍ଞ ମତ। କୋଭିଡ୍-୧୯ ରୋଗମୁକ୍ତ ବ୍ୟକ୍ତିର ରକ୍ତରସ (ପ୍ଲାଜମା) ଆକ୍ରାନ୍ତ ରୋଗୀକୁ ଦେଲେ ସେ ଶୀଘ୍ର ଆରୋଗ୍ୟ ହେଉଛି। ଅକ୍ସିଜେନର ଆବଶ୍ୟକତା କମି ଯାଉଛି। ଏହାକୁ 'ପ୍ଲାଜମା ଥେରାପି' କୁହାଯାଏ। ସୁସ୍ଥ ରୋଗୀର ରକ୍ତରେ ବହୁତ ଆଣ୍ଟିବଡି ରହିଥାଏ। ଏହା ହେଉଛି 'ଇମ୍ୟୁନୋଗ୍ଲୋବିନ୍-ଜି'। ରୋଗୀ ରକ୍ତରେ ଥିବା ଭୂତାଣୁମାନଙ୍କୁ ମାରିଦିଏ। ଆଣ୍ଟିବାୟୋଟିକ୍‌ର ଆବଶ୍ୟକତା ପଡେନାହିଁ। ବୟସ୍କ ବ୍ୟକ୍ତିଙ୍କର ଶରୀର ଆଣ୍ଟିବଡି ତିଆରି ପାଇଁ ସକ୍ଷମ ନୁହେଁ। ସେମାନେ ଅନେକ ପ୍ରକାର ରୋଗଗ୍ରସ୍ତ ତେଣୁ ମୃତ୍ୟୁହାର ଅଧିକ। ତାଙ୍କର ଚିକିତ୍ସା ପାଇଁ ପ୍ଲାଜମା ଓ ଅକ୍ସିଜେନ୍ ଥେରାପି ଅନିବାର୍ଯ୍ୟ। କାଳକ୍ରମେ କୋଭିଡ୍-୧୯ର ଉତ୍ପାତ କମିଯିବ। ଜନସାଧାରଣଙ୍କ ଦେହରେ ଆଣ୍ଟିବଡି ବୃଦ୍ଧି ପାଇବ। କୋଭିଡ୍-୧୯ ରହିବ ଏବଂ ଆମେ ତାହା ସହ ରହିବା।

-ନିଦାନ ଓ ଅଣୁଜୀବ ବିଶେଷଜ୍ଞ
ପ୍ଲଟ ନଂ-୧୨
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ : (୦୬୭୪) ୨୫୪୨୯୩୪

# ସ୍ୱାସ୍ଥ୍ୟ ସୂଚନା



- କମ୍ପ୍ୟୁଟର ସାମ୍ନାରେ ବସି ଅଧିକ ସମୟ କାମ କଲେ ତାହାର ପ୍ରଭାବ ଦୃଷ୍ଟି ଶକ୍ତି ଉପରେ ପଡିବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ମୁହଁକୁ ଭଲ ଭାବରେ ଧୁଅନ୍ତୁ।
- ବୟସ ବଢ଼ିବା ସହ ଡାଇବେଟିସ୍, ରକ୍ତଚାପ (ବ୍ଲଡପ୍ରେସର) ପରି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ଆପଣଙ୍କ ରକ୍ତରେ କେତେ ସୁଗାର ପରିମାଣ ରହିଛି ଏବଂ ବ୍ଲଡପ୍ରେସର କେତେ ରହିଛି ତାହା ମାପି ନିଅନ୍ତୁ।
- ବୟସ ବଢ଼ିଲେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଦରକାର।
- ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରହନ୍ତୁ। ସବୁବେଳେ ସୁଷମ, ଭିଟାମିନଯୁକ୍ତ ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଯେତେ କମ ଖାଇବେ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।
- ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ।
- ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ ରଖନ୍ତୁ। ତା'ସହ କିଛି ଡାକ୍ତର ଏବଂ ହସପିଟାଲ ନମ୍ବର ପାଖରେ ରଖନ୍ତୁ। କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଲେ ତାହା କାମରେ ଆସିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଅଗଷ୍ଟ ୧୦/୨୦୨୦ Monday, August 10/2020

# ଭର୍ଷ୍ଟାପେନ ଜିତିଲେ ଆନିଭର୍ସାରି ଗ୍ରାଁ ପ୍ରି

**ସିଲଭରଷ୍ଟୋନ, ୯।୮**

ରେଡବୁଲ ଡ୍ରାଇଭର ନେଦରଲାଣ୍ଡର ମ୍ୟାକ୍ସ ଭର୍ଷ୍ଟାପେନ ରବିବାର ଏଠାରେ ଅନୁଷ୍ଠିତ ଫର୍ମୁଲାଓ୍ୱାନର ୭୦ତମ ଆନିଭର୍ସାରି ଗ୍ରାଁ ପ୍ରି ରେସ୍‌ରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନଶିପ୍ ଲିଡର ମର୍ସିଡିଜ୍‌ର ଲୁଇସ ହାମିଲଟନ ଦ୍ୱିତୀୟ ଏବଂ ତାଙ୍କ ଟିମ୍‌ମେଟ୍ ଭାଲଟେରି ବୋଟ୍ଟାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫେରାରୀର ଚାର୍ଲ୍ସ ଲେକ୍‌ରେକ୍, ରେଡ୍‌ବୁଲ୍‌ର ଆଲେକଜାଣ୍ଡର ଆଲବନ୍, ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲ, ନିକୋ ହକେନବର୍ଗ, ରେନଲ୍ଟର ଏଟେବନ ଓକନ, ମ୍ୟାକଲରେନର ଲାନ୍‌ଡୋ ନରିସ ଓ ଆଲ୍‌ଫା ଟୌରୀର ଡାନିଏଲ କ୍ୟାଟ୍ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଟପ୍-୧୦ ଫିନିଶ୍ କରିଥିବା ଡ୍ରାଇଭର ମାନଙ୍କୁ ଯଥାକ୍ରମେ ୨୫, ୧୯, ୧୫, ୧୨, ୧୦, ୮, ୬, ୪, ୨ ଓ ୧ ପଏଣ୍ଟ ମିଳିଛି। ଭର୍ଷ୍ଟାପେନଙ୍କ ପାଇଁ ୮ ରେସ୍‌ରୁ ଏହାଥିଲା ୭ମ ପୋଡିୟମ ଫିନିଶ୍। ଏହା ପୂର୍ବରୁ ସେ ଶେଷଥରପାଇଁ ୨୦୧୯ରେ ବ୍ରାଜିଲ ଗ୍ରାଁ ପ୍ରି ଜିତିଥିଲେ। ଫେରାରୀର ସେବାଷ୍ଟିଆନ ଭେଟେଲ, ମ୍ୟାକଲରେନର କାର୍ଲୋସ ସିଞ୍ଜ୍ ଜୁନିୟର, ରେନଲ୍ଟର ଡାନିଏଲ ରିକୋର୍ଡୋ, ଆଲ୍‌ଫା ରୋମିଓର କିମି ରାଇକୋନେନ, ହାସ୍‌ର ରୋମାଇନ ଗ୍ରସଜେନ ପ୍ରମୁଖ ଯଥାକ୍ରମେ ୧୨ରୁ ୧୬ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଆନିଭର୍ସାରି ରେସ୍ ପରେ ଲୁଇସ ହାମିଲଟନ ୧୦୭ ପଏଣ୍ଟ ସହିତ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ଭର୍ଷ୍ଟାପେନ ୭୭ ଓ ବୋଟ୍ଟାସ ୭୩ ପଏଣ୍ଟ ସହିତ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। କନ୍‌ଷ୍ଟ୍ରକ୍ଟର୍ସ ଷ୍ଟାଣ୍ଡିଂରେ ମର୍ସିଡିଜ୍ ୧୮୦ ଓ ରେଡ୍‌ବୁଲ୍ ୧୧୩ ପଏଣ୍ଟ ପାଇ ପ୍ରଥମ ୨ ସ୍ଥାନ ଅଧିକାର କରିଛନ୍ତି।


ରେସ୍ ଜିତିବା ପରେ ଟ୍ରଫି ସହ ମ୍ୟାକ୍ସ ଭର୍ଷ୍ଟାପେନ।


ଚାମ୍ପିୟନ୍ସ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ନାପୋଲି ବିପକ୍ଷ ମ୍ୟାଚ୍‌ରେ ଗୋଲ୍ ଦେବାପରେ ବାର୍ସିଲୋନାର ଲିଓନେଲ ମେସି।

# ଚେୟାରମ୍ୟାନ ପଦ ପାଇଁ ଚୟନ ପ୍ରକ୍ରିୟା ହେବ

**ଦୁବାଇ, ୯।୮ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡ ଭର୍ଚୁଆଲ ବୈଠକ ସୋମବାର ହେବ। ଶଶାଙ୍କ ମନୋହରଙ୍କ ସ୍ଥାନରେ ପରବର୍ତ୍ତୀ ସ୍ୱାଧୀନ ଚେୟାରମ୍ୟାନ ପଦବୀ ପାଇଁ ପ୍ରାର୍ଥିପତ୍ର ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ। ଯଥାସମ୍ଭବ ନିର୍ବାଚନକୁ ଏଡାଇ ୪ସପ୍ତାହ ମଧ୍ୟରେ ଜଣେ ସର୍ବସମ୍ମତ ପ୍ରାର୍ଥୀଙ୍କୁ ମନୋନୟନ କରିବା ଲାଗି ଚେଷ୍ଟା କରାଯିବ। ପ୍ରାର୍ଥିପତ୍ର ଦାଖଲ କରିବା ଲାଗି ଦୁଇ ସପ୍ତାହ ସମୟ ଦିଆଯିବ ବୋଲି ବୋର୍ଡର ଜଣେ ବରିଷ୍ଠ ସଦସ୍ୟ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଆଇସିସିରେ ସାଧାରଣତଃ ଦୁଇ

**ଆଇସିସି ବୋର୍ଡ ବୈଠକ ଆଜି**

ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ ପଡ଼ିଥାଏ। ମାତ୍ର ବୋର୍ଡର କେତେଜଣ ସଦସ୍ୟ ୧୭ଜଣ ସଦସ୍ୟଙ୍କ ମଧ୍ୟରୁ ସଂଖ୍ୟାଧିକଙ୍କ ସମର୍ଥନରେ ପ୍ରାର୍ଥୀ ବାଛିବା ଲାଗି ଚାହିଁ ପାରନ୍ତି। ଟେଷ୍ଟ ଖେଳିଥିବା ୧୨ଟି ଦେଶ, ୩ସହଯୋଗୀ ରାଷ୍ଟ୍ର (ମାଲେସିଆ, ସ୍କଟଲାଣ୍ଡ, ସିଙ୍ଗାପୁର), ଚେୟାରମ୍ୟାନ (ଏକ୍ଷେତ୍ରରେ କାମଚଳା) ଏବଂ ସ୍ୱାଧୀନ ନିର୍ଦ୍ଦେଶକ (ପେପ୍‌ସିର ଇନ୍ଦ୍ରା ନୁଇ) ଆଇସିସିର ବୋର୍ଡ ସଦସ୍ୟ ରହିଛନ୍ତି। ଆଇସିସିର ସିଇଓ ମନୁ ସାହାନେ ମଧ ଆଇସିସି ବୋର୍ଡର ଜଣେ ସଦସ୍ୟ ଅଛନ୍ତି। ହେଲେ ତାଙ୍କର ଭୋଟ ଦେବା ଅଧିକାର ନାହିଁ। ନିର୍ବାଚନରେ ଛିଡ଼ା ହେବାକୁ ହେଲେ ପ୍ରାର୍ଥୀଙ୍କ ନାମ ଜଣେ ପୂର୍ବତନ ଅବା ବର୍ତ୍ତମାନର ନିର୍ଦ୍ଦେଶକଙ୍କ ସୁପାରିସ ଆବଶ୍ୟକ। ଏଥିସହିତ ବର୍ତ୍ତମାନର ଦୁଇ ଜଣ ନିର୍ଦ୍ଦେଶକଙ୍କ ସମର୍ଥନ ଦରକାର। ଏଥର ଚେୟାରମ୍ୟାନ ପଦବୀ ପାଇଁ ଅନେକ ପ୍ରାର୍ଥୀ ରହିଛନ୍ତି। ତନ୍ମଧ୍ୟରେ ରହିଛନ୍ତି ବର୍ତ୍ତମାନର କାମଚଳା ଚେୟାରମ୍ୟାନ ସିଙ୍ଗାପୁରର ଇମ୍ରାନ ଖାଓ୍ୱାଜା। ତେଣୁ ଏଥର ସର୍ବସମ୍ମତି ପ୍ରାର୍ଥୀ ବଛାଯାଇ ପାରିବ ବୋଲି ମନେହେଉ ନାହିଁ। ମନୋହରଙ୍କ ଉତ୍ତରାଧିକାରୀ ଦୌଡ଼ରେ ପୂର୍ବତନ ଇସିବି ମୁଖ୍ୟ କଲିନ୍ ଗ୍ରେଭ୍ସ ସବୁଠାରୁ ଆଗରେ ରହିଛନ୍ତି। ପୂର୍ବତନ କ୍ରିକେଟ ସାଉଥ ଆଫ୍ରିକା (ସିଏସ୍‌ଏ) ମୁଖ୍ୟ କ୍ରିସ୍ ନେନ୍‌ଜାନୀ ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି। କୌତୂହଳର ବିଷୟ ଏହି ଦେଶର କ୍ରିକେଟ ନିର୍ଦ୍ଦେଶକ ଗ୍ରେମ୍ ସ୍ମିଥ୍ ଖୋଲାଖୋଲି ଭାବେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ସମର୍ଥନ ଜଣାଇଛନ୍ତି। ସିଏସଏ କହିଛନ୍ତି ପୂର୍ବତନ ଅଧିନାୟକ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ତାଙ୍କର ବ୍ୟକ୍ତିଗତ। କହିବାକୁ ଗଲେ ସମସ୍ତଙ୍କ ନଜର କିନ୍ତୁ ସୌରଭ ଗାଙ୍ଗୁଲିଙ୍କ ଉପରେ ରହିବ। ମାତ୍ର ବିସିସିଆଇ ସଭାପତି ଭାବେ ପୂର୍ବତନ ଭାରତୀୟ ଅଧିନାୟକଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ଉଦ୍ୟମ ଚାଲିଛି। ଲୋଧା କମିଶନଙ୍କ ସୁପାରିସ ଅନୁସାରେ କୁଲିଂ ଅଫ୍ ପିରିୟଡ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଥିପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡା ଯାଇଛି। ସର୍ବୋଚ୍ଚ ନ୍ୟାୟାଳୟରେ ଏହି ଆବେଦନର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୭ରେ ହେବ। ଅନୁମତି ନ ମିଳିଲେ ଗାଙ୍ଗୁଲିଙ୍କୁ ଯଦି ବିସିସିଆଇ ଛାଡ଼ିବାକୁ ପଡ଼େ ତେବେ ଭାରତୀୟ ବୋର୍ଡ ତାଙ୍କୁ ଚେୟାରମ୍ୟାନ ପଦବୀରେ ଦେଖିବାକୁ ଚାହିଁବ ନିଶ୍ଚୟ।

# ପାକିସ୍ତାନ ବିପକ୍ଷ ଅବଶିଷ୍ଟ ୨ ଟେଷ୍ଟ ଖେଳିବେନି ଷ୍ଟୋକ୍ସ

**ମାଞ୍ଚେଷ୍ଟର, ୯।୮ (ପି.ଟି.):** ପାରିବାରିକ କାରଣ ଦର୍ଶାଇ ଇଂଲଣ୍ଡ ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ପାକିସ୍ତାନ ବିପକ୍ଷ ୩ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜର ଅବଶିଷ୍ଟ ମ୍ୟାଚଗୁଡ଼ିକରୁ ଓହରିଯାଇଛନ୍ତି। ଦେଶର କ୍ରିକେଟ ବୋର୍ଡ ତରଫରୁ ରବିବାର ଏହା ଘୋଷଣା କରାଯାଇଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କିନ୍ତୁ ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ କରାଯାଇ ନାହିଁ। ସପ୍ତାହର ପରବର୍ତ୍ତୀ ଭାଗରେ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଫଳରେ ସେ ଏଜାସ୍ ବାଉଲରେ ଅଗଷ୍ଟ ୧୩ ଗୁରୁବାର ଏବଂ ଅଗଷ୍ଟ ୨୧ ଶୁକ୍ରବାର ଖେଳାଯିବାକୁଥିବା ପାକିସ୍ତାନ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚରେ ସେ ଖେଳି ପାରିବେ ନାହିଁ ବୋଲି ଇସିବି ପକ୍ଷରୁ କୁହାଯାଇଛି। ଏଥର ତାଙ୍କ ପାରିବାରିକ ଗୋପନୀୟତା ପ୍ରତି ଦୃଷ୍ଟି ହେବା ଲାଗି ଷ୍ଟୋକ୍ସଙ୍କ ପରିବାର ଏବଂ ଇସିବି ସମସ୍ତ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି। ଖ୍ରୀଷ୍ଟଚର୍ଚ୍ଚରେ ଜନ୍ମଗ୍ରହଣ କରିଥିବା ୨୯ ବର୍ଷୀୟ ଷ୍ଟୋକ୍ସ ଇଂଲଣ୍ଡ କ୍ରିକେଟ ଦଳର ଜଣେ ପ୍ରମୁଖ ସଦସ୍ୟ।

# ଚାମ୍ପିୟନ୍ସ ଲିଗ୍: କ୍ୱାର୍ଟରରେ ବାର୍ସିଲୋନା

**ବାର୍ସିଲୋନା, ୯।୮ (ଏପି)**

ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କ ପ୍ରଦର୍ଶନ ବଳରେ ବାର୍ସିଲୋନା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଶନିବାର ସ୍ପେନ କ୍ଲବ୍ ନାପୋଲିକୁ ୩-୧ରେ ପରାସ୍ତ କରିଛି। ଏଥି ସହିତ ଏଗ୍ରିଗେଟ୍‌ରେ ବାର୍ସିଲୋନ ୪-୨ରେ ନାପୋଲିକୁ ହରାଇ ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାର୍ସିଲୋନ କ୍ରମାଗତ ୧୩ଥର ପାଇଁ ଏହି ହାଇପ୍ରୋଫାଇଲ ଲିଗ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟରରେ ବାର୍ସିଲୋନା ଜର୍ମାନୀ କ୍ଲବ ବେୟର୍ନ ମ୍ୟୁନିକ୍‌କୁ ଆସନ୍ତା ଶୁକ୍ରବାର ଭେଟିବ। ଏହା ଲିସ୍‌ବନ୍‌ରେ ଖେଳାଯିବ।

ଏହି ମ୍ୟାଚ୍‌ରେ ନାପୋଲି ଉପରେ ବାର୍ସିଲୋନା ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମେସି ବାର୍ସିଲୋନା ପାଇଁ ୨୩ ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ସେହିପରି କ୍ଲିମେଣ୍ଟ ଲାଙ୍ଗଲେଟ୍ ୧୦ ମିନିଟ୍‌ରେ ଦଳ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ଅଭିଜ୍ଞ ଲୁଇସ୍ ସୁଆରେଜ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଦଳ ପାଇଁ ତୃତୀୟ ଗୋଲ ଦେଇଥିଲେ। ଅନ୍ୟପଟେ ନାପୋଲି ପକ୍ଷରୁ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ପଞ୍ଚମ ମିନିଟ୍‌ରେ ଲୋରେଞ୍ଜୋ ଇନ୍‌ସାଇଗ୍ନେ ଗୋଲ ଦେଇଥିଲେ। ମେସି ଏଥି ସହିତ ଚଳିତ ସେସନ୍‌ରେ ସବୁ କମ୍ପିଟିଶନରେ ମୋଟ ୩୧ଟି ଗୋଲ ସ୍କୋର କରିଛନ୍ତି।

ଅନ୍ୟଏକ ମୁକାବିଲାରେ ବେୟର୍ନ ୪-୧ ଗୋଲ୍‌ରେ ଚେଲ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ବେୟର୍ନ ତରଫରୁ ରବର୍ଟ ଲିଓ୍ୱାଣ୍ଡୋସ୍କି ପେନାଲ୍ଟି ଜରିଆରେ ଦଶମ ମିନିଟ୍‌ରେ ପ୍ରଥମ ଗୋଲ ଦେବା ପରେ ୮୩ତମ ମିନିଟ୍‌ରେ ଆଉଏକ ଗୋଲ ଦେଇଥିଲେ। ସେହିପରି ଇଭାନ ପେରିସିକ୍ ୨୪ ଓ କୋରେଣ୍ଟିନ ଟୋଲିସୋ ୭୬ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅନ୍ୟପଟେ ଚେଲସି ତରଫରୁ ଟମି ଆବ୍ରାହମ୍ ୪୪ତମ ମିନିଟରେ ଗୋଲ ଦେଇଥିଲେ। ଦୁଇଟି ଲେଗ୍‌ରେ ବେୟର୍ନ ଏଗ୍ରିଗେଟ୍‌ରେ ୭-୧ ଗୋଲରେ ଚେଲସିକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛି।

# ଜୁଭେଣ୍ଟସ ଛାଡ଼ି ପାରନ୍ତି ରୋନାଲ୍ଡୋ

**ଟୁରିନ, ୯।୮**

ଚାମ୍ପିୟନ୍ସ ଲିଗ୍‌ରୁ ଜୁଭେଣ୍ଟସ ବାଦ୍ ପଡ଼ିବାପରେ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି କ୍ଲବ ଛାଡ଼ିବା ସମ୍ପର୍କରେ ଚିନ୍ତା କରୁଛନ୍ତି। ବ୍ୟକ୍ତିଗତଭାବେ ସେ ସିଜନକୁ ଉପଭୋଗ କରିଥିଲେ ହେଁ ତାଙ୍କର ଟ୍ରଫି ଜିତିବା ଅଭିଳାଷ ପୂରଣ ହୋଇ ପାରିନାହିଁ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଜୁଭେଣ୍ଟସ ଚାମ୍ପିୟନ ହେବାର ନିକଟତର ହୋଇ ପାରିନାହିଁ। ଫଳରେ ୟୁରୋପରେ ୬ଷ୍ଠ ଥରପାଇଁ ଚାମ୍ପିୟନ ପଦକ ପିନ୍ଧିବା ସ୍ୱପ୍ନ ଅଧୁରା ରହିଯାଇଛି। ଜୁଭେଣ୍ଟସ ଗତ ସିଜନର କ୍ୱାର୍ଟର ଫାଇନାଲରେ ଆଜାକ୍ସଠାରୁ ଏବଂ ଏଥର ରାଉଣ୍ଡ ଅଫ୍ ୧୬ରେ ଲିୟନଠାରୁ ପରାସ୍ତ ହୋଇଛି। ୩୩ଟି ଲିଗ୍ ମ୍ୟାଚରେ ୩୧ଟି ଗୋଲ ଦେଇ ରୋନାଲ୍ଡୋ ନିଜକୁ ଜଣେ ବିଶ୍ୱସ୍ତରୀୟ ଖେଳାଳି ବୋଲି ପ୍ରମାଣିତ କରିଛନ୍ତି। ତାଙ୍କୁ ୩୫ ବର୍ଷ ହୋଇଯାଇଥିବାରୁ ସେ ଅଧିକ ଟ୍ରଫି ଜିତିବା ସମ୍ଭାବନା କମିବାରେ ଲାଗିଛି। ଲିୟନଠାରୁ ଜୁଭେଣ୍ଟସର ପରାଜୟ ପରେ ସେ କ୍ଲବ ଛାଡ଼ିବାନେଇ ବିଚାର କରୁଥିବା ରିପୋର୍ଟମାନ ପ୍ରକାଶ ପାଇଛି। ଏପରିକି ତାଙ୍କ ଏଜେଣ୍ଟ ଜର୍ଜ ମେଣ୍ଡେସ ପ୍ୟାରିସ ସେଣ୍ଟ-ଜର୍ମନ କ୍ଲବ ସହିତ ଯୋଗାଯୋଗରେ ଥିବା କଥା ଶୁଣିବାକୁ ମିଳୁଛି।


କ୍ରିଷ୍ଟିଆନୋ ରୋନାଲ୍ଡୋ

# ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ

**କୋଲକାତା, ୯।୮ (ପି.ଟି.):** ପୂର୍ବତନ ଭାରତୀୟ ଡିଫେଣ୍ଡର ତଥା ଜଣାଶୁଣା କ୍ଲବ ମୋହନ ବାଗାନ ଅଧିନାୟକ ମାନିଟୋମ୍ବି ସିଂ ମାତ୍ର ୩୯ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁର ରାଜଧାନୀ ଇମ୍ଫାଲ ନିକଟସ୍ଥ ନିଜ ଗ୍ରାମରେ ସେ ମୃତ୍ୟୁବରଣ କରିଛନ୍ତି ବୋଲି ରବିବାର ମୋହନ ବାଗାନ ତରଫରୁ ସୂଚନା ଦିଆଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ରହିଆସୁଥିଲେ ଓ ରବିବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ ଓ ୮ ବର୍ଷର ପୁଅ ଉପସ୍ଥିତ ଥିଲେ। ମାନିଟୋମ୍ବିଙ୍କ ଦେହାନ୍ତରେ ମୋହନ ବାଗାନ ପରିବାର ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି କ୍ଲବର ଟୁଇଟର ହ୍ୟାଣ୍ଡଲରେ ଉଲ୍ଲେଖ କରାଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ହେଉ ଓ ତାଙ୍କ ପରିବାରକୁ ସମବେଦନା ଜଣାଉଛୁ ବୋଲି କ୍ଲବ ତରଫରୁ ଟୁଇଟ୍ କରାଯାଇଛି।






ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା। ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ନାମୀଦାମୀ ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି 'ସଚ୍ଚି ସହେଲୀ' ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲା। କାରଣ ମୋ ଭଉଣୀ ମଧ୍ୟ 'ସଚ୍ଚି ସହେଲୀ'ର ରେଜଲ୍ଟ ସହ ପରିଚିତ ଥିଲା। ତା' କହିବା ଅନୁସାରେ 'ସଚ୍ଚି ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨୧ ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା।


ମୋ ନାମ ଅଞ୍ଜନା, ବୟସ ୩୨ ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଟ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ 'ସଚ୍ଚି ସହେଲୀ' ଟନିକ୍ ୨-୨ ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟ ସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ 'ସଚ୍ଚି ସହେଲୀ'କୁ କୃତଜ୍ଞତା ଜଣାଉଛି ।


ମୋ ନାମ ସୁଲୋଚନା ଦେବୀ, ବୟସ ୨୮ ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ । ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଳାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚି ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ। ନିର୍ଦ୍ଦେଶ ଅନୁଯାୟୀ 'ସଚ୍ଚି ସହେଲୀ' ଟନିକ୍ ୨-୨ ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨ ମାସ ମଧ୍ୟରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ 'ସଚ୍ଚି ସହେଲୀ' ଉପରେ ପୂର୍ଣ୍ଣ ଭରସା ଅଛି।


ମୁଁ ଜୁଲି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ୍ୟ ରହୁଥିଲା। ସମୟ ମଧ୍ୟ ନିୟମିତ ରହୁ ନ ଥିଲା। ଦିନେ ମୋ ମମ୍ମି ମୋତେ ଆୟୁର୍ବେଦିକ 'ସଚ୍ଚି ସହେଲୀ'ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ତବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ 'ସଚ୍ଚି ସହେଲୀ' ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର ୫ ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା। ଥ୍ୟାଙ୍କ ୟୁ 'ସଚ୍ଚି ସହେଲୀ'।

24x7 Helpline : 0171-3055171 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ

କ'ଣ ଆପଣ ବି ଅଛନ୍ତି ଠିକ୍ ଆଇ ଡ୍ରପ୍ ସନ୍ଧାନରେ... ?

- ଆଖିର କ୍ଳାନ୍ତି
- ବ୍ୟଥା
- ଆଖି ଉପରେ ଚାପ
- ଆଖି ଫୁଲିବା
- ଆଖି ଧରିବା



ନିତିଦିନିଆ ଧାଁଦଉଡ଼ରେ ଆମ ଆଖିରେ କେତେ ଧୂଳିମଳି ପଡ଼ିଥାଏ, ଆମେ ଜାଣିପାରି ନ ଥାଉ। ଯେଉଁମାନେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ୫ ଘଣ୍ଟା କାମ କରନ୍ତି, ଅଧିକ ଟିଭି ଦେଖନ୍ତି କିମ୍ବା ଦିନସାରା ମୋବାଇଲରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କ ଆଖିର ଆର୍ଦ୍ରତା କମିଯାଇଥାଏ। କେବଳ ଏତିକି ନୁହେଁ ବଢ଼ିଚାଲିଥିବା ପ୍ରଦୂଷଣ, ଆଖିରେ ଜ୍ୱଳନ, କୁଣ୍ଡିଆ, ଆଖିର କ୍ଳାନ୍ତି ଓ ଆଖି ଉପରେ ପଡୁଥିବା ଚାପ ସାଧାରଣ କଥାରେ ପରିଣତ ହୋଇଯାଇଛି। ଆଖି ପାଇଁ ଆମେ ବିଭିନ୍ନ ପ୍ରକାର ଦେଶୀ-ବିଦେଶୀ ଉପାୟ ମଧ୍ୟ ପ୍ରୟୋଗ କରି ଦେଖିଥାଉ। କିନ୍ତୁ ଆୟୁର୍ବେଦରେ ଉପଲବ୍ଧ ଔଷଧୀ ବ୍ୟବହାର କରି ଆମେ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ନିଜ ଆଖିକୁ ଉପରୋକ୍ତ ସମସ୍ୟାରୁ ରକ୍ଷା କରିପାରିବା ।

ଏଥିପାଇଁ ଦିବିସା ହର୍ବାଲ୍ କେୟାର୍ ଆପଣଙ୍କ ଲାଗି ଆଣିଛନ୍ତି ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସ। ଯାହା ପ୍ରସ୍ତୁତ ହୋଇଛି ଗୋଲାପ, ଦାରୁହଳଦୀ, ମହୁ, ଅଁଳା, ତୁଳସୀ ଓ ପୋଦିନା ଭଳି 12 ଆୟୁର୍ବେଦିକ ଔଷଧୀରୁ। ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ ।




ଦିଗ୍‌ନିର୍ଦ୍ଦେଶ: 2ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁଯାୟୀ ବ୍ୟବହାର କରନ୍ତୁ।

24x7 HELPLINE : 0171-3055299 • Available at all leading medical stores.




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ